



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୮ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 08 MAY 2025
Vol.No. 36 ■ No.120 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ଘରେ ପଶି ମାରିଲା ଭାରତ: ଶତ୍ରୁଦେଶର ୯ ଆତଙ୍କୀ ଆଡ୍ଡା ଧ୍ୱସ୍ତ



- ଅପରେସନ ସିନ୍ଦୂରରେ ଜୈଶ ମୁଖିଆ ମସୁଦର ବଂଶ ନିପାତ
- ପାକିସ୍ତାନ ନାଁ ନେଇ ଚାଇନାକୁ ଧମକ ଦେଲା ଭାରତ
- ଭାରତୀୟ ସେନାର ପରାକ୍ରମ ପରେ ଭୟଭୀତ ପାକିସ୍ତାନ
- ଫେଲ୍ ମାରିଲା ଚାଇନା ମାଲ: ଫାଇଟର ଜେଟ ଜେଏଫ-୧୭ କୁ ଉଡାଇଦେଲା ଭାରତ
- ପାକିସ୍ତାନ ସପକ୍ଷରେ ବାହାରିଲା ଚୀନ

ନୂଆଦିଲ୍ଲୀ, ୦୭/୫ : ପହଲଗାମ ଆକ୍ରମଣର ପ୍ରତିଶୋଧ ନେଲା ଭାରତ । ଅନ୍ଧାର ରାତିରେ କେହି କିଛି ଭାବିବା ଆଗରୁ ଅତର୍କିତ ହେଲା ମିଜାଇଲ ମାଡ। ଖସିଯିବାକୁ ସୁଯୋଗ ପାଇଲେନି ସୈତାନ । ଆକ୍ତାମାକ୍ତା ହୋଇଗଲେ ଆତଙ୍କୀଙ୍କ ଆଡ୍ଡା । ଭାରତୀୟ ସେନାର ଆକ୍ରମଣରେ ଆତଙ୍କୀ ଆଡ୍ଡା ସହ ସମାଧି ନେଲେ ସିନ୍ଦୂର ପୋଛିଥିବା ସୈତାନ । ଆଉ ପୂରା ବିଶ୍ୱ ଦେଖିଲା ଭାରତର ଅପରେସନ ସିନ୍ଦୂର। ସମୟ ସ୍ଥିର ସରିଥିଲା, ଟାର୍ଗେଟ ଲକ୍ ହୋଇଥିଲା । କେବଳ ଅପେକ୍ଷା ଥିଲା ନିର୍ଦ୍ଦେଶକୁ। ସବୁଜ ସଂକେତ ମିଳିବା କ୍ଷଣି ସୀମା ସେପାରିରେ ଆରମ୍ଭ ହୋଇଥିଲା ଅପରେସନ ସିନ୍ଦୂର । ଅତର୍କିତ ହେଲା ଆକ୍ରମଣ । ରାଫେଲ, ମିରାଜ, ସୁଖୋଇ ଭଳି ଘାତକ ଯୁଦ୍ଧ ବିମାନ ପାକିସ୍ତାନରେ ପଶି ରଚିଥିଲେ ପ୍ରଳୟ । ସମୟ ରାତି ୧ଟା ୫ରୁ ୧ଟା ୩୦ । ମାତ୍ର ୨୫ ମିନିଟ୍ । ଏତିକି ସମୟ ଯଥେଷ୍ଟ ଥିଲା ସୈତାନଙ୍କୁ ସବୁଦିନ ଶୁଆଇଦେବା ପାଇଁ । ପିଓକେ ଓ ପାକିସ୍ତାନରେ ଥିବା ୯ଟି ଆତଙ୍କୀ ଆଡ୍ଡାକୁ ବରବାଦ କରିଦେଇଥିଲା ଭାରତୀୟ ସେନାର ବ୍ରହ୍ମୋସ । ପାକିସ୍ତାନ ସୀମାର ୧୦୦ କିଲୋମିଟର ବାହାୱଲପୁର ଭିତରେ ପଶି ଆତଙ୍କୀଙ୍କୁ ନିପାତ କରିଛି ସେନା । ମୁଜାଫରାବାଦର ସୱାଇ ନାଲା କ୍ୟାମ୍ପ, ସୈଦେନା ବିଲାଲ କ୍ୟାମ୍ପ, କୋଟଲିରେ ଥିବା ଗୁଲପୁର, ଅବାସ ଆତଙ୍କୀ କ୍ୟାମ୍ପ, ଭିମ୍ବରରେ ଥିବା ବରନାଲା କ୍ୟାମ୍ପ, ସିଆଲକୋଟରେ ଥିବା ସର୍ଜଲ କ୍ୟାମ୍ପ, ମେହମୁନ୍ନା ଜୋୟା କ୍ୟାମ୍ପ, ମୁରିଦକେରେ ଥିବା ମରକଜ ତାଏବା କ୍ୟାମ୍ପ, ବାହାୱଲପୁରର ମରକଜ ଶୁଭାନଆଲ୍ଲା କ୍ୟାମ୍ପକୁ ଧୂଳିସାତ କରିଥିଲା ଭାରତ । ଏହି ଆତଙ୍କୀ ଆଡ୍ଡାରେ ଜୈସ-ଏ-ମହମ୍ମଦ, ଲସ୍କର-ଏ-ତୋଇବା, ହିଜବୁଲ୍ଲ ମୁଜାହିଦ୍ଦିନର ଆତଙ୍କୀଙ୍କୁ ଟ୍ରେନିଂ ଦିଆଯାଉଥିଲା। ଏହି କ୍ୟାମ୍ପରୁ ଭାରତରେ ହୋଇଥିବା ବିଭିନ୍ନ ଆତଙ୍କବାଦୀ ଆକ୍ରମଣ ଅପରେଟ କରାଯାଉଥିଲା । ପହଲଗାମ ଆକ୍ରମଣ ପରେ ଗୁଇନ୍ଦା ସୂଚନା ଆଧାରରେ ଏହି ଆତଙ୍କୀ କ୍ୟାମ୍ପକୁ ବିସ୍ଫୋରଣରେ ଉଡାଇ ଦେଇଛି ସେନା । ଭାରତୀୟ ସେନାର ଏହି ଅତର୍କିତ ଆକ୍ରମଣ ବାବଦରେ ସାମାନ୍ୟତମ ସୁରାଗ ପାଇନଥିଲା ପାକ୍ ସେନା । ପ୍ରତି ଜବାବ ଦେବା ପୂର୍ବରୁ ହିଁ ଅପରେସନ ସିନ୍ଦୂର ଶେଷ କରି ସୁରକ୍ଷିତ ଭାବେ ଫେରି ଆସିଥିଲେ ଭାରତୀୟ ସେନା । ୨୦୧୯ ପୁଲୱାମା ହମଲା ଓ ୨୦୦୧ ସଂସଦ ହମଲାର ମାଷ୍ଟର ମାଇଣ୍ଡ ତଥା ଜୈଶ-ଇ-ମହମ୍ମଦର ମୁଖିଆ ମହମ୍ମଦ ମସୁଦ ଆଝାରଙ୍କୁ ଭାରତର ଅପରେସନ ସିନ୍ଦୂରରେ ବଡ଼ ଝଟକା ଲାଗିଛି।

▶▶ପୃଷ୍ଠା ୭

## ମୁଁ ଜାଣିଥିଲି ଭାରତ ପ୍ରତିଶୋଧ ନେବ : ଟ୍ରମ୍ପ




ନୂଆଦିଲ୍ଲୀ, ୦୭/୫ : ପହଲଗାମ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ । ଗତକାଲି ମଧ୍ୟରାତ୍ରରେ ପାକ୍ ସୀମାରୁ ୧୦୦ କିଲୋମିଟର ଭିତରକୁ ପଶି ଭାରତୀୟ ସେନା ଏୟାର ଷ୍ଟ୍ରାଇକ୍ କରିଛି । ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ୧୪୦ କୋଟି ଭାରତୀୟ ଯେଉଁ ବଡ଼ କାର୍ଯ୍ୟାନୁଷ୍ଠାନ ଅପେକ୍ଷା କରିଥିଲେ, ତାହା ୭ ମଇରେ କରାଯାଇଥିଲା। ଭାରତୀୟ ସେନାର ମିଳିତ ଅପରେସନ ସିନ୍ଦୁରରେ, ପାକିସ୍ତାନରେ ୪ଟି ଏବଂ ଚକ୍ସକରେ ୫ଟି ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରାଯାଇଥିଲା। ଏବେ ପାକିସ୍ତାନ ଉପରେ ଏୟାର ଷ୍ଟ୍ରାଇକ୍ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଛନ୍ତି ବୟାନ । କହିଥିଲେ ମୁଁ ଜାଣିଥିଲି ଭାରତ ପ୍ରତିଶୋଧ ନେବ । ଏପ୍ରିଲ ୨୨ ତାରିଖରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ କାଲି ମଧ୍ୟରାତ୍ରରେ ପ୍ରତିଶୋଧ ନେଇଛି । କାଲି ମଧ୍ୟରାତ୍ରରେ ଭାରତୀୟ ସେନା ପାକ୍ ଅଧିକୃତ କାଶ୍ମୀର ଓ ପାକିସ୍ତାନର କିଛି ଅଂଶରେ ପ୍ରବେଶ କରି ଆତଙ୍କୀ କ୍ୟାମ୍ପକୁ ଧ୍ୱଂସ କରିଛି । ଏହି ଘଟଣାରେ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଥିଲେ ପୂର୍ବରୁ ଆଶଙ୍କା କରାଯାଉଥିଲା କିଛି ହେବ ବୋଲି । ଆଉ ଆଶା ଥିଲା ଏହା ବହୁତ ଶୀଘ୍ର ଶେଷ ହେବ ବୋଲି । ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ମୁଁ ଏବେ ଏବେ ଅପରେସନ ସିନ୍ଦୂର ବିଷୟରେ ଜାଣିଲି । ଅତିତ ଘଟଣାକୁ ନେଇ ଏପରି କିଛି ଘଟିବାର ପୂର୍ବାନୁମାନ ଥିଲା ବୋଲି ଟ୍ରମ୍ପ କହିଛନ୍ତି । ଏପଟେ ଭାରତର ପାକିସ୍ତାନ ଉପରେ ଏୟାର ଷ୍ଟ୍ରାଇକ୍‌ର ପୃଷ୍ଟି କରିଛି ପାକିସ୍ତାନର ସେନା । ପାକ୍ ର ସେନା କହିଛି ଭାରତୀୟ ମିସାଇଲ୍ ଆକ୍ରମଣରେ ପାକିସ୍ତାନର ସୀମା ଭିତରର ତିନିଟି ସ୍ଥାନ ମୁଜାଫରବାଦ, କୋଟଲୀ ଏବଂ ବହାବଲପୁରର ଅହମ୍ମଦ ଇଷ୍ଟ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି ।

## ଟେଷ୍ଟ କ୍ରିକେଟକୁ ବାଏ ବାଏ କଲେ ହିଟମ୍ୟାନ୍ ରୋହିତ ଶର୍ମା



ନୂଆଦିଲ୍ଲୀ, ୦୭/୫ : ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଲେ ଟିମ୍ ଇଣ୍ଡିଆର କ୍ୟାପଟେନ୍ ରୋହିତ ଶର୍ମା । ଏନେଇ ସେ ଖୋଦ ନିଜ ଇନଷ୍ଟାଗ୍ରାମ ଷ୍ଟୋରୀ ଦ୍ୱାରା ଜଣାଇଛନ୍ତି । ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ୍ ବେଳେ ରୋହିତ ଅବସର ନେବେ ବୋଲି

## ପ୍ରଭୁ ହନୁମାନଙ୍କ ପରି ଆକ୍ରମଣ କଲା ସେନା : ରାଜନାଥ



ନୂଆଦିଲ୍ଲୀ, ୦୭/୫ : ପହଲଗାମ ଆତଙ୍କୀ ହମଲାର ପ୍ରତିଶୋଧ ନେଇ ଭାରତୀୟ ସେନା ପକ୍ଷରୁ ଲଞ୍ଚ କରାଯାଇଥିବା ଅପରେସନ ସିନ୍ଦୁରର ପ୍ରଶଂସାରେ ଶତମୁଖ ହୋଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ବୁଧବାର ସକାଳେ ଭାରତୀୟ ସେନା ପକ୍ଷରୁ ପ୍ରେସ ମିଟ କରାଯାଇ ଅପରେସନ ସିନ୍ଦୁର ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ପ୍ରେସ ମିଟରେ ଭାରତୀୟ ସେନା ପକ୍ଷରୁ କଲୋନେଲ ସୋଫିଆ କ୍ୟୁରେସୀ, ବାୟୁସେନା ପକ୍ଷରୁ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ ଓ ବୈଦେଶିକ ସଚିବ ବିକ୍ରମ ମିଶ୍ରି ମିଳିତ ଭାବେ ପ୍ରେସ ମିଟରେ ଆକ୍ରମଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଆକ୍ରମଣ ପରେ ପ୍ରଥମ ଥର ମିଡିଆ ସମ୍ମୁଖମକୁ ଆସିବା ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ସେନାର ସୌର୍ଯ୍ୟ ଓ ପରାକ୍ରମକୁ ଭୁରି ଭୁରି ପ୍ରଶଂସା କରିଥିଲେ। ୬ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳରେ ବର୍ଡର ରୋଡ ଅର୍ଗାନାଇଜେସନର ୫୦ଟି ପ୍ରକଳ୍ପ ଲଞ୍ଚ କରିବା ସମୟରେ ରାଜନାଥ ଏହି ବୟାନ ଦେଇଥିଲେ। ପାକିସ୍ତାନ ଓ ପାକିସ୍ତାନ ଅଧିକୃତ ଜମ୍ମୁ ଓ କାଶ୍ମୀରରେ ଭାରତୀୟ ଯବାନ ମାନେ ଯେଉଁ ଭଳି ବୀରତ୍ୱର ସହ ଷ୍ଟ୍ରାଇକ କରିଛନ୍ତି ତାହା ପ୍ରଶଂସାର ପାତ୍ର ବୋଲି ରାଜନାଥ କହିଛନ୍ତି। ଯିଏ ଆମ ସହିତ ଲାଗିବ ସେ ମରିବ ବୋଲି ରାଜନାଥ କହିଥିଲେ। ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଛି ।

▶▶ପୃଷ୍ଠା ୭

## ଏୟାରଷ୍ଟ୍ରାଇକ୍ ପରେ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି

### ୩ ସେନାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା



ନୂଆଦିଲ୍ଲୀ, ୦୭/୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟି ଅପରେଶନ ସିନ୍ଦୁର ବିଷୟରେ ସୂଚନା ଦେଇଛନ୍ତି। ଏହି ଅପରେଶନ ଭାରତୀୟ ସେନା, ବାୟୁସେନା ଏବଂ ନୌସେନାର ମିଳିତ କାର୍ଯ୍ୟ ଥିଲା, ଯେଉଁଥିରେ ପାକିସ୍ତାନ ଅଧୀନସ୍ଥ କାଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ ମିସାଇଲ ମାଡ କରାଯାଇଥିଲା। ସୂଚନା ଅନୁଯାୟୀ, ମୋଦୀ କ୍ୟାବିନେଟ ବୈଠକ ପରେ ରାଷ୍ଟ୍ରପତିଙ୍କୁ ଏହି ଅପରେଶନର ସଫଳତା ଏବଂ ଏହାର ଗୁରୁତ୍ୱ ବିଷୟରେ ଅବଗତ କରାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୋଦିଙ୍କ କ୍ୟାବିନେଟରେ ଏହି ଅପରେଶନ ଦେଶ ପାଇଁ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଥିଲେ। ଅପରେଶନ ସିନ୍ଦୁରରେ ମୁଜାଫରାବାଦ, କୋଟଲି, ଭିମ୍ବେର ଏବଂ ସିଆଲକୋଟରେ ଥିବା ଲସ୍କର-ଏ-ତୋଇବା, ଜୈଶ-ଏ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦୀନ ଭଳି ଆତଙ୍କବାଦୀ ସଂଗଠନର ଶିବିରକୁ ଟାର୍ଗେଟ କରାଯାଇଥିଲା। ସରକାର ଏହି ଅପରେଶନ ବିଷୟରେ ଆଲୋଚନା ପାଇଁ ମେ ୮ ତାରିଖରେ ସଂସଦୀୟ ଲାଇବ୍ରେରୀ ଭବନରେ ସର୍ବଦଳୀୟ ବୈଠକ ଡାକିଛନ୍ତି।

## ଅପରେସନ ସିନ୍ଦୁର ପରେ ଦେଶର ୧୮ ବିମାନବନ୍ଦର ଅସ୍ଥାୟୀ ଭାବେ ବନ୍ଦ

### ଷ୍ଟାଡିୟମ ଉଡାଇଦେବାକୁ ପାକିସ୍ତାନରୁ ଆସିଲା ଧମକ



ନୂଆଦିଲ୍ଲୀ,୦୭/୫: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ମଙ୍ଗଳବାର ରାତିରେ ଅପରେସନ ସିନ୍ଦୂର ଅଭିଯାନ କରିଥିଲା। ଏହି କାରଣରୁ, କେନ୍ଦ୍ର ସରକାର କିଛି ଅଞ୍ଚଳରେ ଆକାଶପଥ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଲଗାଇଛନ୍ତି। ଏହି କାରଣରୁ, ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ (୧୦ ମଇ, ୨୦୨୫) ସକାଳ ୫:୩୦ ପର୍ଯ୍ୟନ୍ତ ଅନେକ ବିମାନ ଉଡ଼ାଣ ବାତିଲ କରିଛନ୍ତି। ଏହି ନିଷେଧର ପ୍ରଭାବ ବିଶେଷକରି ଉତ୍ତର ଭାରତର ଅନେକ ବିମାନବନ୍ଦରରେ ଦେଖିବାକୁ ମିଳୁଛି। ଦେଶର ୧୮ଟି ବିମାନବନ୍ଦରକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି। ଏଥିମଧ୍ୟରେ ଜାମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ଅମୃତସର, ଭୁଜ, ଚଣ୍ଡିଗଡ଼, ପଠାନକୋଟ, ଯୋଧପୁର, ଜୈସଲମେର, ଶିମଲା, ଧର୍ମଶାଳା, ଜାମନଗର, ନାନ୍ଦେଡ, କିଶାନଗଡ, ଆଦମପୁର, ହିଣ୍ଡନ ଏବଂ ରାଜକୋଟ ବିମାନବନ୍ଦର ରହିଛି। ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ସୂଚନା ଦେଇଛି ଯେ ଅମୃତସର, ବିକାନେର, ଚଣ୍ଡିଗଡ଼, ଧର୍ମଶାଳା, ଗ୍ୱାଲିୟର, ଜମ୍ମୁ, ଯୋଧପୁର, କିଶନଗଡ଼, ଲେହ, ରାଜକୋଟ ଏବଂ ଶ୍ରୀନଗର ଭଳି ସହରରୁ

▶▶ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟ୍‌ରେ ୫ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ




ଭୁବନେଶ୍ୱର, ୦୭/୫ (ନି.ପ୍ର): ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ୫ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି, ରାଜ୍ୟ ସରକାର ୫ ବିଭାଗର ୮ ପ୍ରସ୍ତାବକୁ କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ।

▶▶ପୃଷ୍ଠା ୭

## ମାଓବାଦୀ-ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ: ୨୨ ନକ୍ସଲ ନିହତ



ମାଲକାନଗିରି, ୦୭/୫ (ନି.ପ୍ର): ମାଲକାନଗିରି ସୀମାନ୍ତ ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାନ୍ତବର୍ତ୍ତୀ କାରେଗଟ୍ଟା ଜଂଗଲରେ ଗତ ୧୬ ଦିନ ହେବ ମାଓ ଅପେରସନ ଜୋରଦାର ଚାଲିଛି। ତେବେ ଗତକାଲି ରାତିଠାରୁ ଜଙ୍ଗଲରେ ମାଓବାଦୀଙ୍କ ସହ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି। ଏହି ଗୁଳିବିନିମୟରେ ୨୨ ଜଣ ନକ୍ସଲ ନିହତ ହୋଇଥିବା ଖବର ମିଳିଛି। କିନ୍ତୁ କୌଣସି ପୁଲିସ ଅଧିକାରୀ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ନକ୍ସଲ ନିହତ ହୋଇଛନ୍ତି କହୁ ନାହାନ୍ତି। ସନ୍ଧ୍ୟା ସୁଦ୍ଧା ସମସ୍ତ ରିପୋର୍ଟ ମିଳିବ ବୋଲି ପୁଲିସ କହୁଛି। ମାଓ ଦମନରେ ନିର୍ଣ୍ଣାୟକ ମୋଡ଼ରେ ଯବାନ। ନକ୍ସଲଙ୍କୁ ଆଉ ନିସ୍ତାର ନାହିଁ। ନକ୍ସଲ ମରିବେ ନଚେତ ଆତ୍ମସମର୍ପଣ କରିବେ ବୋଲି କୁହାଯାଇଛି। ଛତିଶଗଡ଼ ସରକାରଙ୍କ ସମେତ ପୁଲିସ ବିଭାଗର ଏବଂ ସିଆରପିଏଫର ଉଚ୍ଚ ପଦାଧିକାରୀମାନେ ଏହି ଘଟଣା ଉପରେ ନଜର ରଖିଥିବା କହିଛନ୍ତି। ଗତ କିଛି ଦିନ ମଧ୍ୟରେ କାରେଗଟ୍ଟା ଜଂଗଲରୁ ୨୫୦ଟି ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି। ସମ୍ପୂର୍ଣ୍ଣ ନକ୍ସଲ ଦମନ ହେଲେ ହିଁ ସୁରକ୍ଷାକର୍ମୀ ଶାନ୍ତିରେ ବସିବେ ବୋଲି କୁହାଯାଇଛି। ମାଓ ଦମନରେ ନିର୍ଣ୍ଣାୟକ ମୋଡ଼ରେ ଯବାନ। ନକ୍ସଲଙ୍କୁ ଆଉ ନିସ୍ତାର ନାହିଁ। ନକ୍ସଲ ମରିବେ ନଚେତ ଆତ୍ମସମର୍ପଣ କରିବେ ବୋଲି କୁହାଯାଇଛି।

▶▶ପୃଷ୍ଠା ୭

# ଆରୁହାରେ ଯୁବକଙ୍କୁ ହତ୍ୟା ଘଟଣାରେ ଜଣେ ଗିରଫ

ଧର୍ମଶାଳା,୦୭/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ରାହାଡପୁର ପଦ୍ମାବତୀ କ୍ରସରରେ କାମ କରୁଥିବା ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗରେ ପୁଲିସ ଆଜି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଧର୍ମଶାଳା ଥାନା ଜାରକା ଜାମୁବଣିଆ ମୌଜାର ଅଜୟ ଜେନାଙ୍କ ପୁଅ ଅର୍ଜିତ ଜେନା (୨୨) ଜେନାପୁର ଥାନା ରାହାଡପୁରସ୍ଥିତ ଜ୍ଞାନରଞ୍ଜନ ମହାପାତ୍ର ( ସିଲୁ)ଙ୍କ ପଦ୍ମାବାତୀ କ୍ରସରରେ କର୍ମଚାରୀ ଭାବେ କାମ କରୁଥିଲେ । ତେବେ ଅର୍ଜିତ ଗତ ୨୬ ତାରିଖରେ ଘରୁ କ୍ରସକୁ ଯାଇଥିବା ବେଳେ ତାର ମୋବାଲ ନଲାଗିବାରୁ ତାର ମା ଏବଂ ସମ୍ପର୍କିୟ ଭାଇ ତାକୁ ଖୋଜିବା ଲାଗି ରାହାଡୁରସ୍ଥିତ କ୍ରସରକୁ ଯାଇଥିଲେ । ତେବେ ତାକୁ ଧର୍ମଶାଳା ଥାନା ଭଡଙ୍ଗାସ୍ଥିତ ମାଲିକ ଘରକୁ ନେଇଯାଇଥିବା କ୍ରସରର କର୍ମଚାରୀମାନଙ୍କ ଠାରୁ ଜାଣିବା ପରେ ସେମାନେ ସେଠାକୁ ଯାଇଥିଲେ । ତେବେ ସେଠାରେ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଓ ପରେ ତାକୁ କଟକ ମେଡିକାଲରେ ଭର୍ତି କରିଥିଲେ । ସେଠାରେ ତାର ଚିକିତ୍ସା ଚାଲିଥିବା ବେଳେ ୩୦ ତାରିଖ ଅପରହ୍ନରେ ତାର ମୃତ୍ୟୁ ହୋଇଥିଲା । ସୁଦୁର ସୁରଟରେ କାମ କରୁଥିବା ତାର ବାପା ଅଜୟ ଜେନା ଖବର ପାଇ ଘରେ ପହଁଚି ତାଙ୍କ ପୁଅକୁ କ୍ରସର ମାଲି ଜ୍ଞାନରଞ୍ଜନ ମହାପାତ୍ର ସମେତ ଅନ୍ୟ କର୍ମଚାରୀମାନେ ଲୁହାରଡରେ ଅମାନୁସିକ ଭାବେ ମାଡ ମାରିବା ସହିତ ଲୁହାରଡରେ ଚେଙ୍କ ଦେଇଥିଲେ. ଯାହା ଫଳରେ ତାଙ୍କ ପୁଅର ମୃତ୍ୟୁ ହୋଇଛି ବୋଲି ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୨୫୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏହି ଘଟଣାରେ ପୁଲିସ କ୍ରସର ମାଲିକ ବଡଚଣା ଥାନା ଖୋସାଲୀପୁର ଗ୍ରାମର ଜ୍ଞାନରଞ୍ଜନ ମହାପାତ୍ର (ସିଲୁ), ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର କ୍ରସର କର୍ମଚାରୀ ସତ୍ୟରାଞ୍ଜନ ବଳ,କୁଆଖିଆ ଥାନା ଜାବରା ଗ୍ରାମର ହେମାନ୍ତ କୁମାର ଦେଓ, ଧର୍ମଶାଳା ଥାନା ହରିଦାସପୁର ଗ୍ରାମର ସୋମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଛି । ତେବେ ପୁଲିସ ଆଜି କ୍ରସର କର୍ମଚାରୀ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସତ୍ୟରଞ୍ଜନ ବଳ (୨୪)ଙ୍କୁ ଗିରଫ କରିବା ସହ ୬ ଗୋଟି ପ୍ଲାଷ୍ଟିକ ପାଇପ ଖଣ୍ଡ,୩ ଗୋଟି ମୋବାଇଲ ଫୋନ ଓ ୨ଟି ବାଇକ ଜବତ କରିଛି ବୋଲି ଏକ ପ୍ରେସ ବିବୃତିରେ ଜଣାଇଛି । ଆଜି ଅପରାହ୍ନରେ ସତ୍ୟରଞ୍ଜନକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବାରୁ ପୁଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ । ଅଭିଯୁକ୍ତମାନଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଯାଜପୁର ରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଇଛନ୍ତି ।

## ଜାତୀୟ ତାଳତେଲ ତାଲିମ ଶିବିର

ସମ୍ବଲପୁର,୦୭/୫(ନି. ପ୍ର): ଜିଲ୍ଲା ଉଦ୍ୟାନ କୃଷି ବିଭାଗ ଓ ତାଳତେଲ ସହଯୋଗୀ କମ୍ପାନୀ ତ୍ରୁୟାଳା ଆଗ୍ରୋ ପ୍ରାଇଭେଟ ଲିମିଟେଡ଼ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଦର ଉପନିର୍ଦ୍ଦେଶକ ଉଦ୍ୟାନ କୃଷିବିଭାଗ ସଭାଗୃହରେ ଜିଲ୍ଲାର କୁଚିଣ୍ଡା, ବାମରା, ଜମନକିରା, ଜୁଯୋମୁରା ଏବଂ ରେଙ୍ଗାଲି ବ୍ଲକର ଚାଷୀଙ୍କୁ ନେଇ ଏକ ଜାତୀୟ ତାଳତେଲ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ତାଲିମ ଶିବିରରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ, ତାଳତେଲ ଜିଲ୍ଲା ପରିଚାଳକ ମନୋଜ ଦାସ, ଓୟୁଏଟି ପ୍ରଫେସର ବିଜୟ ସେଠୀ, ଜଙ୍ଗଲ ବିଭାଗୀୟ ଅଧିକାରୀ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ସହକାରୀ କୃଷି ଯନ୍ତ୍ରୀ ରାଧାମୋହନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଚାଷୀ ମାନଙ୍କୁ ତାଳତେଲ ଚାଷ ସମ୍ବନ୍ଧୀୟ କ୍ଷେତ୍ର ପରିଚାଳନା, ରୋପଣ କୌଶଳ, ଚାଷରୁ ଆମାଦିତ ଲାଭାଂଶ ଏବଂ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରୋତ୍ସାହନ ରାଶି ସମ୍ବନ୍ଧରେ ସମ୍ପୂର୍ଣ ତାଲିମ ଦେଇଥିଲେ । ଏହି ଅବସରରେ ପୂର୍ବରୁ ବରଗଡ଼ ଜିଲ୍ଲା ଅତାବିରାରେ ଚାଷ ହୋଇଥିବା ତାଳତେଲ କ୍ଷେତ୍ର ମଧ୍ୟ ପରିଦର୍ଶନ କରାଇଥିଲେ କ୍ଷ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସମସ୍ତ ପ୍ରଶିକ୍ଷାର୍ଥୀ ଚାଷୀ ସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ଦିନରେ ଏଥିରେ ନିଶ୍ଚିତ ସଫଳ ହେବାର ଆଶା ପ୍ରକାଶ କରିଛନ୍ତି ।

# ନିଶା ଇଞ୍ଜେକସନ କାରବାର ମାମଲାରେ ୩ ଗିରଫ

ଜୟପୁର,୦୭/୫(ନି. ପ୍ର): ନିଶା ଇଞ୍ଜେକସନ କାରବାର କରୁଥିବା ମାମଲାର ଆଜି ଜୟପୁର ଟାଉନ ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ୩ଜଣ ହେଲେ ନାଗାର୍ଚି ସାହିର ମନୁ ପଣ୍ଡା(୨୭), ପୁରୁଣାଗଡ ଅଂଚଳର ସୁରଜ ଗୁପ୍ତା(୨୮) ଏଲିଅସ ସୋନୁ ଓ ଗୋପବନ୍ଧୁ ନଗରର କୃଷ୍ଣ ଟାକ୍ରୀ(୨୬)। ଗତ କିଛି ଦିନ ହେଲା ଟାଉନ ପୁଲିସ ଖବର ପାଇଁ ଏମାନଙ୍କ ଗ୍ୟାଙ୍ଗ ଉପରେ ନଜର ରଖିଥିଲା। ଏସଆଇ ରାଜେନ୍ଦ୍ର କୁମାର ପାଙ୍ଗି ସାଧା ପୋଷାକରେ ଅଭିଯୁକ୍ତ ମାନଙ୍କର ଉପରେ କଡା ନଜର ରଖିଥିଲେ। ଆଜି ସ୍ଥାନୀୟ ଢେପଗୁଡା ନିକଟରେ ୩ଜଣ ଅଭିଯୁକ୍ତଙ୍କୁ ଧରି ସେମାନଙ୍କ ଠାରୁ ଇଞ୍ଜେକସନ ସମେତ ଏକ ସ୍କୁଟି ଜବତ କରିଛନ୍ତି।
ବିଶେଷ ସୁତ୍ରରୁ ପ୍ରକାଶ ଯେ ଏହି ଅଭିଯୁକ୍ତମାନେ ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କ ଠାରୁ ପେଂଟାପ୍ରାଜୋଲ ଇଞ୍ଜେକସନ ଏକ ଘରୋଇ ବସରେ ଆଣୁଥିଲେ। ବସରୁ ଓହ୍ଲାଇବା ପରେ ଗ୍ରାହକ ମାନଙ୍କୁ ଯୋଗାଇ ଦିଆଯାଉଥିଲା। ଏପରିକି ସହରରେ ଥିବା ଔଷଧ ବିତରକ କେନ୍ଦ୍ର ମାନଙ୍କୁ କିଣି ମଧ୍ୟ ଏହି ବ୍ୟବସାୟ କରୁଥିବା ଜଣା ପଡିଛି। ଖୁବ କମ ଦାମରେ ଏହି ଇଞ୍ଜେକସନ ଗୁଡିକ କିଣିବା ପରେ ଚଢା ଦରରେ ଏହାକୁ ବିକ୍ରି କରାଯାଉଛି। ଯାହା ଫଳରେ ଯୁବ ବର୍ଗ ଓ ଯୁବତୀ ମାନେ ଏହି ଇଞ୍ଜେକସନର ଶିକାର ହେଉଛନ୍ତି। ଅନେକ ସମୟରେ ଯୁବତୀ ମାନେ ମଧ୍ୟ ଏହି ନିଶା ଇଞ୍ଜେକସନ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ବର୍ତମାନ ପୁଲିସ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଆଗାମୀ ଦିନରେ ଏହାରେ ଚେର କେତେଦୁର ଲମ୍ବିଛି ଓ ଏହାର ମାଷ୍ଟର ମାଇଣ୍ଡେକୁ ଧରିବେ ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ବେହେରା ସୂଚନା ଦେଇଛନ୍ତି।
ପ୍ରକାଶ ଥାଉକି ସହରର ଖୋଲାମେଲା କିମ୍ବା ପରିତ୍ୟକ୍ତ ସ୍ଥାନ ନୁହେଁ ବରଂ ମୁଖ୍ୟ ରାସ୍ତା କଡରେ ବି ଚାଲୁଛି ନିଶା କାରବାର। କୋମଳ ବୟସରେ ପଥ ହୁଡୁଛନ୍ତି ନାବାଳକ। କିଏ ଫେବିକଲ ରେ ନିଶାନେଉଛି ତ କିଏ ଗଞ୍ଜେଇ ବ୍ୟବହାର କରୁଛି ତ କିଏ ଇଞ୍ଜେକସନରେ ନିଶା ବ୍ୟବହାର କରୁଛନ୍ତି। ନିଶାଖାଇ ଯୁବ ଗୋଷ୍ଠି ମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ସାମିଲ ହେଉଛନ୍ତି। ଚୋରି ରାହାଜାନି ଓ ଲୁଟପାଟ କରିବାକୁ ପଛାଉନାହାନ୍ତି। ଖାଲି ସେତିକି ନୁହେ ନିଶା ଖାଇ ଅକ୍ଷତ ଶରୀରକୁ କ୍ଷତରେ ଭରୁଛନ୍ତି। ସହରର ଦୈନିକ ବଜାରର ୪ଟି ଯାକ ଗେଟ ସମ୍ମୁଖ, ଦ୍ୱିତୀୟ ଦୈନିକ ବଜାର, ଟାଉନହଲ ପରିସର, ନୂଆ ପୁରୁଣା ବସଷ୍ଟାଣ୍ଡ, ବାଇପାସ ରୋଡ, ଜୟନଗର ରୋଡ, ଭୁତନାଥ ମନ୍ଦିର ନିକଟ, କେନାଲ ରୋଡରେ ସନ୍ଧ୍ୟା ଓ ସକାଳ, ହାତିଶାଳ ଭଳି ସ୍ଥାନରେ ନିତିଦିନ ନିଶାଡିଙ୍କ ଆଡ୍ଡା ଜମୁଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶୀତଳଷଷ୍ଠୀ ସମନ୍ୱୟ ସମିତି କର୍ମକର୍ତ୍ତା

ସମ୍ବଲପୁର,୦୭/୫(ନି. ପ୍ର): ନନ୍ଦପଡା, ଝାଡୁଆପଡ଼ା ଓ ମୁଦିପଡ଼ାକୁ ନେଇ ଗଠିତ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ମିଳିତ ସମନ୍ୱୟ ସମିତିର କର୍ମକର୍ତାମାନେ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି । ଶୀତଳଷଷ୍ଠୀ ଯାତ୍ରା ସମୟରେ ସମ୍ବଲପୁର ଆସିବା ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଶୀତଳଷଷ୍ଠୀ ଯାତ୍ରା ସମୟରେ ସମ୍ବଲପୁର ଗସ୍ତରେ ଆସିବା ପାଇଁ ସମନ୍ୱୟ ସମିତିର କର୍ମକର୍ତା ମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ସେମାନେ ଏହା ପୂର୍ବରୁ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଭେଟି ଶୀତଳଷଷ୍ଠୀ ଯାତ୍ରା ପାଇଁ ଦେବୋତର ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଦେବା ପାଇଁ ଅନୁରୋଧ କରିଛନ୍ତି। ଗତବର୍ଷ ଏବଂ ଚଳିତ ବର୍ଷର ଆର୍ଥିକ ସହାୟତା ଏକ ସଂଗରେ ପ୍ରଦାନ କରିବା ନିମନ୍ତେ ଆଇନ ମନ୍ତ୍ରୀ କହିଛନ୍ତି। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଭେଟିଥିବା ଏହି ପ୍ରତିନିଧି ଦଳରେ ସମନ୍ୱୟ ସମିତିର ସଭାପତି ସୁଶାନ୍ତ ପୁରୋହିତ, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ରଙ୍କ ସହିତ ସରୋଜ ଦଳପତ, ସମୀର ବାବୁ, ମୁନୀଲ ଦାଶ, ଭୋଳା ଶଙ୍କର ମହତମ, ବିନୋଦ ପଣ୍ଡା, ଶୁଭେନ୍ଦୁ ମିଶ୍ର, ବାବୁଲୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆସନ୍ତା ୧୦ରେ ଲୋକ ଅଦାଲତ

କେନ୍ଦ୍ରାପଡ଼ା,୦୭/୫(ନି. ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ଆସନ୍ତା ୧୦ ତାରିଖ (ଶନିବାର) ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି । କେନ୍ଦ୍ରାପଡା କୋର୍ଟ ବ୍ୟତୀତ ଏହାର ତାଲୁକ ସ୍ତରୀୟ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ରେ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଜନ ସାଧାରଣଙ୍କୁ ବିନା ମୂଲ୍ୟରେ ଅଇନ ଯୋଗାଇ ଦେବା ଉକ୍ତ ଲୋକ ଅଦାଲତ ର ଉଦ୍ଦେଶ୍ୟ । ଏଥିରେ ସାଲିସ ଯୋଗ୍ୟ, ଫୌଜଦାରୀ ମାମଲା, ଚେକ୍ ବାଉନ୍ସ ଟଙ୍କା ପୁନଉଦ୍ଧାର, ମଟର ଯାନ ଦୁର୍ଘଟଣା ଜନିତ ମାମଲା, ଶ୍ରମ ବିବାଦ, ବିଦ୍ୟୁତ୍ ଓ ଅନନ୍ୟ ବିଲ୍ ଇତ୍ୟାଦି ଉକ୍ତ ଲୋକ ଅଦାଲତ ରେ ସମାଧାନ ହୋଇପାରିବ । ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୦ଟା ରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ମାନ୍ୟବର ଜିଲ୍ଲା ଦୌରାଜଜଙ୍କ ତତ୍ୱବଧାନ ରେ ଆରମ୍ଭ ହୋଇ ଉପରୋକ୍ତ ମାମଲା ସମାଧାନ କରାଯିବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁ ପ୍ରକାଶ କରିଛନ୍ତି ।

# ପ୍ରଭୁଦାନ ଭତ୍ରାଙ୍କ ଜୟନ୍ତୀ ପାଳିତ

ଜୟପୁର,୦୭/୫(ନି. ପ୍ର): ପ୍ରଭୁଦାନ ଭତ୍ରା ଥିଲେ ଏକ ବିରଳ ବିସ୍ମୟ ବ୍ୟକ୍ତି । ମାନବ ସେବାକୁ ସେ ନିଜ ଧର୍ମ ଭାବେ ଗ୍ରହଣ କରିଥିଲେ । ତାଙ୍କର ନିସ୍ୱାର୍ଥପର ସମାଜ ସେବା, ସାରସ୍ୱତ ସାଧନା ଓ ନିରଳସ ଜୀବନ ପ୍ରତ୍ୟେକଙ୍କୁ ଅନୁପ୍ରାଣିତ କରୁଥିବ । ତାଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି ଏହା ସ୍ୱୀକାର କରିଥିଲେ। ପ୍ରଭୁଦାନ ଭତ୍ରକ୍ଷ ସ୍ମୃତି ସଂସଦ ଏବଂ ଫ୍ଲୋରେନସ ନାଇଟିଙ୍ଗଲ ଏ. ଏନ. ଏମ୍. ପ୍ରଶିକ୍ଷଣ କେନ୍ଦ୍ର, ଜୟପୁରର ମିଳିତ ଆନୁକୁଲ୍ୟରେ ସାମ୍ବାଦିକ, ସମ୍ପାଦକ, ସମାଜସେବୀ ଓ ଆଶୁକବି ସ୍ୱର୍ଗତ ପ୍ରଭୁଦାନ ଭତ୍ରକ୍ଷଙ୍କ ୯୩ତମ ଜୟନ୍ତୀ ଓ ଆଲୋଚନା ସଭା ସ୍ଥାନୀୟ ଫ୍ଲୋରେନସ ନାଇଟିଙ୍ଗଲ ଏ. ଏନ୍. ଏମ୍. ପ୍ରଶିକ୍ଷଣ କେନ୍ଦ୍ରରେ ଡ. ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଦିବାସୀ ଗବେଷକ ଡଃ. ରାଜେନ୍ଦ୍ର ପାଢି ମୁଖ୍ୟ ଅତିଥି ଭାବେ, ଓଡିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଦସ୍ୟ ଡଃ. ପ୍ରଦୀପ କୁମାର. ମିଶ୍ର ମୁଖ୍ୟବକ୍ତା ଭକ୍ଷବେ, ବରିଷ୍ଠ ସାହିତ୍ୟିକ ଓ ଶିକ୍ଷାବିତ୍ ହରିହର କରସୁଧା ପଟ୍ଟନାୟକ ବକ୍ତା ଏବଂ ଏ. ଏନ୍. ଏମ୍. ଟି. ସି.ର ଟ୍ୱିଟର ଭାରତୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ସ୍ୱର୍ଗତ ଭତ୍ରକ୍ଷଙ୍କ ସମାଜ ସେବକ୍ଷ, ସାହିତ୍ୟ ସାଧନା ଓ ସାମ୍ବାଦିକତା ଉପରେ ଆଲୋକପାତ କରିଥିଲେ। ସଭାରେ କବୟିତ୍ରୀ କବିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଏଫ୍. ଏନ୍. ଏ. ଏମ୍. ପ୍ରଶିକ୍ଷଣ ଛାତ୍ରୀଗଣ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ସଂସଦର ସମ୍ପାଦକ, କବି ପ୍ରକାଶ ମହାନନ୍ଦିଆ ସମ୍ପକ୍ଷକୀୟ ବିବରଣୀ ପାଠ କରିଥିଲେ । ସରକାରୀ ଏ. ଏନ୍. ଏମ୍. ଟି. ସି. ର ଟ୍ୱିଟର ଭାରତୀ ମଲ୍ଲିକଙ୍କୁ ତାଙ୍କ ଆଜୀବନ ସ୍ୱାସ୍ଥ୍ୟ ସେବା ପାଇଁ ତାଙ୍କୁ 'ପ୍ରଭୁଦାନ ଭତ୍ରକ୍ଷ ସ୍ମୃତି ସମ୍ମାନ ' ପ୍ରଦାନ କରାଯାଇଥିଲା । ଶେଷରେ ଉପ ସଭାପତି ଗୌରବ ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଶୋକ ମହାରଣା ସଭାପତି ଭାବେ ଏବଂ ଅଶୋକ ପଲେଇ ଓ କବିତା ସାହୁ କବିତା ସଂଯୋଜନା କରିଥିଲେ । କବିତା ପାଠୋତ୍ସବରେ ଚଉଦ ଜଣ କବି ଓ କବୟତ୍ରୀ ଯଥା କବିତା ମଞ୍ଜୁରୀ ପଲେଇ, ନାରାୟଣ ସଗର, ପ୍ରମୋଦ ରାଉଳ, ଗେଲିଆ ଯାନି,ଡୋଲି ନାୟକ, ଘାସିରାମ ମହାପାତ୍ର, ଡ. ରାଜେନ୍ଦ୍ର ପାଢି, ଅଜୟ ମଲ୍ଲିକ, ଶୋଭାଗିନି ନନ୍ଦ, ଆଲୋକ ମହାରଣା, ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ସନ୍ତୋଷ ସାହୁ, ପ୍ରକାଶ ମହାନନ୍ଦିଆ ଏବଂ କବିତା ସାହୁ କବିତା ପାଠ କରିଥିଲେ । ଆଲୋକ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।
ଏହି ଜୟନ୍ତୀ ପାଳନ ଉତ୍ସବରେ ଆଡଭୋକେଟ ମଦନମୋହନ ନାୟକ, ଶାନ୍ତି ଭତ୍ରକ୍ଷ , ସନ୍ତୋଷ ପଟ୍ଟନାୟକ, ବିଦ୍ୟାଧର ମାଳି, ମନୋଜ କୁମାର ପଣ୍ଡା. ଏଫ୍. ଏନ୍. ଏ. ଏନ୍. ଏମ୍. ପ୍ରଶିକ୍ଷଣର ଛାତ୍ରୀଗଣ, କର୍ମଚାରୀ, ଅଭିମନ୍ୟୁ ବନ୍ୟା, ବିନୀତ ରାଜ ସତ୍ ମନ, ନିକୁଞ୍ଜ ରଞ୍ଜନ ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଦ୍ୱାରା ପାରମ୍ପରିକ ପଶୁ ଚିକତ୍ସା ସମ୍ପର୍କିତ କର୍ମଶାଳା

କନ୍ଧମାଳ,୦୭/୫(ନି. ପ୍ର): କନ୍ଧମାଳର ସ୍ୱେଚ୍ଛାସବୀ ଅନୁଷ୍ଠାନ ସ୍ୱାତୀ, ପ୍ରଦାନ ଓ ଏନ.ସି.ଏନ.ଏଫ୍. କନ୍ଧମାଳ ଚାପ୍ଟର ଙ୍କ ମିଳିତ ଉଦ୍ୟମରେ ପାରମ୍ପରିକ ପଶୁ ଚିକିତ୍ସା ସମ୍ପର୍କିତ ଏକ ଏକଦିବସିୟ କର୍ମଶାଳା ସ୍ୱାତୀ, ବନ୍ଧଗଡ ଠାରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ଡା.ବଳରାମ ସାହୁ (ପ୍ରାଣୀ ଚିକିତ୍ସା ବିଷାରଦ) ଯେଉଁଠାରେ ପଶୁ ଡାକ୍ତର ନାହାଁନ୍ତି ସେଠାରେ କିଭଳି ସହଜ , ସରଳ, ମିତବ୍ୟୟ ଓ ଦେଶୀୟ ଉପଚାର ମାଧ୍ୟମରେ ପଶୁ, ପକ୍ଷୀ ବିଶେଶ କରି ଛେଳି, ଗାଇ ଓ କୁକୁଡା ଇତ୍ୟାଦି ଙ୍କର ଚିକିତ୍ସା, ଯତ୍ନ ଓ ବିକାଶ କରାଯାଇପାରିବ ତାହା ଅତି ସରଳ ଓ ଆଂଚଳିକ ଭାଷା ରେ ଅଂଶଗ୍ରହଣ କାରୀ ଙ୍କୁ ବୁଝାଇଥିଲେ । ଡା.ମହମ୍ମଦ ଇମ୍ରାନ ଅଲ୍ଲି , ଏନ.ସି.ଏନ.ଏଫ୍. ରାଜ୍ୟ ସଂଯୋଜକ ପାରମ୍ପରିକ କୃଷି ଓ ପଶୁ ସମ୍ପଦର ସାମଞ୍ଜସ୍ୟ ଏବଂ ପ୍ରାକୃତିକ କୃଷି ର ଉପାଦେୟତା ବିଷୟରେ ଲୋକ ମାନଙ୍କୁ ବୁଝାଇଥିଲେ । ସ୍ୱାତୀ ସଂପାଦକ ଇଂ ହରିଶଙ୍କର ରାଉତ ଆଗାମୀ ଦିନ ମାନଙ୍କରେ ଯୁବ ଚାଷୀ ମାନେ ପଶୁ ପାଳନ କରି ସ୍ୱାବଲମ୍ବି ହେବା ସହିତ ପାରମ୍ପରିକ ପଶୁ ଚିକିତ୍ସା କୁ ଜନାଦୃତ କରିବାରେ ମୁଖ୍ୟ ଭୁମିକା ତୁଲାଇବେ ବୋଲି କହିଥିଲେ । ସମ୍ବନିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ର ପ୍ରକଳ୍ପ ପରିଚାଳକ ପି.ମୁରଲି ମୋହନ ସରକାର ଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପଶୁ ପାଳନ ପ୍ରୋତ୍ସାହନ କୁ ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀ ମାନେ ଆଗାମି ଦିନରେ ଲାଭବାନ ହେବା ସହିତ, ପଶୁ ସମ୍ପଦ ର ସମୃଦ୍ଧି ରେ ସହଯୋଗ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ପ୍ରାଏ ୭୦ ଜଣ ପୁରୁଷ ଓ ମହିଳା ପଶୁପାଳକ, ପଶୁ ସମ୍ପଦ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ବିନା ବା କମ୍ ଖର୍ଚ୍ଚ ରେ ଘରୋଇ ଉପଚାର ସମ୍ବନ୍ଧିୟ ପଶୁ ରୋଗ ଚିକିତ୍ସା ଜ୍ଞାନ ଅଂଶଗ୍ରହଣକାରୀ ଙ୍କୁ ଆଗାମି ଦିନ ମାନଙ୍କରେ ପଶୁ ସମ୍ପଦ ପରିଚାଳନାରେ ସହାୟକ ହେବା ନିଜ ନିଜ ଗ୍ରାମ ସ୍ତରରେ ଅନ୍ୟ ଚାଷି ମାନଙ୍କୁ ସହଯୋଗ କରିବେ ବୋଲି ସ୍ୱାତୀ ର କୋଷାଧକ୍ଷ ଶାନ୍ତନୁ କୁମାର ମିଶ୍ର କହିଥିଲେ । ଡା.ସାହୁ ଙ୍କ ନିରନ୍ତର ପଶୁ ସମ୍ପଦ ବିକାଶ କ୍ଷେତ୍ରରେ ଅବଦାନ ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସ୍ୱାତୀ ର ବରିଷ୍ଠ କର୍ମୀ ତଥା ଏନ.ସି.ଏନ.ଏଫ୍. କନ୍ଧମାଳ ଚାପ୍ଟର ଉପଦେଷ୍ଟା ଗିରିଶ ଚନ୍ଦ୍ର ସାମଲ ସଂଯୋଜନା କରିଥିବା ବେଳେ ପ୍ରଦୀପ କୁମାର ସ୍ୱାଇଁ, ଉମାକାନ୍ତ ସାହୁ, ବିଶ୍ୱରଞ୍ଜନ ଦଳବେହେରା, ଶ୍ରିପତି ପାତ୍ର, ସଦାଶିବ ଚୌଧୁରି ଓ ଦିପେଷ ମହାକୁଡ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା

ଜୟପୁର,୦୭/୫(ନି. ପ୍ର): ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟ ରେ ବିଭିନ୍ନ ସମସ୍ୟା ନେଇ କୋରାପୁଟ ଜିଲାପାଳଙ୍କ ସହ ସମ୍ବାଦିକ ମାନଙ୍କ ଆଲୋଚନା ହୋଇଛି । ଆଲୋଚନା ସମୟରେ କୋରାପୁଟ ଜିଲାପାଳ ଭି କିର୍ତି ଭାଷନ, ଏସପି ରୋହିତ ବର୍ମା, ଜୟପୁର ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡି ଉପସ୍ଥିତ ଥିଲେ । ଜାତୀୟ ରାଜପଥ ୨୬ର ବାଇପାସ ରାସ୍ତା, କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବା, ଟ୍ରାଫିକ ସମସ୍ୟା ସମାଧାନ, ଜବର ଦଖଲ ଉଚ୍ଛେଦ ଆଦି ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

ଖୋର୍ଦ୍ଧା,୦୭/୫(ନି. ପ୍ର): ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ବର୍ତ୍ତମାନ ସମୟ ଉପନୀତ । ଦଳମତ ନିର୍ବିଶେଷରେ ମିଶିକି କାମ କରି ଖୋର୍ଦ୍ଧା ଜିଲ୍ଲାକୁ ଶୀର୍ଷରେ ପହଂଚାଇବାର ଅଛି । ସବୁଠାରୁ ବଡ଼ କଥା ହେଉଛି କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଚୁଛି ନା ନାହିଁ ତାହାର ତଦାରଖ କରିବା ଆଜିର ବୈଠକର ମୁଖ୍ୟ ଆଭିମୁଖ୍ୟ । ଗତ ନଭେମ୍ବର ୫ରେ ଶେଷ ବୈଠକ ବସିଥିଲା । ଆଜିର ଦିଶା ବୈଠକ ପରେ ପ୍ରତ୍ୟେକ ୩ ମାସରେ ଏଥର ନିରନ୍ତର ବୈଠକ ବସିବ । ପ୍ରତ୍ୟେକ ଘରେ ୫ ଗୋଟି ମୌଳିକ ସେବା ଯଥା ଛାତ ଘର, ବିଶୁଦ୍ଧ ପିଇବା ପାଣି ସଂଯୋଗ, ଶୌଚାଳୟ, ବିଜୁଳି, ଗ୍ୟାସ ସିଲିଣ୍ଡର ଏବଂ ସର୍ବୋପରି ଗାଁକୁ ରାସ୍ତା ସଂଯୋଗ ଯୋଗାଇ ଦିଆଯିବ ବୋଲି ମାନ୍ୟବର ସାଂସଦ ଭିଜନ ରଖିଛନ୍ତି ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା (ଡିଶା) ବୈଠକରେ ଅଧକ୍ଷତା କରି ସାଂସଦ ଅପରାଜିତା ଷଡ଼ଙ୍ଗୀ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ଜିଲ୍ଲାପାଳ ଚଂଚଳ ରାଣା ମାନ୍ୟବର ସାଂସଦ, ଭୁବନେଶ୍ୱର ଏବଂ ମାନ୍ୟବର ବିଧାୟକ ବୃନ୍ଦ, ମାନ୍ୟବର ମନ୍ତ୍ରୀ ଏବଂ ବିଧାୟକ ଙ୍କ ପ୍ରତିନିଧି ବୃନ୍ଦ ଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ ଯେ ଦିଶା ବୈଠକ ଖୋର୍ଦ୍ଧା ଜିଲ୍ଲା ବିକାଶରେ ନିଶ୍ଚିତ ଭାବେ ଦିଶା ଦେଖାଇବ । ଜିଲ୍ଲାରେ ବର୍ତ୍ତମାନ ରାଜନୈତିକ ଏବଂ ପ୍ରଶାସନିକ ଦକ୍ଷତା ଅଛି । କେନ୍ଦ୍ର ଓ ରାଜ୍ୟରେ ସମାନ ସରକାର ଅଛି । ବିକାଶରେ କୌଣସି ଦଳ ନଥାଏ । ଏଣୁ ଖୋର୍ଦ୍ଧାର ଦୃତ ବିକାଶରେ ସମସ୍ତେ ଏକାଠି ହେଲେ ଲକ୍ଷ୍ୟ ସ୍ଥଳରେ ଆମେ ଖୁବ୍ ଶୀଘ୍ର ପହଂଚି ପାରିବା ସହ ଏକ ଜେନେରସନ୍ ପାଇଁ ଭିଜନ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ । ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଦେଇ କହିଲେ ବର୍ତ୍ତମାନ ଜିଲ୍ଲାରେ ରୌଦ୍ର ତାପ ଯୋଗୁଁ ପାଣି ସମସ୍ୟା ଦେଖାଦେଇଛି । ଏଣୁ ପାଣି ସମସ୍ୟା ଦୂର କରିବା ସହ ସ୍ୱାସ୍ଥ୍ୟ ଓ ଶିକ୍ଷା ସେବାର ବିଭିନ୍ନ ସମସ୍ୟାକୁ ସମାଧାନ ଦିଗରେ ମାନ୍ୟବର ସାଂସଦ ଗୁରୁତ୍ୱ ଦେବାକୁ କହିଥିଲେ । ବିଧାୟକ ଜଟଣୀ ବିଭୂତି ବଳବନ୍ତରାୟ ଯୋଗଦେଇ କହିଲେ ଯେ ବିକାଶରେ କୌଣସି ଦଳ ନାହିଁ, ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ଜନ ପ୍ରତିନିଧି ମାନଙ୍କ ସହଯୋଗରେ ସମସ୍ତ ଯୋଜନାର ଉପକାରିତା ଲୋକଙ୍କ ପାଖରେ ପହଂଚାଇବାକୁ ଗୁରୁତ୍ୱାରୋପ କରିବାସହ କଲ୍ୟାଣପୁର ପାଂଚଗାଁ ରୋଡ ମଧ୍ୟରେ କଲ୍ଭର୍ଟ ନିର୍ମାଣ ପାଇଁ ।ପ୍ରସ୍ତାବ ରଖିଥିଲେ । ଏହି ପରିପ୍ରେକ୍ଷୀରେ ସାଂସଦ କହିଲେ ଯେ ଗତ ଏପ୍ରିଲ ୧ ତାରିଖ ଠାରୁ ଜିଲ୍ଲାରେ ଯୋଜନା ସଫଳ ରୂପାୟନରେ ରାଜନୈତିକ ଅଡିଟ କରାଯିବ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ । ୫ଗୋଟି ମୌଳିକ ସେବାର ଯୋଜନା ସଫଳତା ଦିଗରେ ଘରକୁ ଘର ବୁଲି ସର୍ଭେ କରାଯିବ । ପ୍ରତ୍ୟେକ ବ୍ଲକ ସଦର ମହକୁମା ରେ ରିଡ଼ିଂ ରୁମ୍ ହେବ ଏବଂ ଏହା ବ୍ଲକ୍ ଅଫିସ୍ ଦ୍ୱାରା ପରିଚାଳିତ ହେବ।
ସେହିପରି କୋଚିଙ୍ଗ ସେଂଟର ମଧ୍ୟ ଖୋଲାଯାଇ ବିଦ୍ୟା ଅର୍ଜନ କୁ ଗୁରୁତ୍ୱ ପ୍ରଦାନ କରାଯିବ । ଗ୍ରାମୀଣ ଗୃହ ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୪-୨୫ବର୍ଷରେ ୩୮୧ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୩୭୪ ନିର୍ମାଣାଧୀନ ଅଛି । ଏ ସମ୍ବନ୍ଧରେ ୭୫୭ ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ପ୍ରଥମ କିସ୍ତି ୭୫୫ ହିତାଧିକାରୀଙ୍କୁ, ଦ୍ୱିତୀୟ କିସ୍ତି ୪୯୧ ହିତାଧିକାରୀଙ୍କୁ ଏବଂ ତୃତୀୟ କିସ୍ତି ୩୫୭ ହିତାଧିକାରୀଙ୍କୁ ପ୍ରଦନ କରାଯାଇଛି। ଆସନ୍ତା ୧୫ ମଇ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସାଂସଦ ବି ଡି ଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ସର୍ଭେ କାର୍ଯ୍ୟ ଚାଲିଥିବାରୁ ଏହାକୁ ଆସନ୍ତା ୧୫ ମଇ ସୁଦ୍ଧା ଶେଷ କରିବାକୁ ମଧ୍ୟ ସାଂସଦ ବି ଡି ଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଗ୍ରାମୀଣ ଘର ସଂଖ୍ୟା ପ୍ରାୟ ୨ ଲକ୍ଷ ଅଛି । ଜିଲ୍ଲାରେ ଜାତୀୟ ସାମାଜିକ ନିରାପତ୍ତା ଯୋଜନା ରେ ୪୧୦୦ଅନ୍ତର୍ଭୁକ୍ତ ହୋଇଛନ୍ତି । ୨୦୨୪-୨୫ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୪.୯୮ ଲକ୍ଷ କାର୍ଯ୍ୟ ଦିବସ ଯୋଗାଇବା ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୮.୯୬କାର୍ଯ୍ୟ ଦିବସ ଯୋଗାଇଦିଆ ଯାଇ ୬୦ଶତକଡା ସଫଳତା ମିଳିଛି ।

# ଏକ ଦେଶ ଏକ ନିର୍ବାଚନ ନେଇ ବୁଦ୍ଧିଜୀବି ସମ୍ମିଳନୀ

ମାଲକାନଗିରି,୦୭/୫(ନି. ପ୍ର): ମାଲକାନଗିରି ସ୍ଥିତ ରାଜେଶ୍ୱରୀ ପାଲେସ ଠାରେ ଏକ ଦେଶ ଏକ ନିର୍ବାଚନ ବିଷୟ ଉପରେ ବୁଦ୍ଧିଜୀ୍ବ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଆବାହକ ଅଶୋକ କୁମାର ପରିଡା, ମୁଖ୍ୟ ବକ୍ତା ଭାବେ ବିଜେପି ରାଜ୍ୟ ପ୍ରବକ୍ତା ରାଜେଶ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ପ୍ରକାଶକ ସୌମେନ୍ଦ୍ର କୁମାର ଜେନା ମଂଚା ସୀନ ଥିଲେ। ବର୍ତ୍ତମାନ ଭାରତ ବର୍ଷରେ ୪୭ ଟି ରାଜନୈତିକ ଦଳ ରହିଥିବା ବେଳେ ଏକ ଦେଶ ଏକ ନିର୍ବାଚନ ପ୍ରସ୍ତାବକୁ ୩୨ଟି ରାଜନୈତିକ ଦଳ ସମର୍ଥନ କରିଛନ୍ତି। ଏହା ବ୍ୟତିତ ଜେପିସି ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରି ଲୋକ ସଭାକୁ ପଠାଇଛି। ସମ୍ବିଧାନରେ ଅନ୍ତର୍ଭୁକ୍ତ ଥିବା ଏକ ଦେଶ ଏକ ନିର୍ବାଚନ ପ୍ରକ୍ରିୟା୧୯୫୨ ରୁ ୧୯୬୭ ପର୍ଯ୍ୟନ୍ତ ବଳବତ୍ତର ଥିଲା। ପରବର୍ତ୍ତୀ ଅବସ୍ଥାରେ ରାଜନୈତିକ ଫାଇଦା ପାଇଁ ଅସମୟରେ ସରକାର ଭାଙ୍ଗି ବାରମ୍ବାର ନିର୍ବାଚନ କରେଇବା କାରଣରୁ ଦେଶର ଅର୍ଥନୈତିକ କ୍ଷତି ହୋଇଛି। ତତ୍ ସହିତ ଦେଶର ବିକାଶ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହୋଇଛି। ଏଣୁ ସମଗ୍ର ଦେଶରେ ଏକ ସମୟରେ ବିଧାନସଭା ଓ ଲୋକସଭା ନିର୍ବାଚନ କରାଗଲେଅର୍ଥ ନୈତିକ ଓ ବିକାଶ କାର୍ଯ୍ୟରେ ବାଧାପ୍ରାପ୍ତ ହେବ ନାହିଁ ବୋଲି ଅତିଥି ମାନେ ମତ ପୋଷଣ କରିଥିଲେ। ଶେଷରେ ବକ୍ତା ବୁଦ୍ଧିଜୀବୀ ମାନଙ୍କୁ ଅନୁରୋଧ କରି କହିଥିଲେ ଯେ ଏହା ଏକଜନ ଜାଗରଣ ଯାତ୍ରା। ଯେହେତୁ ଜନତାଙ୍କ ଦ୍ୱାରା ସରକାର ଗଢାଯାଇଥାଏ।

# ତାରିଣୀପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୦୭/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଜାରକା ପଂଚାୟତ ଶଙ୍ଖାରିଡ଼ିହଠାରେ ମା' ତାରିଣୀଙ୍କ ମନ୍ଦିରରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ଯଜ୍ଞୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଯୁବ ଉଦ୍ୟୋଗୀ ବ୍ରହ୍ମାନନ୍ଦ ସାହୁ ଓ ସ୍ମିତା ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଦୁଇଦିନିଆ ଯଜ୍ଞୋତ୍ସବରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ମଣ୍ଡଳ ନିର୍ମାଣ ଓ ଯଜ୍ଞଶାଳା ଶୋଧନ ହୋଇଥିଲା । ଦ୍ୱିତୀୟ ଦିବସରେ ଯଜ୍ଞ ମଣ୍ଡପରେ ଘଟସ୍ଥାପନ, ଯଜ୍ଞାଗ୍ନି ସ୍ଥାପନ, ଆହୂତି, ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀପାଠ, ଆରତୀ, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ସଂଧ୍ୟାରେ ଭଜନ ପରିବେଷଣ ହୋଇଥିଲା । ରାତିରେ ଯଥାବିଧି ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ପଣ୍ଡିତ ଆଲୋକ ପଣ୍ଡା, ଅମିତ୍ ରଥ, ଜଗତଜ୍ୟୋତି ପଣ୍ଡା, ଜୟପ୍ରକାଶ ରଥ, ଅଭିଜିତ୍ ପଣ୍ଡା ଯଜ୍ଞ କାର୍ଯ୍ୟ ସଂପାଦନ କରିଥିଲେ । ବ୍ରହ୍ମାନନ୍ଦ ଓ ସ୍ମିତା ସଂକଳ୍ପ କରିଥିଲେ । ବିଚିତ୍ରାନନ୍ଦ ସାହୁ ଓ ଶ୍ୱେତା ସାହୁ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ବହୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଦ୍ୱାରା ପାରମ୍ପରିକ ପଶୁ ଚିକତ୍ସା ସମ୍ପର୍କିତ କର୍ମଶାଳା

କନ୍ଧମାଳ,୦୭/୫(ନି. ପ୍ର): କନ୍ଧମାଳର ସ୍ୱେଚ୍ଛାସବୀ ଅନୁଷ୍ଠାନ ସ୍ୱାତୀ, ପ୍ରଦାନ ଓ ଏନ.ସି.ଏନ.ଏଫ୍. କନ୍ଧମାଳ ଚାପ୍ଟର ଙ୍କ ମିଳିତ ଉଦ୍ୟମରେ ପାରମ୍ପରିକ ପଶୁ ଚିକିତ୍ସା ସମ୍ପର୍କିତ ଏକ ଏକଦିବସିୟ କର୍ମଶାଳା ସ୍ୱାତୀ, ବନ୍ଧଗଡ ଠାରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ଡା.ବଳରାମ ସାହୁ ( ପ୍ରାଣୀ ଚିକିତ୍ସା ବିଷାରଦ) ଯେଉଁଠାରେ ପଶୁ ଡାକ୍ତର ନାହାଁନ୍ତି ସେଠାରେ କିଭଳି ସହଜ , ସରଳ, ମିତବ୍ୟୟ ଓ ଦେଶୀୟ ଉପଚାର ମାଧ୍ୟମରେ ପଶୁ, ପକ୍ଷୀ ବିଶେଶ କରି ଛେଳି, ଗାଇ ଓ କୁକୁଡା ଇତ୍ୟାଦି ଙ୍କର ଚିକିତ୍ସା, ଯତ୍ନ ଓ ବିକାଶ କରାଯାଇପାରିବ ତାହା ଅତି ସରଳ ଓ ଆଂଚଳିକ ଭାଷା ରେ ଅଂଶଗ୍ରହଣ କାରୀ ଙ୍କୁ ବୁଝାଇଥିଲେ । ଡା.ମହମ୍ମଦ ଇମ୍ରାନ ଅଲ୍ଲି , ଏନ.ସି.ଏନ.ଏଫ୍. ରାଜ୍ୟ ସଂଯୋଜକ ପାରମ୍ପରିକ କୃଷି ଓ ପଶୁ ସମ୍ପଦର ସାମଞ୍ଜସ୍ୟ ଏବଂ ପ୍ରାକୃତିକ କୃଷି ର ଉପାଦେୟତା ବିଷୟରେ ଲୋକ ମାନଙ୍କୁ ବୁଝାଇଥିଲେ । ସ୍ୱାତୀ ସଂପାଦକ ଇଂ ହରିଶଙ୍କର ରାଉତ ଆଗାମୀ ଦିନ ମାନଙ୍କରେ ଯୁବ ଚାଷୀ ମାନେ ପଶୁ ପାଳନ କରି ସ୍ୱାବଲମ୍ବି ହେବା ସହିତ ପାରମ୍ପରିକ ପଶୁ ଚିକିତ୍ସା କୁ ଜନାଦୃତ କରିବାରେ ମୁଖ୍ୟ ଭୁମିକା ତୁଲାଇବେ ବୋଲି କହିଥିଲେ । ସମ୍ବନିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ର ପ୍ରକଳ୍ପ ପରିଚାଳକ ପି.ମୁରଲି ମୋହନ ସରକାର ଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପଶୁ ପାଳନ ପ୍ରୋତ୍ସାହନ କୁ ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀ ମାନେ ଆଗାମି ଦିନରେ ଲାଭବାନ ହେବା ସହିତ, ପଶୁ ସମ୍ପଦ ର ସମୃଦ୍ଧି ରେ ସହଯୋଗ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ପ୍ରାଏ ୭୦ ଜଣ ପୁରୁଷ ଓ ମହିଳା ପଶୁପାଳକ, ପଶୁ ସମ୍ପଦ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ବିନା ବା କମ୍ ଖର୍ଚ୍ଚ ରେ ଘରୋଇ ଉପଚାର ସମ୍ବନ୍ଧିୟ ପଶୁ ରୋଗ ଚିକିତ୍ସା ଜ୍ଞାନ ଅଂଶଗ୍ରହଣକାରୀ ଙ୍କୁ ଆଗାମି ଦିନ ମାନଙ୍କରେ ପଶୁ ସମ୍ପଦ ପରିଚାଳନାରେ ସହାୟକ ହେବା ନିଜ ନିଜ ଗ୍ରାମ ସ୍ତରରେ ଅନ୍ୟ ଚାଷି ମାନଙ୍କୁ ସହଯୋଗ କରିବେ ବୋଲି ସ୍ୱାତୀ ର କୋଷାଧକ୍ଷ ଶାନ୍ତନୁ କୁମାର ମିଶ୍ର କହିଥିଲେ ।

# ରକ୍ତଦାନ : ବିଶ୍ୱପ୍ରେମର ନିର୍ଝରଣୀ

## ରାମ ପ୍ରସାଦ ରାୟ

ଆଜି ବିଶ୍ୱରେଡ଼କ୍ରସ ଦିବସ । ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରେଡ଼କ୍ରସ ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ସଂପ୍ରତି ସମଗ୍ର ବିଶ୍ୱରେ ଦିନକୁ ଦିନ ପ୍ରାକୃତି ବିପର୍ଯ୍ୟୟ, ସଡ଼କ ଦୁର୍ଘଟଣା ଓ ସାମାଜିକ ଅଘଟଣ କ୍ଷେତ୍ରରେ ଲୋଡ଼ା ପଡୁଛି ଅମୂଲ୍ୟ ରକ୍ତ । ଯଥାର୍ଥରେ କୁହାଯାଏ ରକ୍ତଦାନ ଶ୍ରେଷ୍ଠ ଦାନ । ରକ୍ତର ବିକଳ୍ପ ହିଁ ନାହିଁ । ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୃମୁର୍ଷୁଟିକୁ । ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୃମୁର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି । ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶ୍ୱ ରେଡ଼କ୍ରସ ସଂସ୍ଥା ସହିତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର ପରିଚାଳନାରେ ରକ୍ତ ଭଣ୍ଡାର ମଧ କାର୍ଯ୍ୟ କରୁଛି । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଅନୁଷ୍ଠାନ ଓ ଆଧ୍ୟାତ୍ମିକ ସେବା ସଂଗଠନ ମାନେ ଏହି ମହାର୍ଘ୍ୟ ସେବାଦାନକୁ ଆପଣାଇ ନିୟମିତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ସାଧାରଣରେ ଦେଖାଯାଇଥାଏ ରକ୍ତ ସଂଗ୍ରହ କ୍ଷେତ୍ରରେ ଯୁବପିଢ଼ୀଙ୍କ ସହଯୋଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦେଶର ବ୍ୟାପକ ବିକାଶର ସହଯୋଗରେ କ୍ରାନ୍ତୀର ବହ୍ନୀ ପ୍ରଜ୍ୱଳିତ କରି ଧାବମାନ ହେଉଥିବା ଯୁବଶକ୍ତିମାନେ ସଂପ୍ରତି ରକ୍ତଦାନ କାର୍ଯ୍ୟକ୍ରମରେ ବହୁଳ ଭାବରେ ସାମିଲ ହେଉଥିବାରୁ ଏହି ରକ୍ତଦାନ ଶିବିର ବାସ୍ତବରେ ସଫଳ ହେଉଛି । ସବୁଠାରୁ ବଡ଼ ଖୁସିର କଥା କେବଳ ଭାରତରେ ନୁହେଁ ଓଡ଼ିଶାରେ ଦିନକୁ ଦିନ ଯୁବପିଢ଼ୀ ଓ ବିଭିନ୍ନ ଶିକ୍ଷାୟତନର ଛାତ୍ରଛାତ୍ରୀମାନେ ଏହି ସେବାଦାନରେ ନିଜକୁ ସାମିଲ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ରକ୍ତସଂଗ୍ରହ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସ, ଭୁଲଭ୍ରାନ୍ତିକୁ ସେହିମାନେ ନିଜର ସଂସ୍କାରଭିମୁଖୀ ଚିନ୍ତା ଓ ଚେତନାରେ ସମସ୍ତଙ୍କୁ ବୁଝାଇବାର ସାମର୍ଥ୍ୟ ରଖି ନିଜେ ସର୍ବପ୍ରଥମ ଏହି ସେବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି । ଯୁବ ପିଢ଼ୀଙ୍କ ଏହି ମହାର୍ଘ୍ୟ ସେବା ନିଶ୍ଚିତ ଭାବରେ ଆମ ସମାଜର ସମସ୍ତଙ୍କ ପ୍ରେରଣାର ଆଲୋକବର୍ତ୍ତିକା ।

ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ତାଙ୍କ ଜନ୍ମଦିନକୁ 'ବିଶ୍ୱ ରକ୍ତଦାନ ଦିବସ' ଭାବେ ପାଳନ କରାଯାଏ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି । ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ । ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ । ଆହୁରି ମଧ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ । ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ । ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୁନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ ।



ଯୁବପିଢ଼ୀଙ୍କ ଭିତରେ ରକ୍ତଦାନ ସେବା ପାଇଁ ଯେଉଁ ଆଗ୍ରହ ପ୍ରକାଶ ପାଉଛି ଏ କ୍ଷେତ୍ରରେ ରେଡ଼କ୍ରସ ଠାରୁ ବିଭିନ୍ନ ରକ୍ତଦାତାଙ୍କ ଜୀବନର ସଫଳ କାହାଣୀର ଭୂମିକା ମଧ ତତୋଧିକ ଗୁରୁତ୍ୱପୂର୍ଣ୍ଣ । ଆଜି କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳ ଓ ଆଦିବାସୀ ସବୁଜ ବନାନୀର କ୍ଷେତ୍ର ତଥାକଥିତ ଅନ୍ଧାରି ମୂଲକରେ ଆଦିବାସୀମାନେ ବି ଏହି ରକ୍ତଦାନ ଶିବିରରେ ଯୋଗଦେଇ ଆଗ୍ରହ ପ୍ରକାଶ କରୁଛନ୍ତି ଏହି ସେବାରେ ନିଜକୁ ସାମିଲ କରିବା ପାଇଁ । ଜଣେ ସୁସ୍ଥ ଯୁବକ ବର୍ଷକୁ ଚାରିଥର ରକ୍ତଦାନ କରି ନିଜକୁ ସ୍ୱାସ୍ଥ୍ୟବାନ କରିବାର ସୁଯୋଗ ଏହି ରକ୍ତଦାନ କାର୍ଯ୍ୟକ୍ରମ ଭିତରେ ନିହିତ ରହିଥାଏ । ବର୍ଷର ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ରକ୍ତଦାତା ମାନଙ୍କ ଅନାଲୋଚିତ ପ୍ରତିଭାକୁ ସମସ୍ତଙ୍କ ସାମ୍ନାକୁ ଆଣି ସେହି ଜୀବନଦାତା ମାନଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଉଛି ଏହା ନିଶ୍ଚିତ ଭାବେ ଅନ୍ୟ ରକ୍ତଦାତାଙ୍କ ଭିତରେ ପ୍ରେରଣା ସୃଷ୍ଟି କରିବ । ଜଣେ ଯୁବରକ୍ତ ଦାତା ରକ୍ତଦାନ କରୁଥିଲେ ରେଡ଼କ୍ରସ ବା ସଂମୃକ୍ତ ରକ୍ତଭଣ୍ଡାର ପକ୍ଷରୁ ପ୍ରତିବଦଳ ରକ୍ତ ପାଇଁ ଏକ ପରିଚୟ ପତ୍ର ମିଳିଥାଏ । ସରକାରୀ ଓ ବେସରକାରୀ ସଂସ୍ଥାକୁ ଛାଡ଼ିଲେ ସରକାରଙ୍କ ସହଯୋଗୀ ସଂଗଠନ ମାନେ ମଧ ବର୍ଷର ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜିତ କରିଥାନ୍ତି । ଆଜି ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଯୁବ ପିଢ଼ୀଙ୍କ ଭିତରେ ଯଥାର୍ଥ ମାନବ ଜୀବନକୁ ଉଜ୍ଜୀବିତ କରିବା ପାଇଁ ରକ୍ତଦାନ ପରି ଜୀବନ ଦାନର ମହାମନ୍ତ୍ରକୁ ଆପଣାଇ ମୁର୍ମୁଷୁଟିର ଜୀବନ ରକ୍ଷା ପାଇଁ ରକ୍ତଦାନ କଲେ ଯଥାର୍ଥ ମାନବୀୟ ଜୀବନ ସାର୍ଥକ ହୁଅନ୍ତା । ନିଜର ରକ୍ତଦ୍ୱାରା ଅନ୍ୟ ଜଣଙ୍କ ଅମୂଲ୍ୟ ଜୀବନ ରକ୍ଷା ହୋଇପାରିଲେ ଏହା ଯଥାର୍ଥ ଭାବେ ଜୀବନର ଶ୍ରେଷ୍ଠ ଦାୟିତ୍ୱବୋଧ ଯେ ହୁଅନ୍ତା ଏହି ବାର୍ତ୍ତା ବିଶ୍ୱ ରେଡ଼କ୍ରସ ଦିବସର ଅନୁଚିନ୍ତନ ହେଉ ଏହା ହିଁ କାମନା ।

କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ
ବ୍ଲଡ ସେଣ୍ଟର, କଟକ,
ଦୂରଭାଷ : ୮୨୬୦୪୦୮୮୩୬

## ସମ୍ପର୍କର ରଙ୍ଗ

# ଚୁଡ଼ି,ସିନ୍ଦୁର,ପାଉଁଜି କାହିଁକି ପିନ୍ଧିବା !



ଶ୍ୱେତା ରାଉତ୍

ଆମ ସିନ୍ଦୁର ଆମକୁ ପ୍ରତିକ୍ଷଣ ମନେପକାଏ,ଆମ ସ୍ୱାମୀ ହିଁ ଆମ ଜୀବନର ରଙ୍ଗ, ଆମର ପ୍ରେମ, ପ୍ରାଣ, ଶକ୍ତି, ସାମର୍ଥ୍ୟ, ସୌନ୍ଦର୍ଯ୍ୟ ଓ ପରାମାର୍ଥ।

ଆମ ହିନ୍ଦୁ ନାରୀମାନଙ୍କ ଶୃଙ୍ଗାରର ଶ୍ରେଷ୍ଠ ଆଭୂଷଣ ସିନ୍ଦୁର, ପତିପ୍ରେମର ପରିଭାଷା ଓ ପତିବ୍ରତାର ସୌଭାଗ୍ୟ ହେଉଛି ସିନ୍ଦୁର, ନାରୀର ଗୌରବ ଓ ସୌନ୍ଦର୍ଯ୍ୟର ଗାରିମା ହେଉଛି ସିନ୍ଦୁର,ଜଣେ ବିବାହିତାର ପ୍ରଥମ ପରିଚୟ ଦିଏ ସିନ୍ଦୁର।

ମାତା ସୀତା ପ୍ରତିଦିନ ମଥାରେ ସିନ୍ଦୁର ଭରୁଥିବାର ଦେଖି ହନୁମାନ ପଚାରିଲେ 'ମାତା ତୁମେ ଏତେ ଲାଲ୍ ସିନ୍ଦୁର କାହିଁକି ମଥାରେ ଭରିଥାଅ'? ସୀତା କହିଲେ 'ମୋ ସ୍ୱାମୀ ପ୍ରଭୁ ଶ୍ରୀରାମଙ୍କୁ ପ୍ରସନ୍ନତା ମିଳିଥାଏ। ପ୍ରସନ୍ନ ରହିବା ଦ୍ୱାରା ଶରୀର ସୁସ୍ଥ ରହେ,ଶରୀର ସୁସ୍ଥ ରହିଲେ ଆୟୁବୃଦ୍ଧି ହୋଇଥାଏ। ମୋ ସ୍ୱାମୀଙ୍କର ଆୟୁବୃଦ୍ଧି ହେଲେ ମୁଁ ସୌଭାଗ୍ୟବତୀ ରହିବି, ସେଥିପାଇଁ ମୁଁ ମଥାରେ ସିନ୍ଦୁର ଭରେ'। ଲାଲ୍ ରଙ୍ଗ ଶକ୍ତିର ପ୍ରତୀକ। ପୁରାଣ କହେ ଯେଉଁ ସ୍ତ୍ରୀ ମଥାରେ ଲାଲ୍ ସିନ୍ଦୁର ଭରିଥାଏ, ତା'ସ୍ୱାମୀର ଅକାଳ ମୃତ୍ୟୁ ହୁଏନାହିଁ ଏବଂ ଶକ୍ତି ଭାବରେ ସବୁ ସଙ୍କଟରୁ ବଞ୍ଚାଇଥାଏ। ଶିବ ପୁରାଣ ଅନୁସାରେ ମଥାରେ ସିନ୍ଦୁର ଭରିଥିବା ନାରୀମାନଙ୍କ ଉପରେ ସଦାସର୍ବଦା ମାତା ସତୀ ଓ ମାତା ପାର୍ବତୀଙ୍କର ଅଖଣ୍ଡ ସୌଭାଗ୍ୟବତୀର ଆଶୀର୍ବାଦ ରହିଥାଏ। ମାତା ସତୀ ଓ ପାର୍ବତୀ ସଦାସର୍ବଦା ମଥାରେ ସିନ୍ଦୁର ଭରି ମହାଦେବଙ୍କୁ ପ୍ରସନ୍ନ କରିବା ସହିତ ସ୍ୱାମୀ ପ୍ରତି ସମ୍ମାନ ପ୍ରକଟ କରିଥାନ୍ତି। ପୁରାଣରେ ଏକଥା ମଧ କୁହାଯାଏ, ମାତା ଲକ୍ଷ୍ମୀ ପୃଥିବୀରେ ପାଞ୍ଚଟି ସ୍ଥାନରେ ରହିଥାନ୍ତି, ସେଥିମଧ୍ୟରୁ ସଧବା ସ୍ତ୍ରୀମାନଙ୍କ ସିନ୍ଦୁର ଭରିବା ସ୍ଥାନ ବା ମଥା ଗୋଟିଏ। ତେଣୁ ମଥାରେ ସିନ୍ଦୁର ଭରିଲେ ସ୍ୱାମୀ ଦୀର୍ଘାୟୁ ହେବା ସହିତ ଘରେ ଧନ୍ୟଧାନ୍ୟ ବଢିଥାଏ। ସିନ୍ଦୁର, ଅନିଦ୍ରା, ମୁଣ୍ଡବିନ୍ଧା, ସ୍ମରଣଶକ୍ତି ହ୍ରାସ,ମନ ଅଶାନ୍ତି ଓ ଉଚ୍ଚ ରକ୍ତଚାପରୁ ରକ୍ଷା କରିଥାଏ ବୋଲି ବୈଜ୍ଞାନିକମାନ ରହିଛି ।ସିନ୍ଦୁରରେ ପାରା ରହୁଥିବାରୁ ଏହା ମସ୍ତିଷ୍କକୁ ଥଣ୍ଡା ଓ ଶାନ୍ତ ରଖିଥାଏ ଏବଂ ବୟସ ପ୍ରଭାବର ଦାଗ ମୁହଁରେ ଶୀଘ୍ର ଆସିନଥାଏ। ଗୃହ ପ୍ରବେଶ ହେଉ କି କଳସ ପୂଜା, ଦେବାଦେବୀଙ୍କ ଅନୁଷ୍ଠାନ ହେଉ କି ମୂର୍ତ୍ତି, ପ୍ରତିମାଙ୍କ ଅଭିଶେକ, ସବୁ ଶୁଭକାର୍ଯ୍ୟରେ ସିନ୍ଦୁର ଲଗାଇ ଶୁଭାରମ୍ଭ କରାଯାଇଥାଏ।

ଆମ ଚୁଡ଼ି ଆମକୁ ମନେପକାଇ ଦିଏ ଆମେ ପରିବାରରେ ସମସ୍ତଙ୍କୁ ଏକାଠି ନେଇ କେମିତି ଚଳିବା। ଭାରତୀୟ ମହିଳା ମାନେ ହାତରେ ବିଭିନ୍ନ ରଙ୍ଗ ବେରଙ୍ଗର ଚୁଡି ପିନ୍ଧିଥାନ୍ତି । ଏହାର ଦାର୍ଶନୀକ ଦୃଷ୍ଟିକୋଣ ଏହା ବୁଝାଯାଏ ଯେ, ବିଭିନ୍ନ ପ୍ରକାରର ଚୁଡି ଯେମିତି ଗୋଟିଏ ହାତରେ ସୁନ୍ଦର ଶବ୍ଦର ଝଙ୍କାର ସୃଷ୍ଟିକରେ, ଠିକ୍ ସେମିତି ବିଭିନ୍ନ ଚିନ୍ତାଧାରାର ବ୍ୟକ୍ତି ବିଶେଷ ଗୋଟିଏ ଛାତତଳେ ଥାଇ ଯୌଥ ପରିବାର ଭାବରେ ଏକ ଯୁକ୍ତାତ୍ମକ ଭାବଧାରାର ସୁନ୍ଦର ଉଦାହରଣ ପ୍ରତିପାଦନ କରନ୍ତି ।ଯେ କେବଳ ନାରୀ ସୌନ୍ଦର୍ଯ୍ୟ ନିମିତ୍ତ ଏକ ଆକର୍ଷଣୀୟ ଗହଣା ତାହାନୁହେଁ ବୈଜ୍ଞାନିକ ବୃଷ୍ଟିକୋଣରୁ ନାରୀମାନଙ୍କୁ ଚୁଡିପିନ୍ଧିବା ଦ୍ୱାରା ଅନେକ ସାସ୍ଥ୍ୟଗତ ସମସ୍ୟା ଦିଗରୁ ଲାଭ ମିଳିଥାଏ । ସାଧାରଣତଃ ହାତର ଶିରାପ୍ରଶିରାରୁ ଆମେ ହୃଦୟର ଗତି ବା ସ୍ପନ୍ଦନର ତିବ୍ରତା ଜାଣିଥାଉ। ନାରୀମାନେ ହାତରେ ସେହି ସ୍ଥାନରେ ଚୁଡି ପିନ୍ଧିବା ଦ୍ୱାରା ଚୁଡି ହାତରେ ବାରମ୍ବାର ଘଷିହେବା ଦ୍ୱାରା ହାଡକୁ ମଜବୁତି ମିଳିବା ସହିତ ରକ୍ତ ସଞ୍ଚାଳନ ନିୟମିତ ହୋଇଥାଏ ।

ଆମ ପାଉଁଜି ତା ଶବ୍ଦ ଦ୍ୱାରା ଆମକୁ ମନେ ପକାଇ ଦିଏ ଆମେ କିଭଳି ଚାଲୁଛେ, କାରଣ ଚାଲିବା ବି ଗୋଟେ ସଣ୍ଣା ।ନିଜର ନମ୍ରତା ପ୍ରତି ସଚେତନ କରାଏ ପାଉଁଜି।

ଶ୍ରୀରାଧାଙ୍କ ପାଦ ଦର୍ଶନ କଲେ ମୋକ୍ଷ ମିଳେ ବୋଲି ଏକ ପ୍ରବାଦ ଅଛି ।ପବିତ୍ର ଅଁଳାନବମୀରେ ଶ୍ରୀରାଧା ପାଦ ଦର୍ଶନ କଲାବେଳ ଆପଣମାନେ ଦେଖିଥିବେ, ମା'ଙ୍କ ଦୁଇପାଦରେ ଖୁବ୍ ସୁନ୍ଦରର ସୁସଜ୍ଜିତ ପାଉଁଜି ସାଜୁଥାଏ। ତ୍ରେତୟା ଯୁଗରେ ଶ୍ରୀରାମ ଯେତେବେଳେ ମାତା ସୀତାଙ୍କର ଅନ୍ୱେଷଣରେ ଲଙ୍କା ଅଭିମୁଖେ ବାହାରିଥିଲେ କରତୋୟା ତଟରେ ସେ ମାତା ସୀତାଙ୍କର ପାଉଁଜି ପଡ଼ିଥିବାର ଦେଖିଲେ। ଏଥିରୁ ସ୍ପଷ୍ଟ ଯେ ମାତା ସୀତାଙ୍କର ଆଭୂଷଣରେ ପାଉଁଜି ମଧ ଥିଲା ସେମିତି। ଭରା ରାଜସଭାରେ ଦ୍ରୌପଦୀଙ୍କ ବାଳଭିଡ଼ି ଟାଣିଟାଣି ନେଉଥିବା ଦୁର୍ଯ୍ୟୋଧନର ଅପକର୍ମକୁ ଅନ୍ଧ ଧୃତରାଷ୍ଟ୍ର ଦେଖି ପାରୁନଥିଲେ କିନ୍ତୁ ଦ୍ରୌପଦୀଙ୍କ ପାଦର ପାଉଁଜିର ଦୟନୀୟ ଝଙ୍କାର ସେ ଶୁଣି ପାରିଥିଲେ ଏବଂ ଅନ୍ତଚକ୍ଷୁରେ ଦୃଶ୍ୟପଟ୍ଟ ହେଉଥିବା ଘୃଣ୍ୟ ଅପକର୍ମକୁ ଅଙ୍ଗେ ନିଭେଇ ମଧ ନିରବ ରହିଥିବାରୁ ତାଙ୍କୁ ପାପର ଭାଗିଦାର ହେବାକୁ ପଡ଼ିଥିଲା।

ନବବଧୂ ପାଇଁ ପାଉଁଜିର ଆବଶ୍ୟକତା ଅନ୍ୟ ଏକ ଦୃଷ୍ଟିରେ ମଧ ରହିଛି। ଏହା ଘରର ନବବଧୂ ପାଇଁ ଗୋଟେ ସଙ୍କେତ ଭଳି କାମ କରେ। ଯଦି ପରିବାରର ସଦସ୍ୟମାନେ କିମ୍ବା ଘର ବାହାରର କୌଣସି ବ୍ୟକ୍ତିମାନେ ଏକତ୍ର ବସୁଥିଲେ, ସେତେବେଳେ ପାଉଁଜିର ଶବ୍ଦରୁ

ସେମାନେ ଜାଣୁଥିଲେ ଯେ ଘରର କୌଣସି ନାରୀ ସେହିପଟେ ଆସୁଛନ୍ତି। ଫଳରେ ସେମାନେ ନାରୀକୁ ଯଥୋଚିତ ସମ୍ମାନ ଦେବାପାଇଁ ନିଜକୁ ବ୍ୟବସ୍ଥିତ କରିନେଉଥିଲେ । ଅନ୍ୟପକ୍ଷରେ ଆମ ଓଡ଼ିଆ ଘରମାନଙ୍କରେ ସାନ ବୋହୂମାନେ ଦେଢଶୂରଙ୍କ ସାମ୍ନାକୁ ନ ଯିବାର ପ୍ରଥା ରହିଆସିଛି। ତେବେ ପାଉଁଜିର ଛମଛମ୍ ଶବ୍ଦରୁ ବୋହୂଟିଏ କେଉଁଠି ଅଛି କିମ୍ବା କେଉଁଠି ଯିବାଆସିବା କରୁଛି, ତାହା ଜଣାପଡ଼ିଥାଏ ଏବଂ ସେହି ଅନୁସାରେ ଦେଢ଼ଶୂର ମଧ ସେହି ଶବ୍ଦ ଅନୁସରଣରେ ନିଜର ମର୍ଯ୍ୟାଦା ରକ୍ଷା କରିଥାଆନ୍ତି ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ମୋହିନୀ ଏକାଦଶୀ ଓ ବିଷ୍ଣୁଙ୍କ ମୋହିନୀ ଅବତାର

## ଅଜୟ କୁମାର ବେହେରା



ସରସ୍ୱତୀ ନଦୀ କୂଳରେ ଭଦ୍ରାବତୀ ନାମକ ନଗର ଥିଲା । ଏଠି ଧୃତିମାନ ନାମକ ରାଜା ରାଜୁତି କରୁଥିଲେ । ଏହି ନଗରରେ ଜଣେ ବଣିଆ ରହୁଥିଲା, ତାର ନାଁ ଥିଲା ଧନପାଳ । ସେ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିଲା ଏବଂ ସର୍ବଦା ପୂଣ୍ୟକର୍ମରେ ଲାଗି ରହୁଥିଲା । ଧନପାଳର ୫ଜଣ ପୁତ୍ର ଥିଲେ ସୁମନା, ଧୃତିକାମ, ମେଧାବୀ, ସୁକୃତ ଏବଂ ଧୃଷ୍ଟବୁଦ୍ଧି । ଧୃଷ୍ଟବୁଦ୍ଧି ସର୍ବଦା ପାପ କର୍ମରେ ଲିପ୍ତ ରହୁଥିଲା । ଅନ୍ୟାୟ ମାର୍ଗରେ ଯାଇ ସେ ନିଜ ପିତାଙ୍କ ଧନ ବରବାଦ କରି ଦେଇଥିଲେ । ଏଣେ ତେଣେ ବୁଲି ବୁଲି ଧୃଷ୍ଟବୁଦ୍ଧି ଶେଷରେ ମହର୍ଷି କୌଡ଼ିନ୍ୟଙ୍କ ଆଶ୍ରମରେ ପହଞ୍ଚିଲା । ହାତଯୋଡ଼ି ମୁନିଙ୍କୁ ପୁଣ୍ୟ ପ୍ରାପ୍ତିର ମାର୍ଗ କହିବା ଲାଗି ଅନୁରୋଧ କଲା । ମହର୍ଷି କୌଡ଼ିନ୍ୟ ତାକୁ ବିଧିପୂର୍ବକ ମୋହିନୀ ଏକାଦଶୀ ବ୍ରତ କରିବାକୁ କହିଲେ । ଏହି ବ୍ରତ ପ୍ରଭାବରେ ସେ ନିଷ୍ପାପ ହୋଇଗଲା ଏବଂ ଗରୁଡ଼ ଉପରେ ବସି ବୈକୁଣ୍ଠପୁରକୁ ଚାଲିଗଲା । ବୈଶାଖ ମାସ ଶୁକ୍ଳ ପକ୍ଷ ଏକାଦଶୀକୁ ମୋହିନୀ ଏକାଦଶୀ କୁହନ୍ତି । ଏହି ବ୍ରତ ଧାରଣ କଲେ ଏକ ହଜାର ଗୋଦାନର ପୁଣ୍ୟ ପ୍ରାପ୍ତି ହୋଇଥାଏ । ମନୁଷ୍ୟର ସମସ୍ତ ପାପ ଦୂର ହୋଇଥାଏ । ବ୍ରତ ପ୍ରଭାବରୁ ମୋହ ଜାଲରୁ ମଧ ମୁକ୍ତି ମିଳିଥାଏ । ଏଥର ୧୦ ମଇ, ଶନିବାର ମୋହିନୀ ଏକାଦଶୀ ବ୍ରତ ପଡୁଛି । ମୋହିନୀ ଏକାଦଶୀ ତିଥିରେ ପ୍ରତ୍ୟୁଷରୁ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ଶ୍ରୀରାମଙ୍କ ପୂଜା କରିବା ସହ ବ୍ରତ ଧାରଣ କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ । ଶ୍ରୀହରି ମୋହିନୀ ଅବତାର ନେଇଥିଲେ। ସେ ଏହି ଅବତାର ସେତେବେଳେ ନେଇଥିଲେ, ଯେତେବେଳେ ସମୁଦ୍ର ମନ୍ଥନରେ ଅମୃତ ବାହାରିଥିଲା। ଦେବତା ଓ ରାକ୍ଷସଙ୍କ ମଧ୍ୟରେ ଏହା ବିତରଣ ହେବାର ଥାଏ। ମାତ୍ର ମୋହିନୀ ଅବତାରରେ ଶ୍ରୀହରି ଛଳରେ ଦେବତାଙ୍କୁ ଅମୃତ ଓ ରାକ୍ଷସମାନଙ୍କୁ ଅନ୍ୟ ଦ୍ରବ୍ୟ ପିଇବାକୁ ଦେଇଥିଲେ। ଶ୍ରୀହରି ମୋହିନୀ ରୂପରେ ଖୁବ୍ ଆକର୍ଷଣ ଥିଲେ। ସେ ଏହି ରୂପ ଲୋକକଲ୍ୟାଣ ପାଇଁ ନେଇଥିଲେ। ଏଥିରେ ସେ ଜଣେ ସୁନ୍ଦର ଯୁବା ସ୍ତ୍ରୀ ରୂପରେ ଉଭା ହୋଇଥିଲେ। ଅଗ୍ନି ପୁରାଣର ୩.୧୨ରେ ବର୍ଣ୍ଣିତ ଅଛି ଯେ, ଅମୃତ ବିତରଣ ପାଇଁ ଶ୍ରୀହରି ମୋହିନୀରୂପ ଧାରଣ କରିଥିଲେ। ଏହି ସମୟରେ ଭଗବାନ ଶିବ ମୋହିନୀ ରୂପ ଦେଖି ଆକର୍ଷିତ ହୋଇଉଠିଥିଲେ। ସେହି ସ୍ଥାନ ଗଙ୍ଗୋତ୍ରି ଅଟେ। ସେଠାରେ ତାଙ୍କ ବୀଜ ପତନ ଘଟିଥିଲା। ଏହା ଅମୂଲ୍ୟ ପାରଦ ଅଟେ। ଗଙ୍ଗା ଜଳର ପ୍ରତି ବିନ୍ଦୁରେ ଏହା ରହିଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଏହି ପାରଦ ସମ୍ପୂର୍ଣ୍ଣ ଜଗତର ଆଧାର ଅଟେ। କାରଣ ଏହି ସଂସାରର ଆଦି ଶକ୍ତି ରଜ ଅର୍ଥାତ୍ ଗନ୍ଧକ ଅଟେ ଓ ଶିବଙ୍କ ବୀଜ ଅର୍ଥାତ ପାରଦରେ ଏହା ପ୍ରସ୍ତୁତ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ମୋ : ୯୪୩୭୦୩୧୨୫୩

# ଗୋପବନ୍ଧୁ ଚୌଧୁରୀ

## ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଭାବେ ଗୋପବନ୍ଧୁ ଚୌଧୁରୀ ପରିଚିତ ବ୍ୟକ୍ତିତ୍ୱ। ସେ କଟକରେ ୮ମଇ ୧୮୯୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା। କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ। ୧୯୨୦ ମସିହାରେ ଭୀଷଣ ନଈବଢ଼ି ସମୟରେ ଗୋପବନ୍ଧୁ ବନ୍ୟ ପ୍ରପୀଡ଼ିତ ଅଞ୍ଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ। ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ। ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ। ୧୯୩୦ରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହାତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ସମୟରେ ସମାଜ ସଂସ୍କାର ଅଭିମୁଖୀ ଓ ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ଭିତ୍ତିକ ଲେଖା ଲେଖୁଥିଲେ। ସରଳ ଜୀବନ ଓ ବନ୍ଧୁବତ୍ସଳତା ଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ଗୁଣ। ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ। ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଉତ୍ତରର ଜଳ ଯୁଦ୍ଧ...

ଭାରତରେ ଗ୍ରୀଷ୍ମ ଋତୁ ବା ଖରାଦିନ କେବଳ ଖରାର ତେଜ ଯୋଗୁଁ ସୃଷ୍ଟି ହେଉଥିବା ଉତ୍ତାପ ଦୃଷ୍ଟିରୁ ନୁହେଁ, ପାଣି ବା ଜଳର ଅଭାବ ପାଇଁ ମଧ୍ୟ ଅତ୍ୟନ୍ତ କଷ୍ଟକର ସାବ୍ୟସ୍ତ ହୋଇଥାଏ ଅନେକ ଅଞ୍ଚଳରେ । ଜଳକୁ ନେଇ ଗଣ୍ଡଗୋଳ ମଧ୍ୟ ହୋଇଯାଏ ରାଜ୍ୟ ରାଜ୍ୟ ମଧ୍ୟରେ, ଯେମିତି ଏବେ ହେଉଛି ଦୁଇ ପଡ଼ୋଶୀ ରାଜ୍ୟ ପଞ୍ଜାବ ଏବଂ ହରିୟାନା ମଧ୍ୟରେ । ଏହି ଦୁଇ ରାଜ୍ୟଙ୍କ ମଧ୍ୟରେ ଜଳ ବଣ୍ଟନକୁ ନେଇ ସୃଷ୍ଟ ବିବାଦ ଦଶନ୍ଧି ଦଶନ୍ଧିର । ତେବେ ସୋମବାର ଦିନ ପଞ୍ଜାବର ଆପ୍-ନେତୃତ୍ୱାଧୀନ ଭଗଓ୍ୱନ୍ତ ମାନ୍ ସରକାର ନିଜ ଭାଗରୁ 'ଗୋଟିଏ ବି ବିନ୍ଦୁ ଜଳ ପଡ଼ୋଶୀ ହରିୟାନାକୁ ପ୍ରଦାନ କରି ନଷ୍ଟ କରିବେ ନାହିଁ' ବୋଲି ବିଧାନସଭାରେ ଏକ ନିଷ୍ପତ୍ତି ପତ୍ର ପାରିତ କରି ଏହି ବିବାଦକୁ ଅଧିକ ତେଜିଛନ୍ତି । ସଙ୍ଗେ ସଙ୍ଗେ ପଞ୍ଜାବର ଜଳ ସମ୍ପଦ ମନ୍ତ୍ରୀ ବାରିନ୍ଦର କୁମାର ଗୋୟଲ ମଧ୍ୟ ବିଜେପି ଉପରେ ଅଭିଯୋଗ ଉଠାଇଛନ୍ତି ଯେ କେନ୍ଦ୍ର ଏବଂ ହରିୟାନାରେ ଏହାଙ୍କ ସରକାରଙ୍କ ଜରିଆରେ ତାଙ୍କ ରାଜ୍ୟ ଏବଂ ଭାକ୍ରା ବିସ୍ ପରିଚାଳନା ବୋର୍ଡ (ବିବିଏମ୍‌ବି)ର ଅଧିକାରକୁ ଛଡ଼ାଇ ନେବାକୁ ଉଦ୍ୟମ କରୁଛନ୍ତି । ଶ୍ରୀଯୁକ୍ତ ମାନ୍ ଏ ବାବଦରେ ବିଶଦ ଆଲୋଚନା କରିବା ନିମନ୍ତେ ଶୁକ୍ରବାର ଦିନ ଏକ ସର୍ବଦଳୀୟ ବୈଠକ ଡାକିଥିଲେ, ଯେଉଁଥିରେ ରାଜ୍ୟର ସମସ୍ତ ଦଳ ତାଙ୍କର ପ୍ରସ୍ତାବକୁ ସମର୍ଥନ କରିଥିଲେ । ତେବେ ବିଜେପି ରାଜନେତାମାନେ ଗୋଟିଏ କଥା କହିଥିଲେ ଯେ ଅତୀତରେ ହରିୟାନା ଅତିରିକ୍ତ ଜଳ ଲାଭ କରିଥିଲା, ଯାହା ସୂଚାଇ ଥିଲା ଯେ ବର୍ତ୍ତମାନର ସଂକଟକୁ ଏଡ଼ାଇ ଦିଆଯିବା ଭଳି ଅବସ୍ଥା ଥିଲା । ଏକ ସମାନ୍ତରାଳ ପଦକ୍ଷେପ ଭାବରେ ହରିୟାନା ମଧ୍ୟ ଏକ ସର୍ବଦଳୀୟ ବୈଠକ ଆହୂତ କରିଥିଲା, ଯେଉଁଥରେ ରାଜ୍ୟର ସବୁ ରାଜନୀତିକ ଦଳ ଏକ ସ୍ୱରରେ ଏହାର କଥାକୁ ସମର୍ଥନ ଜଣାଇ ଥିଲେ । ଏହି ଦ୍ୱନ୍ଦ୍ୱରେ ଅକାଳୀ ଦଳର ସଭାପତି ସୁଖବୀର ସିଂହ ବାଦଲ ପଞ୍ଜାବର ଆପ୍ ସରକାରଙ୍କୁ ନିନ୍ଦା କରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଘଟଣାରେ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି । ସେ ଦୃଢ଼ କଣ୍ଠରେ କହିଛନ୍ତି ଯେ ହରିୟାନା ଏବଂ ରାଜସ୍ଥାନକୁ ପାଣି ଛାଡ଼ିବା ନିମନ୍ତେ ଖୋଲାଖୋଲି ପ୍ରତିଶ୍ରୁତି ପ୍ରଦାନ କରି ରାଜ୍ୟର ସାମ୍ପ୍ରତିକ ଶାସକମାନେ 'ନିଆଁ ସହିତ ଖେଳୁଛନ୍ତି' । ତେବେ ପଞ୍ଜାବ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ହରିୟାନାର ଆଠ ଗୋଟି ଜିଲ୍ଲା ଘୋର ଜଳ ସଂକଟର ସମ୍ମୁଖୀନ ହୋଇ ପାରନ୍ତି । ହରିୟାନା ସରକାରଙ୍କର ଏକ ରିପୋର୍ଟ ଅନୁସାରେ ସିର୍ସା, ହିସର, ଫତେହାବାଦ, ଜିନ୍ଦ, କିଥାଲ, କୁରୁକ୍ଷେତ୍ର, ଚରଖି ଦାଦ୍ରି ଏବଂ ଭିଓ୍ୱାନୀ ଜିଲ୍ଲା ମାତ୍ର ୭୬୪.୮୦ କୋଟି ଲିଟର ଜଳ ପାଉଛନ୍ତି, ଯେତେବେଳେ କି ଏହିସବୁ ଜିଲ୍ଲାମାନଙ୍କରେ ପିଇବା ଉଦ୍ଦେଶ୍ୟରେ ୪,୯୩୧.୯୦ କୋଟି ଲିଟର ଜଳ ଆବଶ୍ୟକ । ଜଳ ବଣ୍ଟନକୁ ନେଇ ସମ୍ପ୍ରତି ଦୁଇ ରାଜ୍ୟଙ୍କ ମଧ୍ୟରେ ଯେଉଁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଆରମ୍ଭ ହୋଇଛି କେନ୍ଦ୍ର ସରକାର ବିବିଏମ୍‌ବି ଜଳ ଭଣ୍ଡାରରୁ ଆଠ ଦିନ ପାଇଁ ହରିୟାନାକୁ ଦିନକୁ ଅତିରିକ୍ତ ୪,୫୦୦ କ୍ୟୁସେକ୍ ଜଳ ଦେବା ପାଇଁ ପଞ୍ଜାବକୁ ନିର୍ଦ୍ଦେଶ ଦେବା ପରେ । ଏହି ନୋଟିସ୍ ସ୍ୱଳ୍ପ ସମୟର ଅବଧି ମଧ୍ୟରେ ଦିଆ ଯାଇଥିବାରୁ ତା'ର ପ୍ରତିବାଦରେ ପଞ୍ଜାବ ଶନିବାର ଦିନ ବିବିଏମ୍ ବୈଠକକୁ ବର୍ଜନ କରିଥିଲା ଏବଂ କହିଥିଲା ଯେ ବିଧାନସଭାର ଅଧିବେଶନ ଶେଷ ନହେବା ପର୍ଯ୍ୟନ୍ତ ଏହା ଆଉ କୌଣସି ବୈଠକରେ ଯୋଗ ଦେବ ନାହିଁ । ୧୯୧୦ ମସିହା ବେଳକୁ ସ୍ଥିର କରା ଯାଇଥିବା ଭାକ୍ରା-ନଙ୍ଗଲ ପ୍ରକଳ୍ପ ହେଉଛି ସ୍ୱାଧୀନୋତ୍ତର ଭାରତବର୍ଷର ସର୍ବପ୍ରାଚୀନ ନଦୀ ଉପତ୍ୟକା ପ୍ରକଳ୍ପମାନଙ୍କ ମଧ୍ୟରୁ ଅନ୍ୟତମ । ଏଥିରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଜବାହାରଲାଲ୍ ନେହରୁ ବ୍ୟକ୍ତିଗତ ଭାବରେ ତାଙ୍କର ରୁଚି ପ୍ରଦର୍ଶନ କରିଥିଲେ । ଏହା ସତ୍‌ଲଜ୍ ନଦୀ ଉପରେ ଦୁଇ ଗୋଟି ଅଲଗା ଅଲଗା, କିନ୍ତୁ ପରସ୍ପରର ପରିପୂରକ ଡ୍ୟାମ୍ ରହିଛି- ହିମାଚଳର ଭାକ୍ରା ଡ୍ୟାମ୍, ଏବଂ ତା' ତଳକୁ ୧୦ କିଲୋମିଟରର ନିମ୍ନ ସ୍ରୋତରେ ପଞ୍ଜାବର ନଙ୍ଗଲ ଡ୍ୟାମ୍ । ପଞ୍ଜାବ, ହରିୟାନା ଏବଂ ହିମାଚଳ ପ୍ରଦେଶରେ ବିଭାଜିତ ହେବା ପୂର୍ବରୁ ଭାକ୍ରା-ନଙ୍ଗଲ ପ୍ରକଳ୍ପ ପଞ୍ଜାବ ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିଥିଲା । ପ୍ରକଳ୍ପ ଦ୍ୱାରା ତିନି ଗୋଟିଯାକ ରାଜ୍ୟଙ୍କ ସ୍ୱାର୍ଥକୁ ସମାନ ଗୁରୁତ୍ୱ ଦେବା ପାଇଁ ୧୯୬୬ ମସିହାରେ ଭାକ୍ରା ପରିଚାଳନା ବୋର୍ଡ ପ୍ରତିଷ୍ଠା କରାଯାଇଥିଲା । ୧୯୭୬ରେ ଏହି ବୋର୍ଡକୁ ବିବିଏସ୍‌ପି ନାମରେ ପୁନଃନାମିତ କରାଗଲା ଏବଂ ଏହା ଉପରେ ବିସ୍ ନଦୀ ଉପରେ ଥିବା ପ୍ରକଳ୍ପଗୁଡ଼ିକ, ମୁଖ୍ୟତଃ ହିମାଚଳରେ ଥିବା ଉଭୟ ପ୍ରକଳ୍ପ ବିସ୍-ସତ୍‌ଲଜ୍ ସଂଯୋଗ ପ୍ରକଳ୍ପ (ପାଣ୍ଡୋହ ଡ୍ୟାମ୍) ଏବଂ ପୋଙ୍ଗ୍ ଡ୍ୟାମ୍ ପରିଚାଳନା କରିବାର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଗଲା । ଆଜିକା ଦିନରେ ବିବିଏସ୍‌ପି ପଞ୍ଜାବ, ହରିୟାନା, ରାଜସ୍ଥାନ, ହିମାଚଳ ପ୍ରଦେଶ ଏବଂ ଦିଲ୍ଲୀ ମଧ୍ୟରେ ଜଳ ଆବଣ୍ଟନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ପହଲଗାମ୍ ଗଣହତ୍ୟା ପରିପ୍ରେକ୍ଷୀରେ ପାକିସ୍ତାନ ଉପରେ ପ୍ରତିଶୋଧ ନେବା ପାଇଁ ଭାରତ ଯେତେବେଳେ ସିନ୍ଧୁ ଜଳ ଚୁକ୍ତିକୁ ବାତିଲ କରିଛି, ସେତେବେଳେ ସମୟ ଉପଗତ ହୋଇଛି, ଉପଯୁକ୍ତ ପରିମାଣର ଜଳ ବଣ୍ଟନକୁ ନେଇ ସମସ୍ତ ହିତଧାରକମାନଙ୍କ କର୍ତ୍ତବ୍ୟ ହେଉଛି ପରସ୍ପର ସହିତ ହାତ ମିଳାଇ ବିବାଦର ସମାଧାନ କରିବା ଏବଂ ରାଜନୀତିକ ଖେଳ ବନ୍ଦ କରି ଶତ୍ରୁ ସମ୍ମୁଖରେ ନିଜର ଏକତାକୁ ପ୍ରଦର୍ଶନ କରିବା ।

# ରେଡ଼କ୍ରସର ଜଣାଅଜଣା

## ବାଦଲ ଭୂୟାଁ



ଆପଣ ସମସ୍ତେ ସାରା ବିଶ୍ୱର ଡାକ୍ତରୀ ସେବା କ୍ଷେତ୍ରରେ ନାଲି ଛକିକୁ ଦେଖିଥିବେ । ଡାକ୍ତରଖାନା, କ୍ଲିନିକ, ଆମ୍ବୁଲାନ୍ସ ଆଦିରେ ଧଳାପୃଷ୍ଠଭୂମିରେ ଲାଲଛକି କିମ୍ବା ସବୁଜ ପୃଷ୍ଠଭୂମିରେ ଧଳାଛକି ବ୍ୟବହାର କରାଯାଏ । ଏହା ପ୍ରାଥମିକ ସେବା ବା ଫାଷ୍ଟଏଡ଼ର ପ୍ରତୀକ । ଏହି ପ୍ରତୀକର ସୃଷ୍ଟି ଇଟାଲୀ । ଏକତ୍ରୀକରଣ ଯୁଦ୍ଧ ସମୟରେ । ଏହି ଯୁଦ୍ଧରେ ଅସଂଖ୍ୟ ସୈନିକ ଓ ବେସାମରିକ ବ୍ୟକ୍ତି ପ୍ରାଣ ହରାଇଥିଲେ । ରେଡ଼କ୍ରସ ସାରା ବିଶ୍ୱରେ ଏପରିକି ଯୁଦ୍ଧ କ୍ଷେତ୍ରରେ ମାନବିକ ଓ ଡାକ୍ତରୀ ସହଯୋଗ ଦେଉଥିବା ସବୁ ଗୋଷ୍ଠୀ, ସବୁ ରେଡ଼କ୍ରସ ସଂଗଠନର ପ୍ରତୀକ । ସହଜରେ ଚିହ୍ନି ହେଉଥିବା ଏହି ପ୍ରତୀକ ଜଣାଇଦିଏ ଯେ ଏହା ପରିଧାନ କରିଥିବା ବ୍ୟକ୍ତି କୌଣସି ସେନାର ଲକ୍ଷ୍ୟ ନୁହେଁ ।

ମେ ୮ ତାରିଖକୁ ବିଶ୍ୱ ରେଡ଼କ୍ରସ ଦିବସ ଭାବରେ ପାଳିତ ହୋଇଥାଏ । ୧୮୫୯ରେ ଯୁବ ସ୍ୱିସ୍ ବ୍ୟବସାୟୀ ହେନେରୀ ଡୁନାଣ୍ଟ ଇଟାଲୀର ସୋଲଫେରିନୋ ଠାରେ ଏକ ରକ୍ତାକ୍ତ ଯୁଦ୍ଧରେ ଅସହାୟ ମୃତାହତ ରକ୍ତାକ୍ତ ସୈନିକଙ୍କ ଅବସ୍ଥା ଦେଖି ଯୁଦ୍ଧାହତଙ୍କ ପାଇଁ ଏକ ନିରପେକ୍ଷ ସେବା ସଂସ୍ଥାନ ଗଢ଼ିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ୧୮୬୩ ମସିହାରେ ହେନେରୀ ଡୁନାଣ୍ଟଙ୍କ ତତ୍ତ୍ୱାବଧାନରେ ଅନ୍ୟ ଚାରିଜଣ ସହଯୋଗୀ ଯଥା ଗୁସ୍ତାଭ୍ ମୋୟନିର, ଲୁଇସ୍ ଆପିଆ, ଥିଓଡର ମୌନର ଓ ଗ୍ୟୁଲେମ୍ ହେନେରୀ ଡୁଫରଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଲା ଇଣ୍ଟର ନ୍ୟାସନାଲ କମିଟି ଫର ରିଲିଫ୍ ଟୁ ଦି ଉଣ୍ଡେଡ୍ । ପରବର୍ତ୍ତୀ ସମୟରେ ଏହା ଇଣ୍ଟର ନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସରେ ପରିଣତ ହେଲା । ପ୍ରଥମ ଯୁଦ୍ଧ ପରେ ପ୍ୟାରିସ୍ ଠାରେ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ରେଡ଼କ୍ରସ ଆଣ୍ଡ ରେଡ଼କ୍ରେସାଣ୍ଟ ସୋସାଇଟିଜ୍ ଗଠନ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ଜଣାଇ ଦେଲା ରେଡ଼କ୍ରସ ସୋସାଇଟିଗୁଡ଼ିକ ମଧ୍ୟରେ ଗଭୀର ସହଯୋଗ ଆବଶ୍ୟକ ।

ରେଡ଼କ୍ରସ ସଂଗଠନର ପ୍ରତୀକ ହେଲା ଧଳାପୃଷ୍ଠ ଭୂମିରେ ଲାଲ୍ ଛକି । ଏହା ସ୍ୱିଜରଲ୍ୟାଣ୍ଡ ପତାକାର ଠିକ୍ ବିପରୀତ । ଡୁନାଣ୍ଡ ନିଜ ମାତୃଭୂମିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା କରିଥିଲେ । ଇସ୍‌ଲାମୀୟ ଦେଶଗୁଡ଼ିକରେ ଲାଲ ଛକି ବା ରେଡ଼କ୍ରସକୁ ଖ୍ରୀଷ୍ଟଧର୍ମର ପ୍ରତୀକ ଭାବେ ଗ୍ରହଣ କରାଯିବାରୁ ଏସବୁ ଦେଶରେ ରେଡ଼କ୍ରସ ବଦଳରେ ରେଡକ୍ରେସାଣ୍ଟ ବା ଲାଲବକ୍ର ଚନ୍ଦ୍ରାଂଶ ବ୍ୟବହାର କରାଗଲା । ୨୦୦୭ରେ ରେଡ଼କ୍ରିଷ୍ଟାଲ ମଧ୍ୟ ସଂଗଠନର ଅନ୍ୟତମ ପ୍ରତୀକ ଭାବରେ ମାନ୍ୟତା ପାଇଲା । ଇସ୍ରାଏଲରେ ଉଭୟ ରେଡ଼କ୍ରସ ଓ ରେଡ଼କ୍ରେସାଣ୍ଟ ଧର୍ମୀୟ କାରଣରୁ ଗ୍ରହଣଯୋଗ୍ୟ ନହେବାରୁ ସଂଗଠନରେ ଇସ୍ରାଏଲର ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା । ସେହିପରି ତୁର୍କୀ, ପର୍ସିଆ ଓ ଇଜିପ୍ଟ ରେଡ଼ କ୍ରେସାଣ୍ଟ ସହ ରେଡ଼ ଲାୟନ୍‌କୁ ରେଡ଼କ୍ରସର ପ୍ରତୀକ ଭାବରେ ବ୍ୟବହାର କରନ୍ତି । ରେଡ଼ ଲାୟନ୍ ଉପରୋକ୍ତ ତିନିଦେଶ ମଧ୍ୟରେ ସୀମିତ । ବର୍ତ୍ତମାନ ୩୦ଟି ଇସଲାମିକ୍‌ଦେଶ ରେଡ଼କ୍ରେସାଣ୍ଟ ପ୍ରତୀକ ବ୍ୟବହାର କରୁଛନ୍ତି । ୧୮୬୪ ମସିହାରେ ରେଡ଼କ୍ରସର ପ୍ରଥମ ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ ଜେନେଭା ଠାରେ ଅନୁଷ୍ଠିତ ହୋଇ ୧୦ଟି ଧାରା ସ୍ୱାକ୍ଷରିତ ହୋଇଥିଲା । ସେତେବେଳେ ସମୁଦାୟ ୧୪ଟି ଦେଶର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ ।

ବର୍ତ୍ତମାନ ରେଡ଼କ୍ରସ ସୋସାଇଟିର ସଦସ୍ୟ ରାଷ୍ଟ୍ରଙ୍କ ସଂଖ୍ୟା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ । ସାରା ବିଶ୍ୱରେ ଏହି ସଂଗଠନର ୯୮.୭ ମିଲିୟନ କର୍ମଚାରୀ, ସଦସ୍ୟ ଓ ସ୍ୱେଚ୍ଛାସେବୀ ଅଛନ୍ତି । ଏହି ସଂଗଠନ ତିନିଥର ଯଥା ୧୯୧୭, ୧୯୪୪ ଓ ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ସମ୍ମାନୀତ ହୋଇଥିଲେ । ରେଡ଼କ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟ ୧୯୦୧ ମସିହାରେ ପ୍ରଥମ ବ୍ୟକ୍ତି ଭାବରେ ନୋବେଲ ଶାନ୍ତି ପୁରସ୍କାରରେ ପୁରସ୍କୃତ ହୋଇଥିଲେ । ଆଫଗାନିସ୍ଥାନ ଠାରୁ ଆରମ୍ଭ କରି ଜିମ୍ବାଓ୍ୱେ ପର୍ଯ୍ୟନ୍ତ ବିଶ୍ୱର ୧୮୯ଟି ଦେଶ ରେଡ଼କ୍ରସର ସଦସ୍ୟ । ରେଡ଼କ୍ରସ ବିଶ୍ୱର ସବୁଠାରୁ ପରିଚିତ ଓ ସହଜ ଆଦୃତ ଚିହ୍ନ । ରେଡ଼କ୍ରସର ଅର୍ଦ୍ଧାଧିକ ସ୍ୱେଚ୍ଛାସେବୀ ଯୁବପିଢ଼ୀ । ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳା । ଜାତୀୟ ରେଡ଼କ୍ରସ ସୋସାଇଟି ଗୁଡ଼ିକ ସ୍ୱଚ୍ଛ ଅବଧି ଓ ଦୀର୍ଘ ଅବଧି ସ୍ୱେଚ୍ଛାସେବୀଙ୍କ ଆବଶ୍ୟକତାକୁ ଦେଖି ତାଲିମ ପ୍ରଦାନ କରନ୍ତି । ରେଡ଼କ୍ରସର ସବୁଠାରୁ ଅଧିକ ସ୍ୱେଚ୍ଛାସେବୀ ଅଛନ୍ତି କାନାଡାରେ । ସେମାନଙ୍କ ସଂଖ୍ୟା ପ୍ରାୟ ୩୪ ହଜାର । ରେଡ଼କ୍ରସ ଓ ରେଡକ୍ରେସାଣ୍ଟ ଅଭିଯାନ ବିଶ୍ୱର ସର୍ବବୃହତ୍ ମାନବିକ କାର୍ଯ୍ୟଶୃଙ୍ଖଳା । ବିପର୍ଯ୍ୟୟ ପରିଚାଳନା ଓ



ଉଦ୍ଧାର ରେଡ଼କ୍ରସ ଅଭିଯାନର ସବୁଠାରୁ ବଡ଼ ଅଂଶ । ୨୦୦୪ରୁ ୨୦୨୪ ମଧ୍ୟରେ ରେଡ଼କ୍ରସର କାମ କରିଥିବା ୫୧ ପ୍ରତିଶତ ବିପର୍ଯ୍ୟୟ ପାଣିପାଗ ଯୋଗୁଁ ଘଟିଛି । କେବଳ ୨୦୦୮ରେ ରେଡ଼କ୍ରସ ବିଶ୍ୱବ୍ୟାପୀ ୬୨୩ଟି ବିପର୍ଯ୍ୟୟରେ ଜନତାଙ୍କୁ ସହାୟକ ଦେଇଛି । ଭୟାବହ କରୋନା ସମୟରେ ମଧ୍ୟ ରେଡ଼କ୍ରସର ଉଲ୍ଲେଖନୀୟ ଆନ୍ତର୍ଜାତିକ ସହାୟତା ରହିଥିଲା । ଅନ୍ତରାଷ୍ଟ୍ରୀୟ ରେଡ଼କ୍ରସ ସୋସାଇଟିର ନିଜସ୍ୱ ପାଣ୍ଠି ଅଛି । ପ୍ରତିବର୍ଷ ଏହା ପ୍ରାୟ ୧୫ ମିଲିୟନ ଡଲାର ସଂଗ୍ରହ କରେ । ଏହା ବ୍ୟତୀତ କୌଣସି ଦୁର୍ଘଟଣା ସମୟରେ ମଧ୍ୟ ଏହା ଆବଶ୍ୟକୀୟ ପାଣ୍ଠି ସଂଗ୍ରହ କରେ । ରେଡ଼କ୍ରସର ଦୁଇଟି ସଂଗଠନ ଅଛି - ଇଣ୍ଟରନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସ ଓ ଇଣ୍ଟରନ୍ୟାସନାଲ ଫେଡେରେସନ୍ ଅଫ୍ ରେଡ଼କ୍ରସ ଆଣ୍ଡ ରେଡକ୍ରେସାଣ୍ଟ ସୋସାଇଟିଜ । ଆଇସିଆରସି କେବଳ ସଶସ୍ତ୍ର ଯୁଦ୍ଧରେ ପୀଡ଼ିତଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ ଆଇଏଫ୍‌ଆରସି ରେଡ଼କ୍ରସର ଅନ୍ୟ ସମସ୍ତ ଦାୟିତ୍ୱକୁ ଜାତୀୟ ରେଡ଼କ୍ରସ ସୋସାଇଟି ସହଯୋଗରେ ପୂରଣ କରିଥାଏ ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ଜୁନିୟର ରେଡ଼କ୍ରସ ଓ କଲେଜମାନଙ୍କରେ ୟଥ ରେଡ଼କ୍ରସ ସୋସାଇଟି ରହିଛି । ଏହାର ନୀତି ହେଉଛି ମାନବିକତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତସେବା, ଏକତା ଓ ସାର୍ବଜନୀନ ଭାବ । ପ୍ରମୁଖ ଲକ୍ଷ୍ୟ ରହିଛି ଶିକ୍ଷା ଓ ତାଲିମ ଦ୍ୱାରା ସୁସ୍ଥ ଜୀବନ, ସ୍ୱାସ୍ଥ୍ୟର ଯତ୍ନ ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ ସୁନ୍ଦର ଜୀବନର ଅଧିକାରୀ କରାଇବା, ଶିକ୍ଷା ଓ ତାଲିମ ଦ୍ୱାରା ସମାଜସେବା ପାଇଁ ଉତ୍ସାହିତ କରିବା, ରେଡ଼କ୍ରସର ମୂଳନୀତି ସଂପର୍କରେ ସଚେତନ କରାଇବା, ମାନବିକତା ଭାବ ସୃଷ୍ଟି କରିବା, ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ମାନବସମ୍ବଳ ଉପରେ ଅଧ୍ୟୟନ କରିବା ଓ ଯୁବକଙ୍କ ମଧ୍ୟରେ ନେତୃତ୍ୱ ଭାବ ସୃଷ୍ଟି କରିବା ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ୍, ପୁରୁଣା
ସୋନାରୀ, ଜାମସେଦପୁର

# ସିନ୍ଦୂରର ଜବାବ ଅପରେସନ ସିନ୍ଦୂର

## କାଳୀ ଦାସ



ଭାରତର ସୌର୍ଯ୍ୟ ଭାରତର ବିରତ୍ୱ ତିରଙ୍ଗାର ସମ୍ମାନ କୁ ଆଖି ଆଗରେ ରଖି ପାକିସ୍ଥାନର ଆତଙ୍କି ଆଡା ଉପରେ ଭାରତ ମିଜାଇଲ ଦ୍ୱାରା ଆକ୍ରମଣ କରିଛି

ଭାରତ କେବେହେଲେ ଅନ୍ୟ ଦେଶର ସାର୍ବଭୌମ୍ୟତା ଉପରେ ତିଳେ ମାତ୍ର ହସ୍ତକ୍ଷେପ କରିନାହିଁ । ଯେଉଁଥି ପାଇଁ ଭାରତର ଚାରିପଟେ ରହିଥିବା ଛୋଟିଆ ଛୋଟିଆ ଦେଶ ଗୁଡ଼ିକ ବିନା ଭୟରେ ମୁଣ୍ଡ ଉଠାଇ ରହି ପାରିଛନ୍ତି ।କିନ୍ତୁ ପାକିସ୍ଥାନ ଦ୍ୱାରା ଗଠନ କରାଯାଇଥିବା ଆତଙ୍କବାଦୀ ସଂଗଠନ ଗୁଡ଼ିକ ସମୟ ସମୟ ରେ ଭାରତର ମାଟି କୁ ନିରିହ ଲୋକଙ୍କ ଲହୁରେ ଲହୁ ଲୁହାଣ କରିଛନ୍ତି ।ଭାରତ ବିଶ୍ୱ ଦରବାର ରେ ଏଥିପାଇଁ ଅନେକ ଥର ସ୍ୱର ଉଠାଇଛି ।ବିଶ୍ୱର ନେତାମାନେ ଦୃଢ ହସ୍ତରେ ଯଦି ଆତଂକବାଦୀ ଦେଶ ଗୁଡ଼ିକୁ ଦମନ କରନ୍ତେ ତା ହେଲେ ଆତଂକବାଦୀ ଓ ଆତଙ୍କବାଦ କୁ ନିପାତ କରା ଯାଇ ପାରିଥାନ୍ତା ।ଆତଙ୍କବାଦ ସଭ୍ୟ ସମାଜ ପାଇଁ ଏକ ଅଭିଶାପ ।

ଭାରତ ମେ ୭ ତାରିଖ ରାତି ଗୋଟେ ପାଞ୍ଚ ରେ ପାକିସ୍ଥାନ ର ଆତଙ୍କବାଦୀ ଆଡ୍ଡା ଯେଉଁଠି ଭାରତ ଉପରେ ହୋଇଯାଇଥିବା ଆତଙ୍କବାଦୀ ଘଟଣା ର ରଚନା କରାଯାଇଥିଲା ସେଇଠି ଆକ୍ରମଣ କରିଦେଇଛି ।ପାକିସ୍ଥାନ

ଅନ୍ତର୍ଜାତୀୟ ଫୋରମ୍ ରେ ଭାରତର ସିନ୍ଧୁ ଚୁକ୍ତି କୁ ରଦ୍ଦ କରିବା ର କଥା ଉଠାଇଥିଲା କିନ୍ତୁ ପାକିସ୍ଥାନ ର ଭାରତ ବିରୋଧି କାର୍ଯ୍ୟ କଳାପ ଓ ପେହେଲଗାମ ରେ ଘଟି ଯାଇଥିବା ନରସଂହାର ର ଦୃଷ୍ଟାନ୍ତ ଦେଇ ଆନ୍ତର୍ଜାତୀୟ ଫୋରମ ପାକିସ୍ଥାନ କୁ କଡା କଡି ସୂଚନା ଦେଇଛନ୍ତି ।ତା ସହିତ ପାକିସ୍ଥାନ ଦ୍ୱାରା ଦିଆଯାଇଥିବା ନ୍ୟୁକ୍ଲିୟର ର ଧମକ କଥା ମଧ୍ୟ ଉଠିଛି ।ପାକିସ୍ଥାନ ର କାର୍ଯ୍ୟ କଳାପ ସବୁବେଳେ ଭାରତ ବିରୋଧି ରହିଛି ।

ପେହେଲଗାମ ରେ ପରିବାର ର ଲୋକଙ୍କ ଆଗରେ ଘରର ପୁରୁଷଙ୍କୁ ଯେଉଁ ପରି ନିର୍ମମ ଭାବରେ ହତ୍ୟା କରାଯାଇଛି ତାହା ନିଶ୍ଚିତ ଭାବରେ ତୀବ୍ର ନିନ୍ଦନୀୟ ।ସ୍ତ୍ରୀ ଓ ସନ୍ତାନଙ୍କ ଆଖି ଆଗରେ ବାପା ଓ ସ୍ୱାମୀର ନିର୍ମମ ହତ୍ୟା ନିଶ୍ଚିତ ଭାବରେ ନିନ୍ଦନୀୟ ।

ଭାରତ ରେ ଆତଙ୍କବାଦୀ ଆକ୍ରମଣ ନୂଆ କଥା ନୁହେଁ।ଅନେକ ଥର ଆତଂକବାଦୀ ଆକ୍ରମଣ ରେ ଆମର ସେନା ଏବେ ଆମ ଜନତାଙ୍କର ମୃତ୍ୟୁବରଣ କରିବା ର ଖବର ଲୋକଲୋଚନକୁ ଆସିଛି । ଗତ ଏପ୍ରିଲ ୨୨ ତାରିଖ ରେ କାଶ୍ମୀର ରେ ପେହେଲଗାମ ରେ ଆତଙ୍କବାଦୀ ଆକ୍ରମଣ ରେ ୨୮ଜଣ ନିରିହ ଲୋକ ପ୍ରାଣ ହରାଇଥିଲେ ସେହି ଆକ୍ରମଣ ର ଠିକ ୧୩ ଦିନ ପରେ ଭାରତ ତାର ବଦଲା ନେଉଛି ।ଭାରତ ସେନା ଭାରତର ସୀମା ଭିତରେ ରହି ପାକିସ୍ଥାନୀ ଆତଙ୍କବାଦୀଙ୍କ ରହିଥିବା ୯ ଟି ଯାଗା କୁ ଆକ୍ରମଣ କରିଥିଲେ ସେହି ଆକ୍ରମଣ ରେ ୯୦ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।ଭାରତୀୟ ସେନା ବାହିନୀଙ୍କ ଦ୍ୱାରା ଦୁଇ ପ୍ରମୁଖ ଲସ୍କରେ ତୋଇବା




ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା ।

ଭାରତୀୟ ସେନା ପାକିସ୍ଥାନର କୌଣସି ସାମରିକ ସ୍ଥାନରେ ଆକ୍ରମଣ କରିନଥିଲେ । ଭାରତର ଅପରେସନ ସିନ୍ଦୂର ପାକିସ୍ଥାନର ସାଧାରଣ ନାଗରିକଙ୍କର କୌଣସି କ୍ଷୟ କ୍ଷତି ନକରି ବରଂ କେବଳ ଆତଙ୍କି ଆଡ୍ଡାକୁ ନଷ୍ଟ କରିଛି ।

ଆତାଙ୍କିଙ୍କ ୯ ଟି ଆଡ୍ଡା କୁ ନଷ୍ଟ କରାଯାଇଛି । ଲସ୍କରେ ତୋଇବା ର ମୁଜାଫରବାଦ ରେ ଥିବା ଟ୍ରେନିଂ କେମ୍ପ କୁ ଟାର୍ଗେଟ କରାଯାଇଛି । ଲସ୍କରେ ତୋଇବା ଅକ୍ଟୋବର୨୦ ୨୦୨୪ ରେ ସୋନ ମାର୍ଗ,୨୪,୨୦୨୪ ରେ ଗୁଲମାର୍ଗ ଓ ପେହେଲଗାମ ଆକ୍ରମଣ ପାଇଁ ଏଠାରେ ଆତଙ୍କବାଦୀ ଙ୍କୁ ତାଲିମ ଦିଆ ଯାଇଥିଲା ।

ମୁଜାଫରବାଦର ଯେଇସେ ମହମ୍ମଦ ର ସିଏଦନା କ୍ୟାମ୍ପ କୁ ଟାର୍ଗେଟ କରାଯାଇଛି ।କେଟଲି ରେ ଥିବା ଲସ୍କରେ ତୋଇବା ର ଗୁଲପୁର କ୍ୟାମ୍ପ କୁ ଟାର୍ଗେଟ କରାଯାଇଛି । ବର୍ଣ୍ଣାଲା ର କ୍ୟାମ୍ପ କୁ ମଧ୍ୟ ଟାର୍ଗେଟ କରାଯାଇଛି ।କେଟଲି ର ଆବା କ୍ୟାମ୍ପ କୁ ଟାର୍ଗେଟ କରାଯାଇଛି ।ଏହି ସମସ୍ତ ସ୍ଥାନ ରେ ଭାରତ ବିରୋଧି ଟ୍ରେନିଂ ବା ପ୍ରଶିକ୍ଷଣ ଦିଆଯାଉଥିଲା ।

+ ବ୍ରହ୍ମପୁର,
ଖୋଡାସିଂଗି କଳିଙ୍ଗନଗର
ଗଞ୍ଜାମ, ପିନ -୭୬୦୦୧୦
ମୋ:୭୨୦୫୧୦୦୮୩୯

## କବିତା କୋଣାର୍କ

### ରାଷ୍ଟ୍ର ନେଲା ପ୍ରତିଶୋଧ

ତାରାପ୍ରସାଦ ଜେନା



'ସିନ୍ଦୂର'ର ନାମେ ଅପରେସନଟା
ସ୍ପଷ୍ଟ କଲା ଅନୁରୋଧ
ପ୍ରତି ଭାରତୀୟ ଖୁସି ଅନ୍ତରକୁ
ରାଷ୍ଟ୍ର ନେଲା ପ୍ରତିଶୋଧ
'ସିନ୍ଦୂର'ର ନାମେ
ଅପରେସନଟା.....।

ପହେଲଗାମର ବର୍ବରତା ଦିନେ
ସୀମା ଥିଲା ଉଲ୍ଲଙ୍ଘନ
ସେଥିପାଇଁ ଆଜି ପାକିସ୍ତାନ ଶତ୍ରୁ
ମୃତ୍ୟୁ କଲା ଆଲିଙ୍ଗନ,
ସନ୍ତ୍ରାସବାଦର ମୁକ୍ତି ପାଇଁ ଚୁକ୍ତି
କଡ଼ା ହେଲା ଅବରୋଧ
'ସିନ୍ଦୂର'ର ନାମେ
ଅପରେସନଟା.....।

ହିନ୍ଦୁ ବିଧବାର ଆଖି ଲୁହ ପରା
ଲହୁ ଥିଲା ହତଭମ୍ବ
ଭାରତୀୟ ସେନା ଦେଶପ୍ରେମ ଦେଖ
ଝଲସିଲା ପ୍ରତିବିମ୍ବ,
ଶତ୍ରୁ ସାଧନରେ ନବ ସ୍ଥାନ ଧ୍ୱଂସ
ଘନ ଗୂଢ଼ ପ୍ରତିରୋଧ
'ସିନ୍ଦୂର'ର ନାମେ
ଅପରେସନଟା.....।

+ ରାଜ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦

### ମଧୁମକ୍ଷୀକା

ସୁଜିତ କୁମାର ମିଶ୍ର



ଜୀବନ ସତତ ସୁନ୍ଦର ସ୍ୱାଧ୍ୟାୟ
ଜନହିତକର ଗତି,
ଉଲ୍ଲାସ ଉଡାଣ ପ୍ରେମ ବିହରଣ
ଉନ୍ମୁକ୍ତ ଆଶାର ଜ୍ୟୋତି ।
ଜଡତ୍ୱର ଚିର ସମାବେଶ ଠାରେ
ଜାଗ୍ରତ ଯେ କର୍ମବୀର,
ସତେକି ସରାଗ ବରଷାର ଧାରା
ସୁଲଳିତ ସାତସୁର ।

ମଧୁମକ୍ଷୀକାର ଏକତା ସୂତ୍ରରେ
ମହକଇ ମହୁଫେଣା,
ଶଠ ନର କିନ୍ତୁ ଗୋଠରୁ ଅଲଗା
ସ୍ୱାର୍ଥ ପାଇଁ ବାଟବଣା ।
ସକାଳଠୁ ସଞ୍ଜ ଏ ଫୁଲେ ସେ ଫୁଲେ
ସୁଶୋଭିତ ବିଚରଣ,
ସାଉଁଟେ ମୋତି ସେ ସଂସାର ପାଇଁ କି
ଶ୍ରମ ମିଠା ସମର୍ପଣ ।

ପରମ ହିତୈଷୀ ଯନ୍ତ୍ରୀ ମରତରେ
ପ୍ରକୃତିର ପୁଣ୍ୟସୃଷ୍ଟି,
ରକ୍ତ ମାଂସ ଧାରୀ କିନ୍ତୁ ଚିରକାଳ
ରିକ୍ତଛଳ ପାପବୃଷ୍ଟି ।
କ୍ଷୁଦ୍ର କାୟାରେ ସେ ମଧୁମୋହଗ୍ରସ୍ତ
କ୍ଷଣେକ୍ଷଣେ ସମ୍ମୋହନେ,
ଅବଧୂତଙ୍କର ଅନନ୍ୟ ଗୁରୁ ସେ
ଆଚରଣ ଆଚମନେ ।

କରୁଣାର ଗୀତି ମଧୁମକ୍ଷୀକା ଯେ
କମନୀୟ ତପ ତାରା,
ଏ ଜୀବନ କଣ ହୋଇପାରିଛି କି
ଅନୁରାଗ ନଈଧାରା ।

+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

### ତୁମେ ନ ଆସିଲେ

ଡ଼ ସୀତାକାନ୍ତ ତ୍ରିପାଠୀ

ତୁମେ ନ ଆସିଲେ ମରୁବାଲିରେ କି
ଝରଣାର ପାଣି ବୋହିବ ।

ତୁମେ ନ ଆସିଲେ ନିରାଶା ମନରେ
କି ଆଶାର ସଂଚାର ହୋଇବ ।

ତୁମେ ନ ଆସିଲେ ଦୁଇ ଆଖିର ମୋ
ଲୁହ କଣ କେବେ ଶୁଖିବ ।

ତୁମେ ନ ଆସିଲେ ଶିଶୁର ଓଠରେ
ଦରୋଟି ହସ କି ମିଳିବ ।

ତୁମେ ନ ଆସିଲେ ପ୍ରଶ୍ନିଳ ଆଖିର
ଉତ୍ତର କଣ କେବେ ମିଳିବ ।

ତୁମେ ନ ଆସିଲେ ଅନ୍ଧାର ଇଲାକା
ଆଲୋକ କେବେ କି ହୋଇବ ।

ତୁମେ ନ ଆସିଲେ ବେଶୁରା
ଜୀବନେ ସାତସୂର କଣ ଶୁଭିବ ।
ତୁମେ ନ ଆସିଲେ ଇନ୍ଦ୍ରଧନୁରେ
ରଙ୍ଗ କିଏ କଣ ବୋଳିବ ।

ତୁମେ ନଆସିଲେ ସାଆଁବାଲୁଆଟି
ପ୍ରଜାପତି କେବେ ହୋଇବ ।

ତୁମେ ନ ଆସିଲେ ଶୂନ୍ୟ ମନରେ
ପୂର୍ଣ୍ଣତା କେବେ ଆସିବ ।

+ ଅର୍ଣ୍ଣପାଳ, ଭଦ୍ରକ
ମୋ: ୯୭୭୮୭୬୪୩୯୪

### ଏଇତ' ଜୀବନ

ସଲିଳା ତ୍ରିପାଠୀ

ଏଇତ' ଜୀବନ ତୁଚ୍ଛା ଅଭିନୟ କେତେ ଆଉ ତାକୁ ଜିଇଁବି,
ମୋହରୁ ନିବୃତ୍ତ କାମନାରୁ ମୁକ୍ତ ମଣିଷ ମାନଙ୍କୁ ଖୋଜିବି ।


କେହିତ' ନାହିଁରେ ଜଗତେ ଏମିତି ବୁଝିଯିବ ମନ ବେଦନା,
ତୁଟି ଯାଏ ସବୁ ଦମ୍ଭ ଅଭିମାନ ଭାଙ୍ଗିଗଲା ପରି ଖେଳନା ।

ଭୁଲ ଆଉ ଭଲ ବାଛୁ ବାଛୁ ଖାଲି ସରିଯିବ ସବୁ ଯୋଜନା,
ତଥାପି ମଣିଷ ଜାବୁଡ଼ି ଧରିଛି କରି କେତେ ମିଛ ବାହାନା ।

ଯନ୍ତ୍ରଣାର ଶେଷ ମିଥ୍ୟା ଅବଶୋଷ ହେବ ନାହିଁ ଅବସାନ,
କାଳରୁ କରାଳ ମାଟିରୁ ମଟାଳ ଅନନ୍ତରୁ ଅନ୍ତ ସବୁ କିଛି ଏଠି ଅଜଣା,
ନିସ୍ୱର ପ୍ରେମେ ଅତୁଟ ମୋହରେ ଜଡସଡ ଯେତେ ଭାବନା ।

ଅଦେଖା ଅକୁହା ଅନ୍ତଃସ୍ୱର ଭେଦି ବହିଯାଏ ପ୍ରୀତି ଝରଣା,
ନିସର୍ତ୍ତ, ନିର୍ମାୟା, ନିର୍ଲୋଭ ପ୍ରାଣର ସନ୍ଧାନେ ଖୋଜି ଖୋଜି ହୁଏ ହତାଶ,
ଅଜଣା ପୁଲକେ ଅବିରତ ଧାରା ବନ୍ଦ ହେବା ଯାଏ ନିଃଶ୍ୱାସ ।

+ ହନୁମାନଗାଦି
ବୋଲଗଡ଼, ଖୋର୍ଦ୍ଧା
ମୋ: ୮୭୬୩୭୮୮୬୧୪



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୬୪



ଡ. ସିନ୍ଧୁ ସେନ୍

|| ଅଣତିରିଶ ||

ସେଦିନ ଏକ ଭାରାକ୍ରାନ୍ତ ମନନେଇ କକ୍ଷ ମଧ୍ୟରେ ପଦଚାରଣ କରୁଥିଲି । ଗଲା କିଛିଦିନ ଧରି ସୀତାଦେବୀଙ୍କୁ ନେଇ ମୁଁ ଚିନ୍ତିତ ଥିଲି । ରାଜ ପାରିଷଦ ମାନଙ୍କ ମଧ୍ୟରେ ମୋର କାର୍ଯ୍ୟକଳାପକୁ ନେଇ ଅନେକ ସମାଲୋଚନା। ନିନ୍ଦା, ଅପବାଦ, କୁତ୍ସାର ଜ୍ୱଳନ ମଧ୍ୟରେ ଜର୍ଜରିତ ମୋ ତନୁମନ । ଏପରି ସମୟରେ ପରିଚାରିକା ଠାରୁ ଖବର ପାଇଲି ଦେବୀ ମନ୍ଦୋଦରୀ ମୋର ଦର୍ଶନ ଆଶାୟୀ । କିଛି ବୁଝିପାରୁ ନଥିଲି । ଏମିତି ଅସମୟରେ ତ ରାଣୀ ମନ୍ଦୋଦରୀ ମୋ ପାଖକୁ କେବେ ଆସନ୍ତି ନାହିଁ। ତେବେ ଆସିବାର ଉଦ୍ଦେଶ୍ୟ କ'ଣ ଆଉ ହୋଇପାରେ ? ମୋ ମନରେ ସନ୍ଦେହ, ସେ ଆଉ ସୀତାଦେବୀଙ୍କ କଥା କହିବା ପାଇଁ ଆସୁନାହାନ୍ତି ତ ?

ମନ୍ଦୋଦରୀଙ୍କ କଥା ଶୁଣିବା ପାଇଁ ମୋ ପାଖରେ ସମୟ ନଥିଲା । ମୋ ମୁଣ୍ଡରେ କେତେ କାମ, କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ମୁଁ ଅବଶ୍ୟ ରାଣୀଙ୍କୁ ସମୟ ଦେଇପାରିନି । ତା ବୋଲି ଏମିତି ଅସମୟରେ ତାଙ୍କର ଉପସ୍ଥିତିକୁ ମୁଁ ଆଦୌ ଗ୍ରହଣ କରିପାରୁ ନଥିଲି । ଭାବୁଥିଲି ପରିଚାରିକା ହାତରେ ଖବର ଦେବି, ଏବେ ନୁହେଁ । ପରେ ଯେତେବେଳେ ମୋତେ ସେ ଦେଖା କରିବେ । ହେଲେ ମନ୍ଦୋଦରୀ ମୋର କିଛି ବି ଉତ୍ତରକୁ ଅପେକ୍ଷା ନକରି ସିଧା ସିଧା ମୋ କକ୍ଷକୁ ପ୍ରବେଶ କରି ମୋ ଗୋଡ଼ତଳେ ଲୋଟିପଡ଼ିଲେ, ବିକଳ ହୋଇ କହୁଥିଲେ ଗତକାଲି ରାତିରେ ସେ ଦେଖିଥିବା ସ୍ୱପ୍ନ ବିଷୟରେ । ମୁଁ କିଛି ବୁଝିପାରୁ ନଥିଲି ଗୋଟିଏ ସ୍ୱପ୍ନକୁ ନେଇ ରାଣୀ ଏତେ ବିବ୍ରତ କ'ଣ ପାଇଁ ? ଯେତେ ଯାହାହେଲେ ବି ନାରୀ ମନ ତ ? ଭୟ ଓ ଦ୍ୱିଧାର ଶୃଙ୍ଖଳ ତାଙ୍କ ପାଦରେ ବନ୍ଧା । ତାଛଡ଼ା ସବୁ ସ୍ୱପ୍ନ କ'ଣ ସତ । ତେଣୁ ସ୍ୱପ୍ନକୁ ସ୍ୱପ୍ନ ସ୍ତରରେ ଛାଡ଼ିଦେବା ଉଚିତ୍ । ଅଥଚ ମନ୍ଦୋଦରୀ ଏ କ'ଣ କରୁଛନ୍ତି । କକ୍ଷ ମଧ୍ୟରୁ ମୋର ବାହାରିବାର ପଥକୁ ରୁଦ୍ଧ କରି କହି ଚାଲିଥାନ୍ତି, ହେ ଲଙ୍କେଶ, ସେ ସ୍ୱପ୍ନ ଏକ ସାଧାରଣ ସ୍ୱପ୍ନ ନୁହେଁ ଦୈବ ବାଣୀ । ତୁମକୁ ଜଣାଇବାକୁ ଜରୁରି ମନେକରି ମୁଁ ଧାଇଁ ଆସିଛି । ଏ ସ୍ୱପ୍ନ ଦୈବୀ ନିର୍ଦ୍ଦେଶ ସହିତ କେବଳ ଆପଣଙ୍କର ନୁହେଁ । ଆମ ସମସ୍ତଙ୍କର ଭାଗ୍ୟ ଜଡ଼ିତ । ମନ୍ଦୋଦରୀ କହି ଚାଲିଥିଲେ ତାଙ୍କ ସ୍ୱପ୍ନର କଥା । ସେଇ ସୀତାଦେବୀଙ୍କ କଥା । ଯିଏ ଶିଶୁଗଛ ମୂଳେ ବସିଥିବା ସମୟରେ ତାଙ୍କର ଦୁଇ ଆଖିରୁ ଉଦ୍‌ଗୀରଣ ହେଉଥିଲା ଅଗ୍ନି । ଯେଉଁଥିରେ ସମଗ୍ର ଲଙ୍କାନଗରୀ ହୁତହୁତ୍ ହୋଇ ଜଳି ଉଠନ୍ତି । ସୀତା ନିଜେ ଏକ ଅଗ୍ନି ବଳୟ ମଧ୍ୟରେ ରହିଥାନ୍ତି । ସତରେ ଯେମିତି ସାକ୍ଷାତ୍ ଅଗ୍ନି ପ୍ରତିମା । ଲକ୍ଷ୍ୟ କଲି ମନ୍ଦୋଦରୀ ସସବୁ ବର୍ଣ୍ଣନା କରୁଥିବାବେଳେ ଭୟରେ ଥରି ଉଠୁଥିଲେ । ଥରିଥରି କହୁଥିଲେ ଏସବୁ ପ୍ରଳୟ କାଳରେ ଆମ କୁଳଦେବୀ ବିପଦ ତାରିଣୀ ମାଆ ଆବିର୍ଭୂତା ହୁଅନ୍ତି ଆଉ ଶାନ୍ତିଜଳ ସିଞ୍ଚନ କରି ଏ ଭୟଙ୍କର ପ୍ରଳୟରୁ ସମସ୍ତଙ୍କୁ ରକ୍ଷା କରନ୍ତି । ଆଉ ଏ ବିଷୟରେ ଆପଣଙ୍କୁ ଜଣାଇବା ପାଇଁ କହନ୍ତି । ମୋତେ ବିଶ୍ୱାସ କରନ୍ତୁ ସ୍ୱାମୀ, ମୋର ଏ ସ୍ୱପ୍ନ, ସ୍ୱପ୍ନ ନୁହେଁ । ଆଗାମୀ ଦିନର ବିପଦ ପାଇଁ ଏହା ଏକ ସତର୍କ ଘଣ୍ଟି। ଏବେବି ସମୟ ଅଛି ଏଥିରୁ ରକ୍ଷାପାଇଁ ସୀତାଦେବୀଙ୍କୁ ଶ୍ରୀରାମଙ୍କ ପାଖକୁ ଫେରାଇ ଦିଅନ୍ତୁ।

ମନ୍ଦୋଦରୀଙ୍କ କଥାରେ ମୁଁ ଜୋରରେ ହସିଉଠିଲି । କହିଲି ରାଣୀ, ତୁମ ନାରୀ ପ୍ରାଣ ଖୁବ୍ ଦୁର୍ବଳ । ଯେଉଁ କଥାକୁ ନେଇ ତୁମେ ଏତେ ବିବ୍ରତ, ଚିନ୍ତିତ ମୋର କିନ୍ତୁ ସେଥିପ୍ରତି ଆଦୌ ଭୟ ନାହିଁ । ତୁମେ କେବଳ ସମଗ୍ର ଲଙ୍କା ରାଜ୍ୟର ରାଜରାଣୀ ନୁହଁ, ମୋର ଅର୍ଦ୍ଧାଙ୍ଗିନୀ । ପାଟରାଣୀ ପୁଣି ମୋ ଭଳି ଜଣେ ବୀରପୁରୁଷର ପତ୍ନୀ । ଏମିତି ସାମାନ୍ୟ କଥାରେ ଭାଂଗିପଡ଼ିବା ତୁମ ପାଖରେ ଶୋଭାପାଏନା । ମନ୍ଦୋଦରୀ କିନ୍ତୁ ମୋ କଥା ବୁଝିବା ସପକ୍ଷରେ ନଥିଲେ । ବରଂ ସେ ମୋତେ ପାପ, ପୁଣ୍ୟ, ଧର୍ମ, ଅଧର୍ମ, ନୈତିକତାର କଥା କହି ମୋ ମନକୁ ପରିବର୍ତ୍ତନ କରିବାକୁ ଚାହୁଁଥିଲେ । ସେ ଯାହା କହୁଥିଲେ ସବୁ ଠିକ୍ ଥିଲା ସତ, ହେଲେ ସେ କେମିତି ଜାଣିବେ, ଆମ ରାକ୍ଷସ ମାନଙ୍କ ପାଖରେ ପାପ, ପୁଣ୍ୟ, ନୈତିକତାର କୌଣସି ମୂଲ୍ୟ ନଥାଏ ବୋଲି। ତାଛଡ଼ା ମନ୍ଦୋଦରୀ ମଧ୍ୟ ଜାଣିରଖିବା ଉଚିତ୍ ଥିଲା ଯେ, ତାଙ୍କର ପତିଦେବ କାହାରି ଉପଦେଶ ଗ୍ରହଣ କରନ୍ତି ନାହିଁ ସେ ତ ନିଜ ଜିଦ୍‌ରେ ଅଟଳ । ଧର୍ମପତ୍ନୀ ହେଲେ ମଧ୍ୟ ତାଙ୍କ ଉପଦେଶ ମୁଁ ମାନି ନେଇଥାନ୍ତି କେମିତି ? ବରଂ ସହଧର୍ମିଣୀ ଭାବେ ତାଙ୍କର ମୋ ଯୁକ୍ତିକୁ ମାନିନେବା ଉଚିତ୍ । ଆଉ ସ୍ୱଧର୍ମ ପାଳନ କରି ମୋତେ ମୋ କାର୍ଯ୍ୟରେ ସାହାଯ୍ୟ କରିବା ଉଚିତ୍।

ମୁଁ ତେଣୁ ମନ୍ଦୋଦରୀଙ୍କ କଥାରେ କୌଣସି ଗୁରୁତ୍ୱ ନଦେଇ ରାଜସଭାରେ ଯୋଗଦେବା ପାଇଁ ବାହାରିଗଲି । ସେଦିନ ରାଜସଭାରେ ଏକ ଜରୁରି ଅଧିବେଶନ ଥିଲା । ସୀତାଦେବୀଙ୍କୁ ନେଇ ସମଗ୍ର ଲଙ୍କାରେ ଯେପରି ଝଡ଼ ଉଠିଥିଲା, ତାକୁ ପ୍ରତିହତ କରିବା ପାଇଁ ରାଜପରିଷଦର ସମସ୍ତ ସଦସ୍ୟମାନଙ୍କୁ ମୁଁ ଡକାଇଥିଲି । ଆଜିର ସଭା ତେଣୁ ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ସଭା । ତାଛଡ଼ା ମୁଁ ଆମ ଦୁଇଜଣ ମନ୍ତ୍ରୀଙ୍କୁ ରାମ, ଲକ୍ଷ୍ମଣଙ୍କ ସମ୍ପର୍କରେ ଜାଣିବାକୁ ଗୁପ୍ତଚର ଭାବେ ପଠାଇଥିଲି । ସେମାନେ କଣ ସମ୍ବାଦ ନେଇ ଆସିଥିବେ ତାହା ଜାଣିବାକୁ ବିଶେଷ ଉତ୍ସୁକ ମଧ୍ୟ ଥିଲି । ମନ୍ତ୍ରୀ ଦୁହେଁ ରାମ, ଲକ୍ଷ୍ମଣଙ୍କ ଶକ୍ତି ବିଷୟରେ ବିଶଦ ବିବରଣୀ ବର୍ଣ୍ଣନା କରୁଥିଲେ । ସେମାନେ କହୁଥିଲେ, ହେ ରାଜନ, ରାମ, ଲକ୍ଷ୍ମଣ ବେନିଭାଇ ସାମାନ୍ୟ ବନଚାରୀ ନୁହଁନ୍ତି । ବରଂ କିଛି ଅଲୌକିକ ଶକ୍ତିର ଅଧିକାରୀ । ଏମିତି କି ସେମାନେ ମୋ ଠାରୁ ମଧ୍ୟ ଶକ୍ତିଶାଳୀ । ଦୁହେଁ ପ୍ରବଳ ଯୋଦ୍ଧା । ବିଶେଷକରି ରାମଙ୍କର ଶକ୍ତି ଅକଳନୀୟ । ଏଇ ଅଳ୍ପଦିନ ଭିତରେ ସେ ବାନର ରାଜ ବାଳୀଙ୍କୁ ମାତ୍ର ଗୋଟିଏ ବାଣରେ ବଧ କରିଛନ୍ତି । ମୋ ମନରେ ବିସ୍ମୟର ସୀମା ଲଙ୍ଘନ କରୁଥିଲା ଏ କ'ଣ ମୁଁ ଶୁଣୁଛି। ଯେଉଁ ବାନର ରାଜା ବାଳୀଙ୍କୁ ଜୟ କରିବା ପାଇଁ ବହୁତ ଆଗରୁ ମୁଁ ବୃଥା ଚେଷ୍ଟା କରିଥିଲି । ଆଉ ତାଙ୍କର ପରାଭବ ଦେଖି ଭୟ ଓ ଲଜ୍ଜାରେ ତାଙ୍କ ସହ ମିତ୍ରତା କରିଥିଲି । ସେହି ବାଳୀ ରାମବାଣରେ ମୃତ । ମୋ ମନର ସନ୍ଦେହ ଆହୁରି ବଢ଼ି ଯାଇଥିଲା। ଖାଲି ସନ୍ଦେହ ନୁହେଁ ଭୟ ଓ ଆଶଙ୍କାରେ ମୁଁ ଥରି ଉଠିଥିଲି । ଉପରେ ଯେତେ ଯାହା ସଫେଇ ଦେଲେ କ'ଣ ହେବ, ମୁଁ ଯେ ବାସ୍ତବରେ ରାମଙ୍କୁ ଭୟ କରୁଥିଲି, ତାହା ମୋ ଅନ୍ତର ଭିତରେ କିଏ ଯେମିତି ଚେତାଇ ଦେଉଥିଲା । କାହା ଆଗରେ ପ୍ରକାଶ କରିବି, ମୋ ମନର ଏ ଭୀରୁତାକୁ । ମନ୍ତ୍ରୀ ଦୁହେଁ କହୁଥିଲେ, ବାଳୀ ନିହତ ହେଲା ପରେ ରାମଙ୍କ ଦୟାରୁ ତାଙ୍କ ସାନଭାଇ ସୁଗ୍ରୀବ ଏବେ କିଷ୍କିନ୍ଧ୍ୟାର ରାଜା । ଯିଏ ଏବେ ପାଲଟି ଯାଇଛନ୍ତି ରାମଙ୍କର ପରମ ମିତ୍ର, ସଖା, ବନ୍ଧୁ, ମୋତେ ସବୁ ରହସ୍ୟ ଲାଗୁଥିଲା । ବାସ୍ତବରେ ଏଇ ରାମ କିଏ ? ନର ନା ନାରାୟଣ । ତାଙ୍କର ଏଭଳି ଶକ୍ତି ପଥରେ କାହାର ଆଶୀର୍ବାଦ ରହିଛି । ଭାଇ ବିଭୀଷଣ କ'ଣ ତେବେ ଠିକ୍ କହୁଥିଲେ । ରାମ ସାକ୍ଷାତ ବିଷ୍ଣୁଙ୍କ ଅବତାର । ହେଇପାରନ୍ତି ରାମ ଜଣେ ଅବତାରୀ ପୁରୁଷ । ଆଉ ମୁଁ ତ ନିଜେ କିଛି କମ୍ ନୁହେଁ । ମୋ ଉପରେ ମଧ୍ୟ ରହିଛି ସ୍ୱୟଂ ବ୍ରହ୍ମଦେବ ଆଉ ଭୋଳାନାଥ ଶଙ୍କରଙ୍କ ଆଶୀର୍ବାଦ । ତେଣୁ ରାମଙ୍କୁ ମୁଁ କାହିଁକି ଭୟ କରିବି। ମୋର ମଧ୍ୟ ନିଜସ୍ୱ ପରାକ୍ରମ, ଶକ୍ତି ତାଙ୍କୁ ଦେଖାଇଦେବି । ରାମ ମଧ୍ୟ ଜାଣନ୍ତୁ ରାକ୍ଷସ ହୋଇ ବି ରାବଣ କିଛି ସାମାନ୍ୟ ନୁହଁନ୍ତି, ଅସାମାନ୍ୟ ।

ମନ୍ତ୍ରୀ ଦୁହିଁଙ୍କ ମୁହଁରୁ ଶୁଣୁଥିଲି । ରାମ, ଲକ୍ଷ୍ମଣ ବେନି ଭାଇଙ୍କର ବୀରତ୍ୱର ଗାଥା । ମୋର ଗୁପ୍ତଚର ଭାବେ କାର୍ଯ୍ୟ କରୁଥିବା ଦୁଇ ମନ୍ତ୍ରୀ ମାୟା ବିଦ୍ୟାରେ ଧୂରନ୍ଧର । ସେମାନେ ତେଣୁ ଲୁଚିଛପି ରାମ ଲକ୍ଷ୍ମଣଙ୍କୁ ଅନୁସରଣ କରୁଥିଲେ ଆଉ ସେମାନଙ୍କ ବିଷୟରେ ଅନେକ ତଥ୍ୟ ସଂଗ୍ରହ ମଧ୍ୟ କରିଥିଲେ । ମନ୍ତ୍ରୀ ଦୁହିଁଙ୍କ ମୁହଁରୁ ମୁଁ ଯାହାସବୁ ଶୁଣୁଥିଲି ସେଥିରେ ମୁଁ ସ୍ତବ୍ଧ । ପଞ୍ଚବଟୀର ଘଟଣାବଳୀରୁ ଗୋଟିଗୋଟି କରି କାହାଣୀ ମୋତେ ସେମାନେ ଶୁଣାଉଥିଲେ । ରାମଚନ୍ଦ୍ର ସୀତାଙ୍କ କଥାରେ ପଡ଼ି ମାୟାମୃଗ ପଛରେ ଗୋଡ଼ାଇ ଗୋଡ଼ାଇ ବହୁଦୂର ଅତିକ୍ରାନ୍ତ ହୋଇଗଲା ପରେ ମାୟାମୃଗର ହା ଲକ୍ଷ୍ମଣ ଡାକ ଶୁଣି ସୀତା ବାଧ୍ୟ କରନ୍ତି ଲକ୍ଷ୍ମଣଙ୍କୁ ଭାଇଙ୍କ ଜୀବନ ରକ୍ଷା ପାଇଁ । ତେଣୁ ବାଧ୍ୟ ହୋଇ ଲକ୍ଷ୍ମଣ ଧନୁବାଣ ହାତରେ ଧରି ରଘୁନନ୍ଦନଙ୍କୁ ଖୋଜିବାକୁ ବାହାରନ୍ତି । ପରେ ଉଭୟ ମାୟାମୃଗର ମାୟା ବିଷୟରେ ଜାଣିପାରି ଆଶ୍ରମକୁ ଫେରି ଆସନ୍ତି ଆଉ ସୀତାଙ୍କୁ ନପାଇ ବିକଳ ହୋଇ ଖୋଜି ବୁଲନ୍ତି । ଏମିତି ଖୋଜୁଖୋଜୁ ସେମାନଙ୍କର ସହ ଗୃଧ୍ରରାଜ ଜଟାୟୁଙ୍କ ସହ ତାଙ୍କର ଭେଟ ହୁଏ । ଜଟାୟୁ ମୁହଁରୁ ସୀତାଙ୍କ ଅପହରଣର ଟିକିନିଖି ଖବର ଶୁଣନ୍ତି । ଜଟାୟୁ ଯେ ତାଙ୍କ ପିତା ଦଶରଥଙ୍କ ବନ୍ଧୁ ଏହା ଜାଣିବା ପରେ ରାମଚନ୍ଦ୍ରଙ୍କ ମନରେ ସମବେଦନା ଜାଗେ । ହେଲେ କ୍ଷତବିକ୍ଷତ ଆହତ ଅଂଗ ନେଇ ଜଟାୟୁ ସେଇଠାରେ ହିଁ ରାମଙ୍କ ପାଖରେ ଟଳିପଡ଼ନ୍ତି । ଦୁଃଖ ଶୋକରେ ଭାଇ ଦୁହେଁ ଜଟାୟୁଙ୍କ ଶବସତ୍କାର କରି ଆଗକୁ ବଢ଼ନ୍ତି । ରାମଙ୍କ ମନରେ ପତ୍ନୀହରଣର ମୁଖ୍ୟନାୟକ ଲଙ୍କାଧିପତିଙ୍କ ପ୍ରତି ପ୍ରତିଶୋଧର ନିଆଁ ଜଳିଉଠେ। ଆଉ ସେହିଦିନରୁ ତାଙ୍କ ମନରେ ଲଙ୍କା ଆକ୍ରମଣର ଅଭିଯାନ ଆରମ୍ଭ ହୋଇଯାଏ। ସେହି ଅଭିଯାନରେ ପ୍ରଥମେ ଶିକାର ହୁଅନ୍ତି ମହାବୀର ରାକ୍ଷସ କବନ୍ଧ । ମୋର ପରମ ବିଶ୍ୱସ୍ତ ମନ୍ତ୍ରୀ ଶୁକର ଏସବୁ ବର୍ଣ୍ଣନା କରୁଥିବାବେଳେ ଭୟରେ ସେ ନିଜେ ବି କମ୍ପୁଥିଲା । ମୁଁ ମଧ୍ୟ ତା କଥାକୁ ବିସ୍ଫାରିତ ନୟନର ଶ୍ରବଣ କରୁଥିଲି । ଯାହା ସବୁ ଶୁଣୁଥିଲି ସେଥିରେ ମୋର ଆଶ୍ଚର୍ଯ୍ୟ ସୀମା ନଥିଲା । ଭାବିପାରୁ ନଥିଲି କବନ୍ଧ ପରି ବୀର ମଧ୍ୟ ସାମାନ୍ୟ ବନଚାରୀ ଦୁହିଁଙ୍କ ଠାରେ ପରାଜିତ ହୋଇଗଲେ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



|| ଭାଗ-୯୦ ||

ହିରଣ୍ୟାକ୍ଷର ମୃତ୍ୟୁ ସମ୍ବାଦ ପାଇ ହିରଣ୍ୟ କଶ୍ୟପ ଅତ୍ୟନ୍ତ କ୍ରୋଧିତ ହୋଇଗଲା । ନିଜ ଜ୍ୟୋଷ୍ଠଭ୍ରାତାର ବିରହଠାରୁ , ତାର ମାତାଙ୍କ ସପତ୍ନୀ ପୁତ୍ର ଦେବତାମାନେ ଯେ ଆର୍ଯ୍ୟମାନଙ୍କ ସହିତ ଚକ୍ରାନ୍ତ କରି ତାଙ୍କୁ ହତ୍ୟା କରିଛନ୍ତି ଏବଂ ନିରପେକ୍ଷ ଭଗବାନ ବିଷ୍ଣୁ ବି ଯେ ତାଙ୍କୁ ସାହାଯ୍ୟ କରିଛନ୍ତି ଏହା ତାକୁ ଅଧିକ ପ୍ରତିଶୋଧ ପରାୟଣ କରିଥିଲା । ସେ ବୋଧ କଲାଯେ, ସେହି ବିଷ୍ଣୁ ଏବଂ ବିଷ୍ଣୁ ଭକ୍ତମାନେ ହଉଛନ୍ତି ତାର ପ୍ରଧାନ ଶତ୍ରୁ ।

ଜ୍ୟୋଷ୍ଠଭ୍ରାତା ସମ୍ରାଟ ହିରଣ୍ୟାକ୍ଷଙ୍କର ମୃତ୍ୟୁ ଉପଲକ୍ଷେ ଏକ ବିରାଟ ଶୋକସଭାର ଆୟୋଜନ କରାଗଲା । ହିରଣ୍ୟ କଶ୍ୟପଙ୍କ ମୁଖ କ୍ରୋଧରେ ରକ୍ତିମ, ଦନ୍ତ ମାନ ଓଷ୍ଠ ଉପରେ ନିବଦ୍ଧ, ଉର୍ଦ୍ଧ୍ୱକୁ ରହିଛି ତାଙ୍କର ବକ୍ର କରାଳ ଦୃଷ୍ଟି, ଦକ୍ଷୀଣ ହସ୍ତରେ ତ୍ରିଶୂଳ ଉଠାଇ ସେ ଉପସ୍ଥିତ ଦାନବ ବୃନ୍ଦଙ୍କୁ ଶୋକଚ୍ଛ୍ୱାସରେ ସମ୍ବୋଧନ କରି କହିଲେ,

'ହେ, ଦାନବଗଣ, ହେଦ୍ୱିମୃଦ୍ଧ, ତ୍ରିନେତ୍ର,ସମ୍ବର, ଶତବାହୁ, ହୟଶିର, ପୁଲମା, ଶକୁନି, ନମୁଚି, ପାକଇଲବଳ !! ଆଜି ଆମ ଦାନବ ସମ୍ରାଟ ହିରଣ୍ୟାକ୍ଷ, ମୋର ଅତି ପ୍ରିୟ ଜ୍ୟୋଷ୍ଠ ଭ୍ରାତା, ମୋର ବନ୍ଧୁ, ମୋର ପରାମର୍ଶଦାତା, ମୋର ସହକର୍ମୀ, ଶୁଭଚିନ୍ତକ ବୀର ହିରଣ୍ୟାକ୍ଷ ଆଉ ଇହ ଜଗତରେ ନାହାନ୍ତି । ଆଜି ରାଜ ମାତା ଦିତି, ରାଜବଧୂ ଭାନୁ ଓ ଉପଦାନବୀ, ଭ୍ରାତୃ ପୁତ୍ର ସମସ୍ତେ ତାଙ୍କ ବିୟୋଗରେ ଅଧୀର ହୋଇ ପଡିଛନ୍ତି । ଜନ୍ମ ହେଲେ ମରଣ ସୁନିଶ୍ଚିତ ହୁଏ, କିନ୍ତୁ ମୋର ମର୍ମାନ୍ତିକ ଦୁଃଖ ଏତିକି ଯେ, ସେହି ମାୟାବୀ ବିଷ୍ଣୁ ପ୍ରେମୀମାନେ ତାକୁ ଜାଣିଶୁଣି ନିର୍ଦ୍ଦୟ ଭାବେ ଏକ ସାମାନ୍ୟ ବରାହ ଦ୍ୱାରା ହତ୍ୟା କରିଛନ୍ତି । ସେମାନେ ହିରଣ୍ୟାକ୍ଷଙ୍କ ସମାନ ଜ୍ଞାନୀ, ବୈଜ୍ଞାନିକ, ଜଣେ ଆତ୍ମବିଶ୍ୱାସୀ ଯୋଦ୍ଧାଙ୍କୁ ସହ୍ୟ କରି ନପାରି ତାଙ୍କୁ କପଟରେ ମାରିଛନ୍ତି । ସେମାନେ କୁହନ୍ତି ଯେ, ବିଷ୍ଣୁ ହିଁ ସବୁର କର୍ତ୍ତା, ସେଥିରେ କୌଣସି ବ୍ୟକ୍ତିଗତ ସତ୍ତାନଥାଏ । ତେଣୁ ତାଙ୍କ ଅନୁସାରେ ସେହି ହରି, ବିଷ୍ଣୁ ହିଁ ମୋର ପରମ ଶତ୍ରୁ ।

ଅବଶ୍ୟ, ଅନେକ ଦୂଷିତ ଶକ୍ତି ମାନେ ଯାଦୁ ବିଦ୍ୟା କରି ମୋର ଭ୍ରାତାଙ୍କୁ ସାହାଯ୍ୟ କରିଥିଲେ । ଆକାଶରୁ ରକ୍ତ ବର୍ଷା ଓ ପାଷାଣ ବୃଷ୍ଟି ହୋଇଥିଲା । ଚାରି ଦିଗ ପାଂଶୁଳ ହୋଇ ଉଠିଲା । (ବାୟୁରେ ଧୂଳି କଣା ଓ ଦୂଷିତ ଗ୍ୟାସ ଅଧିକ ହେଲେ ରକ୍ତ ବର୍ଣ୍ଣର ବର୍ଷା ହୁଏ ।ଏହି ପରି ବର୍ଷା କେରଳ, ଇରାନ ଓ କେତେକ ୟୁରୋପୀୟ ଦେଶରେ ହୋଇଥାଏ ।

ଆକାଶ ଅତି ଥଣ୍ଡା ହେଲେ କୁଆ ପଥର ବର୍ଷା ହୁଏ । ବାୟୁ ମଣ୍ଡଳ ଦୂଷିତ ହେଲେ ପାଉଁଶିଆ ବା ବେଳେ ବେଳେ କଳା ଦେଖାଯାଏ ।) କିନ୍ତୁ ମୋ ଭ୍ରାତାଙ୍କର ପରିବେଶ ଦୂଷିତ କରିବାର ଏହି କୁହୁକ ସେହି ବରାହ କୁ ପରାଜିତ କରି ପାରିଲା ନାହିଁ ।

' ଏବେ ହେ ଦାନବ ଯୋଦ୍ଧା ମାନେ !! ତୁମେମାନେ ମୋର ଭାତୃହନ୍ତା ଶତ୍ରୁ ମାନଙ୍କୁ ସାଧନ କରିବା ପାଇଁ ପ୍ରସ୍ତୁତ ହୁଅ । ମୁଁ ସେହି ବିଷ୍ଣୁଙ୍କ ନାମକୁ ଏହି ପୃଥିବୀରୁ ବିଲୋପ କରିବା ପାଇଁ ପ୍ରତିଜ୍ଞା କରିଛି । ବିଷ୍ଣୁଙ୍କର ନାମ ଏ ପୃଥିବୀରେ ନଥିଲେ ବିଷ୍ଣୁ ଭକ୍ତ ମାନେ ମଧ୍ୟ ରହିବେ ନାହିଁ । ବିଷ୍ଣୁ ଭକ୍ତ ମାନେ ପୃଥିବୀରେ ନ ରହିଲେ ବିଷ୍ଣୁ ମଧ୍ୟ ରହିବେ ନାହିଁ । ତେଣୁ ତୁମ୍ଭେମାନେ ଶୀଘ୍ରଯାଇ ସେହି ବିଷ୍ଣୁମୂର୍ତ୍ତି ଓ ବିଷ୍ଣୁଭକ୍ତ ମାନଙ୍କର ବିନାଶ କର । ବିଷ୍ଣୁ ମନ୍ଦିର ମାନଙ୍କୁ ଧ୍ୱଂସ କର, ବିଷ୍ଣୁ ମୂର୍ତ୍ତି ମାନଙ୍କୁ ସମୁଦ୍ରରେ ନିକ୍ଷେପ କର । ଯେଉଁମାନେ ଯୋଗୀ ଓ ତପସ୍ୱୀ, ଯେଉଁମାନେ ତ୍ରିସନ୍ଧ୍ୟା କରନ୍ତି, ଯେଉଁମାନେ ଯଜ୍ଞା ନୁଷ୍ଠାନ କରନ୍ତି, ଯେଉଁମାନେ ଋଷି,ଦେବତା ଓ ପିତୃଗଣଙ୍କୁ ପୂଜା କରନ୍ତି, ଯେଉଁମାନେ ମନ୍ତ୍ର ପାଠକରନ୍ତି, ଯେଉଁ ମାନେ ଗୋରୁ, ବ୍ରାହ୍ମଣ, ବୃକ୍ଷ, ବିବୁଧ ଓ ବେଦକୁ ରକ୍ଷା କରୁଛନ୍ତି, ଯେଉଁ ମାନେ ପ୍ରାଣୀ ଜଗତକୁ ଏକାତ୍ମ ମନେ କରନ୍ତି, ସେମାନଙ୍କୁ ଶୀଘ୍ର ବିନାଶ କରି ମୋର ଏହି ସନ୍ତପ୍ତପ୍ରାଣକୁ ଶାନ୍ତି ଦିଅ ।'

' ମନେରଖ ଯେ ମୋର ଭାଇ ହିରଣ୍ୟାକ୍ଷ ଏବେ ମଧ୍ୟ ମୃତ ବୋଲି ମୁଁ ବିଶ୍ୱାସ କରେନାହିଁ । ଆଜି ଠାରୁ ଦୀର୍ଘ ବାର ବର୍ଷ ପର୍ଯ୍ୟନ୍ତ ମୋ ବିଶ୍ୱାସରେ ସେ ଜୀବିତ ଅଛନ୍ତି । ତେଣୁ ବଞ୍ଚିଥିଲେ ତାଙ୍କର ଶତ୍ରୁମାନଙ୍କ ଉପରେ ଯେପରି ସେ ପ୍ରତିଶୋଧ ନେଇଥାନ୍ତେ, ତୁମକୁ ସେହିଭଳି ନିର୍ମମ ଭାବରେ ପ୍ରତିଶୋଧ ନେବାକୁ ହେବ ।'

ହିରଣ୍ୟ କଶିପୁର ଆଜ୍ଞା ପାଇବାକ୍ଷଣି ଦୁର୍ଦ୍ଧାନ୍ତ ଅସୁର ମାନେ ଗ୍ରାମ, ନଗର, ଜନପଦ, ତପୋବନ ଆଦି ତର୍ଜମା କରି ଯୋଗୀ, ଋଷି, ତପସ୍ୱୀ, ବ୍ରାହ୍ମଣ, ବେଦ ଗାୟକ ଓ ବିଷ୍ଣୁ ଭକ୍ତ ମାନଙ୍କୁ ହତ୍ୟା କଲେ । ଚାରିଆଡେ ରକ୍ତର ସ୍ରୋତ ବହିବାରେ ଲାଗିଲା । ଆର୍ଯ୍ୟ ମାନେ ବୃକ୍ଷ ମାନଙ୍କୁ ପୂଜା କରୁଥିବାରୁ ସେମାନେ ଖନିତ୍ର ଓ ପର୍ଶୁହସ୍ତରେ ସେମାନଙ୍କୁ ତୀକ୍ଷ୍ଣଧାରରେ ଛେଦି ପକାଇଲେ । ଆଶ୍ରମ ଓ ତପୋବନକୁ ଅଗ୍ନିରେ ଦଗ୍ଧ କରି ପାଉଁଶରେ ପରିଣତ କରିଦେଲେ । ଦେବନାରୀ ତଥା ଆର୍ଯ୍ୟ ଅବଳା ମାନଙ୍କ ଉପରେ ଅତ୍ୟାଚାର କଲେ ।

ଦୀର୍ଘ ବାରବର୍ଷ ସମୟ ! ଏହିପରି ନିର୍ଦ୍ଦୟ ଦମନ ଲୀଳା ଚାଲିବାରୁ, ବୃଦ୍ଧ, ବାଳକ, ନାରୀମୁନୀ, ଋଷି, ବେଦାର୍ଥୀ, ବ୍ରାହ୍ମଣ ଓ ବିଷ୍ଣୁ ଭକ୍ତ ମାନେ ପ୍ରମାଦ ଗଣିବାରେ ଲାଗିଲେ । ନାରୀ ମାନଙ୍କର ବିକଳ କ୍ରନ୍ଦନର ସ୍ୱର ଆକାଶର ବକ୍ଷକୁ ବିଦରି ପକାଇଲା । ବିଜ୍ଞ ବେଦାର୍ଥୀ, ବିପ୍ର , ଋଷି, ସ୍ୱୟଂ ଦେବତା ମାନେ ସେମାନଙ୍କ ଅତ୍ୟଧିକ ଉତ୍ପାତର ପ୍ରତିକାର କରି ନ ପାରି ଦେବଲୋକ ଛାଡି ପଳା ୟନ କଲେ ଓ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କଲେ । ଅତ୍ୟାଚାରିତ ଆର୍ଯ୍ୟ ମାନଙ୍କ ଆର୍ତ୍ତ ଚିତ୍କାରରେ ମେଦିନୀ କମ୍ପି ଉଠିଲା । ବୃକ୍ଷ ମାନଙ୍କ ବିନା ପ୍ରଜ୍ଜ୍ୱଳିତ ସୂର୍ଯ୍ୟ, ଅଗ୍ନିର ଉତ୍ତାପ ରେ ବାୟୁରେ ଝଡ଼ ସୃଷ୍ଟି ହେଲା । ସ୍ୱର୍ଗ ତଥା ସମଗ୍ର ଆର୍ଯ୍ୟାବ ର୍ତ୍ତରେ ରକ୍ତର ସ୍ରୋତ ପ୍ରବାହିତ ହେଲା । ଜନପଦମାନ ଶୂନ୍ୟ ହୋଇଗଲା । ନିର୍ମମ ହତ୍ୟା, ପଶୁବଧ, ଏବଂ ଯୁଦ୍ଧର ବିଭୀଷିକା ତାଣ୍ଡବ ଲୀଳା ରଚନା କଲା । ଏଥର ହିରଣ୍ୟ କଶ୍ୟପର ଆତ୍ମା ଟିକେ ଶାନ୍ତି ଲାଭ କଲା, କିନ୍ତୁ ନିଜ ପ୍ରତି ଥିବା ଆର୍ଯ୍ୟମାନଙ୍କ ଭୟରୁ ସେନିଜକୁ କ୍ଷାନ୍ତ କରି ପାରୁ ନଥିଲା ।

ପିତା ପ୍ରଜାପତି କଶ୍ୟପ ହିରଣ୍ୟ କଶିପୁର ଏ ଅତ୍ୟାଚାରର ସମ୍ବାଦ ପାଇ ନିଜ ପିତୃତ୍ୱକୁ ଧିକ୍କାର କରିବାରେ ଲାଗିଲେ । କିପରି ଜିଦଖୋର ଦୁଇଟା ସନ୍ତାନର ଜନକହେଲି ମୁଁ ? କଣ କରଣୀୟ, କଣ ନୁହେଁ, ଯେଉଁମାନେ କେବେମଧ୍ୟ ବୁଝିପାରିଲେ ନାହିଁ ? ଟିକେ ବି ଦୂରଦୃଷ୍ଟି ରେ ଜୀବନକୁ ଦେଖିଲେ ନାହିଁ । ହିରଣ୍ୟାକ୍ଷର ମୃତ୍ୟୁର ଅଗ୍ନି ଛାତିତଳୁ ନଲିଭୁଣୁ ଆଉ ଜଣେ ନୂତନ ସମସ୍ୟା ସୃଷ୍ଟି କଲାଣି । ତାକୁ ତ ମୋତେ ରକ୍ଷା କରିବାକୁ ହେବ !!ପିତା ହୋଇ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତାକୁ ଜାଣିଶୁଣି କେମିତି ଅଶୁଭ ଗ୍ରହର ନିକଟକୁ ଠେଲି ହେବାର ଦେଖିବି ? ଏଠାରେ ରହିଲେ ବି ନିଜ କାର୍ଯ୍ୟ ରେ ବା ମୋର କିପରି ମନ ଲାଗିବ ? ପୁଣି ମୁଁ ହେଉଛି ଦେବତା ମାନଙ୍କର ପରାମର୍ଶଦାତା ସପ୍ତର୍ଷି ମଣ୍ଡଳର ଜଣେ ସଦସ୍ୟ !!

ସେ ବ୍ୟତିବ୍ୟସ୍ତ ହୋଇ ହିରଣ୍ୟ କଶ୍ୟପଙ୍କ ନିକଟକୁ ଗଲେ । କିନ୍ତୁ ତାଙ୍କୁ ଦେଖି ହିରଣ୍ୟ କଶ୍ୟପ ଅତି କୁଣ୍ଠିତ ଭାବେ ପ୍ରଣାମ କରି ଅତିଥି ଭବନକୁ ପଠାଇଦେଲେ । ସେ ବିଳମ୍ବିତ ରାତ୍ରିରେ ପିତାଙ୍କ ନିକଟକୁ ଆସିଲେ ଏବଂ ସ୍ୱର୍ଦ୍ଧିତ ଭାବେ ନିଜ ନିଶରେ ହାତ ରଖି ଅଟ୍ଟହାସ୍ୟ କରି କହିଲେ, ବୋଧ ହୁଏ ଆପଣଙ୍କ ଦେବ ଓ ଆର୍ଯ୍ୟ ପୁତ୍ର ମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ବିଷୟରେ ଆପଣ ସମ୍ବାଦ ପାଇଛନ୍ତି ଏବଂ ସେମାନେ ଆପଣଙ୍କୁ ମଧ୍ୟସ୍ଥ କରି ସନ୍ଧି ପ୍ରସ୍ତାବ ଦେଇ ପଠାଇଛନ୍ତି । ହେ ପିତା, ଆପଣଙ୍କର ମୋଠାରୁ ସେପରି ଆଶା କରିବା ବୃଥା । ମୁଁ ମୋର ଭ୍ରାତୃହନ୍ତା ଦେବତା ମାନଙ୍କ ଉପରେ ପ୍ରତିଶୋଧ ନ ନେଇ କେବେହେଲେ ଛାଡ଼ିବି ନାହିଁ । ତେଣୁ ଆପଣ ଏଠାରୁ ପ୍ରତ୍ୟାବର୍ତ୍ତନ କରି ଶୀଘ୍ର ଯାଇ ସେମାନଙ୍କୁ କହି ଦିଅନ୍ତୁ, ଆପଣଙ୍କ ସୁପୁତ୍ର ଶକ୍ରର ବିନାଶ ସମୟ ଆସି ଗଲାଣି ।

କଶ୍ୟପ ଚିନ୍ତା କଲେ ଜୀବନର ପ୍ରତ୍ୟେକ କ୍ଷେତ୍ର ରେ ନୀତି, ନିୟମ ଓ ଶୃଙ୍ଖଳା ମାନି ଚଳିବା ହିଁ ପୁଣ୍ୟ । ନୀତି, ନିୟମ ନମାନିବା ହିଁ ପାପ । ଏହାର ମାତା ଯଜ୍ଞ ଶାଳାରେ ରତି କରି ବା ପାଇଁ ମୋତେ ବାଧ୍ୟ କରିଥିଲା । ତାହାର ପୁତ୍ର ମଧ୍ୟ ସେହି ପରି ବିନା ଶତ୍ରୁତା ରେ ନିର୍ଦ୍ଦୋଷ ଦେବ ଲୋକଙ୍କୁ ଆକ୍ରମଣ କରି ଯୁଦ୍ଧ ପାଇଁ ଆହ୍ୱାନ କରିଥିଲା । ବରାହଙ୍କ ଆକ୍ରମଣରେ ଏହାର ଭ୍ରାତାର ମୃତ୍ୟୁ ହେଲା । ତାହାର ପ୍ରତିଶୋଧ ସେ ଦେବତା, ଆର୍ଯ୍ୟ ଓ ବେଦ ଉପରେ ନେଉଛି !! (ଓଡ଼ିଆରେ ଗୋଟିଏ ପ୍ରବାଦ ଅଛି, ଉଦ୍ ବାଦିଆ ପିଲା ଗୁଡ଼ାକ ଭଲ ହୁଅନ୍ତି ନାହିଁ । ସାଧାରଣତଃ ନବ ବିବାହିତ ଦମ୍ପତ୍ତି ବହୁତ ସମୟ, ଏପରିକି ଗର୍ଭାବସ୍ଥାରେ ମଧ୍ୟ ଶେଷ ପର୍ଯ୍ୟନ୍ତ ଦୈହିକ ସମ୍ପର୍କ ରଖିଥାନ୍ତି, ଯାହା ଶିଶୁ ପକ୍ଷରେ କ୍ଷତି କାରକ ହୋଇ ପାରେ ! ସେତେବେଳେ ଶାଶୁ, ମା' ଶାଶୁ ଆଦି ଗୁରୁଜନ ମାନେ ଏହିକଥା କହିଥାନ୍ତି । ଅବଶ୍ୟ ଏହା ଏକ ପୁରୁଣା ପ୍ରବାଦ ।)

ପୁତ୍ର ମାନଂକ ମଙ୍ଗଳ ପାଇଁ କଶ୍ୟପ କଣ ହିତ ଉପଦେଶ ଦେଇଥିଲେ ?

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ




## କବିତା ସବୁ ଗପ ହେବା ପରେ

ବିକାଶୀ ପ୍ରିୟଦର୍ଶିନୀ ରାଉତ

କେହି ଜଣେ ବିଜ୍ଞ, ଉପଦେଶ ଛଳରେ
ପଚାରି ବସିଲେ କୁହ ତ
କେତେଜଣ ମନେରଖିବେ
ତୁମର ଏ ଅସଜଡ଼ା
ଛନ୍ଦମୁକ୍ତ କବିତାକୁ ?
କୁହତ କେତେକଙ୍କ ପାଟିରେ
ଟହଲ ମାରିବେ ତୁମର ଏ
ବେସୁରା ଶବ୍ଦସବୁ ।

ଆ ଜହ୍ନ ମାମୁଁ ଶରଦ ଶଶୀ ପରି
କେଇଜଣ ମୁହଁରେ ମୋହିବେ,
ଚକା ଚକା ଭଉଁରୀ କହି
କେତେ ଜଣ ମନକୁ ଗାଇବେ ?
ଲେଖୁଛ ଯଦି ଲେଖ
ଯତିପାତ ଯୋଡି
ହୃଦୟକୁ ଭେଦୁଥିବା ଶବ୍ଦସବୁ ସାଉଁଟି ।

ସହଜରେ କୃତକାର୍ଯ୍ୟ
ହେବାକୁ ଚାହିଁଲେ ପା'
ଉତ୍ତୀର୍ଣ୍ଣର ପ୍ରତିଶତତା କମିପାରେ
ଟିକେ ଶ୍ରମଆଡ଼େ ସମୟ ଦେଲେ
କ୍ଷତି କଣ ?
ସହଜର ସହଚରୀ ହେଲେ
ସମାଜରେ ଚଳିବାକୁ
ସାହସ ପାଇବନିରେ ମା '
କଷ୍ଟବୋଧ ଆପଣେଇବାଟା
ଜରୁରୀ ଯେ !
କଷ୍ଟ ପରର ଖୁସିଟା
ଭାରି ସୁଖପ୍ରଦ ।

ଆଧୁନିକତାକୁ ଆପଣା
ମନା ନାଇଁ
ଉଗ୍ରପଣ କାଟିଦେ ସେଥିରୁ
ବିକାଶର ଧାରାରେ
ବତୁରା ସାହିତ୍ୟକୁ
ଜାବୁଡ଼ି ଧରିଥା କିନ୍ତୁ
ପୁରାଣକୁ, ଶାସ୍ତ୍ରକୁ ।

କବିତା ଯଦି ଗପ ହେଲା
କହ ଏବେ ଗପର ସଂଜ୍ଞା
ଜାଣେ, ପାରିବୁନୁ
ତେଣୁ ତ କହୁଛି
ମଗଜକୁ ଘସୁଥା ବାରବାର
ଶୃଙ୍ଖଳାର କଷଟି ପଥରେ
ସଂଯମରେ ଢାଳିଦେ
ଶବ୍ଦର ପାଖୁଡା ସବୁକୁ
ସାଜିବାକୁ କବିତା ରୂପରେ ।


+ ଶିକ୍ଷୟିତ୍ରୀ, ବଡ଼ପଲ୍ଲୀ,
ରାଜନଗର, କେନ୍ଦ୍ରାପଡ଼ା


## କର ନାହିଁ ଆତ୍ମହତ୍ୟା

ହରପ୍ରିୟା ସାହୁ

ପ୍ରେମ କରି ତୁମେ ଧୋକା ଖାଅ ପଛେ
କିମ୍ବା ହୁଅ ବିଫଳତା
ନିଜ ଜୀବନକୁ ତୁଚ୍ଛ ଭାବି କେବେ
କରନାହିଁ ଆତ୍ମହତ୍ୟା ।

ଜନମ ମରଣ ଚିରନ୍ତନ ସତ୍ୟ
ଆଜି ଆସିଛେ କାଲି ତ ନିଶ୍ଚିତ ଯିବା
ଆତ୍ମହତ୍ୟା କରି ମୁଲ୍ୟବନ୍ ଜୀବନ କୁ
କାହିଁକି ଆମେ ବୃଥା କାର୍ଯ୍ୟରେ
ଉତ୍ସର୍ଗ କରିବା ?

ତୁମେ ମଲାପରେ ତୁମ ପ୍ରେମିକା, ପ୍ରେମିକକୁ
ମିଳିପାରେ ସାଥିଟିଏ
ହେଲେ ତୁମ ମା' ବାପା ପାଇବେନି
ଆଉ ତୁମ ଭଳି ଝିଅ ପୁଅଟିଏ ।

ତୁମର ଶରୀର ତୁମର ନୁହଁ ହେ
ବାପାମା', ଈଶ୍ୱରଙ୍କ ବରଦାନ
ସେଥିପାଇଁ ତାକୁ ଏଭଳି ରାସ୍ତାରେ
କରନାହିଁ ମୂଲ୍ୟହୀନ ।

ଆତ୍ମହତ୍ୟା ଅର୍ଥ ମୂର୍ଖାମୀ କରିବା
ନୁହେଁ ବାଟ ସମାଧାନର
ଉଚିତ୍ ନିଷ୍ପତି ନିଅ ସବୁବେଳେ
ଦୃଢ କରି ନିଜ ହୃଦୟ ଅନ୍ତର ।


+ଜଗତସିଂହପୁର


## କିଛି କଥା ଏମିତି

ସୁନନ୍ଦା ମହାନ୍ତି

ଏମିତି ବି କିଛି କଥା ଅଛି
କହି ହୁଏନାହିଁ କାହାକୁ
ଏମିତି ବି କେଉଁ ନଦୀ ଅଛି
ଯିଏ ଚାହେଁନି ସମୁଦ୍ରେ ମିଶିବାକୁ ।

ଏମିତି ବି କେତେ ଗୀତ ଅଛି
ସ୍ୱର ଲୟ ତାଳରେ ନଗାଇ ଶୁଣିବାକୁ
ଏମିତି ବି କେତେ ରାତି ଅଛି
ସ୍ୱପ୍ନ ନଥାଏ ଆଖିକୁ

ଏମିତି ବି କେତେ ସାଥି ଅଛି
ବନ୍ଧୁ ପଣେ ସାତଜନ୍ମକୁ
ଏମିତି ବି କେତେ ହାତ ଅଛି
ପୂଣ୍ୟର ପସରା ବୋହିବାକୁ
ଏମିତି ବି କେତେ ଗଳ୍ପ ଅଛି
ଛୁଇଁ ଯାଏ ନିଜ ଜୀବନକୁ ।

ଏମିତି ବି କେତେ ଫୁଲ ଅଛି
ସମାଧି ପୀଠରେ ଶବ ସାଥିରେ
ମାଟି ମାଆ କୋଳେ ଶୋଇବାକୁ
ଏମିତିବି କିଛି ମାଟି ଅଛି
ମଣିଷ ପଶୁପକ୍ଷୀ ଫୁଲ ଘାସ ଜଡେଇ
ଧରି ତା ପିଠିରେ ବୋହିବାକୁ

ଏମିତି ବି ପୁଣ୍ୟ ପସରା ଅଛି
ଆ କା ମା ବୈ କହି ଡଙ୍ଗା ଛାଡିବାକୁ
ସାଧବ ପୁଅର ସାତ ବୋଇତ ବନ୍ଦାଣ
କାର୍ତ୍ତିକ ପୂର୍ଣ୍ଣମୀରେ ପାଳିବାକୁ ।

ଏମିତି କୋଉଠି ବାରହାତ ଦିଅଁ ଦେଖିଛ
କେହି ଯାଇ ଦଶହାତ ମନ୍ଦିରକୁ
ଅପୂର୍ବ ଠାଣିରେ ଜଗନ୍ନାଥ ଧାମେ
ମନ ହୁଏ ନାହିଁ କାର ଚକାଆଖି ଦେଖିବାକୁ।


+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ଘିଗିଡିଆ ମହା ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୦୭/୫(ନି. ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମ ପଂଚାୟତର ଘିଗିଡ଼ିଆ ଠାରେ ଭାରତର ପୂର୍ବ କ୍ଷେତ୍ର ପ୍ରମୁଖ ଶ୍ରୀ ବିନୟ କୁମାର ଭୂୟାଁ,କେନ୍ଦ୍ରାପଡ଼ା ବିଭାଗ ପ୍ରମୁଖ ଶ୍ରୀଯୁକ୍ତ ଗୋଲଖ ଚନ୍ଦ୍ର ବେହେରା ଏବଂ ଧର୍ମ ଜାଗରଣ ଜିଲ୍ଲା ସଂଯୋଜକ ବିବେକାନନ୍ଦ ମହାରଣାଙ୍କ ସହ ସଂଯୋଜକ ଶ୍ରୀଯୁକ୍ତ ଶାଶଙ୍କ ଶେଖର ଜେନା ଓ ୍ବିଧି ପ୍ରମୁଖ ଶାନ୍ତି ସ୍ୱରୂପ ଭୂୟାଁ, ଜିଲ୍ଲା ପ୍ରଶାସନିକ ପ୍ରମୁଖ ମାଧବ ଚନ୍ଦ୍ର ପ୍ରଧାନ, ବିଶିଷ୍ଟ ସମାଜସେବୀ ସରୋଜ ପରିଡା, ଉମେଶ ଦାସଙ୍କ ସମେତ କନ୍ତିଆ ମଠର ମଠାଧୀଶ ବାବା ସିଦ୍ଧାର୍ଥ ଶଙ୍କର ଦାସ ପ୍ରମୁଖ ମଧ ଘିଗିଡିଅ ଗ୍ରାମରେ ହେଉଥିବା ମହାଯଜ୍ଞ ପୂର୍ଣ୍ଣ ଆହ୍ୟୁତି କାର୍ୟ୍ୟକ୍ରମରେ ଯୋଗଦେଇ ଶତାଧିକ ଭକ୍ତ ମାନଙ୍କ ଗ୍ରହଣରେ ପ୍ରଭୁଙ୍କ ଆର୍ଶିବାଦ ଭିକ୍ଷ୍ୟା କରିବା ସାଙ୍ଗେ ସାଙ୍ଗେ 'ମା' ଲକ୍ଷ୍ମୀ ଏବଂ ହନୁମାନଙ୍କୁ ଦର୍ଶନ କରିଥିବା ଦେଖିବାକୁ ମିଳିଥିଲା ।

## ଦେଶି ମଦ ଚାଲାଣ ବେଳେ ଚଢ଼ାଉ: ଜଣେ ଗିରଫ

ଜୟପୁର,୦୭/୫(ନି. ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଚଢ଼ାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରି ଅପରାହ୍ନ ୨ଟାରେ କୋର୍ଟ଼ ଚାଲାଣ କରିଛି । ସୁଚନା ଅନୁଯାଇ ଏକ ବାଇକ ରେ ଦେଶି ମଦ ଚାଲାଣ କରୁଥିବା ବେଳେ ଉମୁରି ଗ୍ରାମ ରାସ୍ତାରେ ଜୟପୁର ଅବକାରି ଥାନା ଚଢ଼ୁ କରିଥିଲା । ଚଢାଉ କରି ଅଭିଯୁକ୍ତ କୈଳାଶ ଚୈଧୁରି କୁ ଗିରଫ କରି ତା ଠାରୁ ୧୮ ଲିଟର ଦେଶି ମଦ ଓ ବାଇକ କୁ ଜବତ କରି ଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୁଚନା ଦେଇଛନ୍ତି ।

# ଭଦ୍ରକ ଜିଲ୍ଲାସ୍ତରୀୟ ଏକ ଦେଶ ଏକ ନିର୍ବାଚନ ସମ୍ମିଳନୀ ଆୟୋଜିତ

ଭଦ୍ରକ,୦୭/୫(ନି. ପ୍ର): ପ୍ରତି ପାଂଚବର୍ଷ ରେ ଥରେ ସାଧାରଣ ନିର୍ବାଚନ ସମୟରେ ଲୋକସଭା ନିର୍ବାଚନ ସହ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ହେଲେ ଦେଶ ଅଯଥା ସମୟ ଓ ଖର୍ଚ୍ଚର ଅପଚୟ କୁ ରୋକି ପାରିବ। ବାରମ୍ବାର ନିର୍ବାଚନ ହେବାଦ୍ୱାରା ପ୍ରଶାସନିକ କଳ ଏବଂ ଅର୍ଦ୍ଧ ସାମରିକ ବଳର ଅଯଥା ବ୍ୟବହାର କୁ ମଧ ରୋକାଯାଇ ପାରିବ। ଏହାଛଡା ବାରମ୍ବାର ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁହେବା ଦ୍ୱାରା ଦେଶର ବିକାଶ ମୂଳକ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି। ଯାହା ଏକକାଳୀନ ନିର୍ବାଚନ ଦ୍ୱାରା ଯଥାରୀତି ତ୍ୱରାନ୍ୱିତ ହୋଇପାରିବ। ତେଣୁ ଭାରତ ସରକାର ଏହାକୁ ଲାଗୁ କଲେ ଦେଶ ପାଇଁ ସବୁ ଦୃଷ୍ଟିରୁ ଭଲ ହେବ ବୋଲି ଭଦ୍ରକ ଜିଲ୍ଲା ସ୍ତରୀୟ ଏକ ଦେଶ ଏକ ନିର୍ବାଚନ ସମ୍ମିଳନୀ ଓ ଆଲୋଚନା ଚକ୍ରରେ ଏହି ମତ ପ୍ରକାଶ ପାଇଛି। ସ୍ଥାନୀୟ ସହିତ ସ୍ମୃତି ଭବନରେ ଭାଜପା ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସମ୍ମିଳନୀରେ ବକ୍ତାଭାବେ ଭୁବନେଶ୍ୱରର ୍ବରିଷ୍ଠ ସାମ୍ବାଦିକ ପ୍ରତାପ ମହାନ୍ତି, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଏକଦେଶ ଏକ ନିର୍ବାଚନ ରାଜ୍ୟ ଟୋଲି ସଦସ୍ୟା ପ୍ରତିଭା ମୟୀ ପାଣି, ବାସୁଦେବପୁର ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତି, ଭଣ୍ଡାରୀପୋଖରୀ ବିଧାନସଭା ନେତା ସୁଧାଂଶୁ ନାୟକ, ବିଜେପି ନେତା ଅଜୟ ନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏକ ଦେଶ ଏକ ନିର୍ବାଚନ ଓଡ଼ିଶା ରାଜ୍ୟ ଟୋଲି ସଦସ୍ୟ ତଥା ଏହି ଅଭିଯାନର ଭଦ୍ରକ ଓ କେନ୍ଦୁଝର ଜିଲ୍ଲା ସହଯୋଜକ ରାଜ୍ୟ ପ୍ରବକ୍ତା ପତଞ୍ଜଳି କର ଶର୍ମା ସମ୍ମିଳନୀ ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ପୂର୍ବତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାରି ଶହରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ, ରାଜନୈତିକ ଓ ସାମାଜିକ କାର୍ଯ୍ୟକର୍ତା ଏହି ଅଭିଯାନରେ ସାମିଲ ହୋଇଥିଲେ।

# ରାଜ୍ୟରେ ଛାତ୍ର ଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗ ଜନକ : ଛାତ୍ର କଂଗ୍ରେସ

ଭୁବନେଶ୍ୱର,୦୭/୫(ନି. ପ୍ର): ଓଡ଼ିଶାରେ ଛାତ୍ର ଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଭୟାନକ ସ୍ଥିତିରେ ଆସି ପହଂଚିଛି। ଏହି ଅଳ୍ପ କିଛି ଦିନ ମଧ୍ୟରେ ରାଜ୍ୟ ରାଜଧାନୀରେ ଦୁଇଟି ବିଶ୍ୱ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ସିଭିରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟରେ ଜଣେ ତୃତୀୟ ବର୍ଷ ଛାତ୍ର ଆତ୍ମ ହତ୍ୟା କରିବା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା। ଲଗାତର ଛାତ୍ରଛାତ୍ରୀ ଆତ୍ମ ହତ୍ୟା ଘଟଣାକୁ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟାକ ଛାତ୍ର କଂଗ୍ରେସର କର୍ମୀ ଓ ନେତୃବୃନ୍ଦ ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ମାଷ୍ଟର କ୍ୟାଂଟିନ ଛକରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କର କୁଶପୁତଳିକା ଦାହ କରିବା ସହିତ ରାଜ୍ୟ ସରକାର ଏଭଳି ସ୍ଥିତି ପ୍ରତି ତିକ୍ଷ୍ଣ ଦୃଷ୍ଟି ଦେବା ସହିତ ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ର ଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ତାଙ୍କୁ ରେଗୁଲାର କାଉଂସିଲଙ୍ଗ କରିବା ପାଇଁ ଶ୍ରୀ ପ୍ରଧାନ ଦାବି କରିଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ନେପାଳୀ ଛାତ୍ରୀ ଜଣଙ୍କ କିଟ୍ ବିଶ୍ୱ ବିଦ୍ୟାଳୟରେ ପରିସରରେ ମୃତ୍ୟୁ ବରଣ କଲେ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକ ରହିଛି ? କିନ୍ତୁ ଏ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏ ସ୍ଥିତିକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରନ୍ତୁ, ଛାତ୍ର ଛାତ୍ରୀମାନଙ୍କ ଜୀବନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ସରକାରୀ ହସ୍ପିଟାଲମାନଙ୍କର ଅଗ୍ନି ନିରାପତ୍ତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୦୭/୫(ନି. ପ୍ର): ସରକାରୀ ହସ୍ପିଟାଲମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଲୋକସଭା ଭବନ ସଭାଗୃହ ଠାରେ ସ୍ଥିତିର ସମୀକ୍ଷା କରି ସମୟାନୁବନ୍ଧିତ ଭାବେ ସରକାରୀ ହସ୍ପିଟାଲ ମାନଙ୍କରେ ଅଗ୍ନି-ନିରାପତ୍ତା ନିଶ୍ଚିତ କରାଇବା ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ମେଡିକାଲ କଲେଜ ଅଧିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଶେଷତଃ ହସ୍ପିଟାଲମାନଙ୍କରେ ଥିବା ଅସ୍ତ୍ରୋପଚାର କକ୍ଷ, ଆଇ.ସି.ୟୁ, ନବଜାତମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ୟୁନିଟ, ସିଟିସ୍କାନ ଓ ଏମ୍.ଆର.ଆଇ ଯନ୍ତ୍ର ଭଳି ଉଚ୍ଚ ବିଦ୍ୟୁତ୍ ଶକ୍ତି ସମ୍ପନ୍ନ ଉପକରଣ ଲାଗିଥିବା ସ୍ଥାନମାନଙ୍କରେ ଅଗ୍ରାଧିକାର ଭିତ୍ତିରେ ଅଗ୍ନି ନିରାପତ୍ତା ଦୃଢ଼ୀଭୂତ କରିବା ନିମନ୍ତେ ଶ୍ରୀମୟୀ ଅଶ୍ୱତୀ ନିର୍ଦ୍ଦେଶ ଦେଇଛନ୍ତି । ହସ୍ପିଟାଲର ବିଦ୍ୟୁତ ଓୟାରିଂ ସହ ଜେନେରେଟର ସଂଯୋଗୀକରଣ ସ୍ଥାନରେ ବୈଦ୍ୟୁତିକ ଓ ଅଗ୍ନି-ନିରାପତ୍ତାକୁ ସଠିକ୍ ଯାଞ୍ଚ କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ମେଡିକାଲ କଲେଜ ହସ୍ପିଟାଲ ପର୍ଯ୍ୟନ୍ତ ଡାକ୍ତରଖାନାମାନଙ୍କ ଅଗ୍ନି-ନିରାପତ୍ତା କ୍ଷେତ୍ରରେ ଥିବା ଶୂନ୍ୟସ୍ଥାନର ସଠିକ୍ ଚିହ୍ନଟ ଓ ସେଗୁଡ଼ିକର ସଂଶୋଧନ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସ୍ତରରେ ମିଳିତ କମିଟି ମାନ ଗଠନ କରାଯାଇଛି ।

ପ୍ରତି ଜିଲ୍ଲାରେ ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ନିରୀକ୍ଷକ, ରାସ୍ତା ଓ କୋଠାବାଡ଼ି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ମିଳିତ କମିଟି ଗଠନ କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ କ୍ଷେତ୍ର ସ୍ତରୀୟ ଯାଞ୍ଚ ସାରି ଆବଶ୍ୟକୀୟ କାର୍ଯ୍ୟ-ଯୋଜନା ସହ ଖର୍ଚ୍ଚ ଆକଳନ ପଠେଇବା ପାଇଁ ସ୍ୱାସ୍ଥ୍ୟ ସଚିବ ମିଳିତ କମିଟିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଦ୍ୟୁତିକ ନିରାପତ୍ତା ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ମାନକ ଅନୁସାରେ ସମସ୍ତ ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏବେଠାରୁ ହସ୍ପିଟାଲ ବିଲ୍ଡିଂ-ପ୍ଲାନଗୁଡ଼ିକ ପ୍ରଥମରୁ ଅଗ୍ନି ନିରାପତ୍ତା ଅନୁକୂଳ କରିବା ପାଇଁ ମଧ ନିଷ୍ପତ୍ତି ହୋଇଥିଲା । ବୈଠକରେ ଆଲୋଚନାରୁ ଜଣାପଡିଥିଲା ଯେ ସରକାରୀ ଡାକ୍ତରଖାନାମାନଙ୍କରେ ଅଗ୍ନି-ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ନିମନ୍ତେ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି । ସବୁ ଜିଲ୍ଲାମାନଙ୍କୁ ସେମାନଙ୍କର କାର୍ଯ୍ୟ- ଯୋଜନା ଆକଳନ ଅନୁସାରେ ପାଣ୍ଠି ଯୋଗାଇ ଦିଆଯିବ । ଅଗ୍ନି-ନିରାପତ୍ତା ପାଇଁ ସଂଶୋଧନାତ୍ମକ ବ୍ୟବସ୍ଥାପନ କାର୍ଯ୍ୟ ସମୟାନୁବନ୍ଧିତ ଭାବେ ପୂର୍ଣ୍ଣାଙ୍ଗ କରିବାକୁ ଶାସନ ସଚିବ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମକ-ଡ୍ରିଲ ଚାଲୁ ରଖିବା, ଅଗ୍ନି ନିରାପତ୍ତା ସହ ସମ୍ପର୍କିତ ସମସ୍ତ ଅଂଶୀଦାରମାନଙ୍କ ସହ ନିୟମିତ ସମୀକ୍ଷା ବୈଠକ, ବୈଦ୍ୟୁତିକ ଯନ୍ତ୍ରପାତି ଓ ଅଗ୍ନି-ନିର୍ବାପକ ଉପକରଣ ଗୁଡିକର ଉପଯୁକ୍ତ ରକ୍ଷଣା-ବେକ୍ଷଣ ଆଦି କାର୍ଯ୍ୟ ନିୟମିତ ଭାବେ ଚାଲୁ ରଖିବା ପାଇଁ ମଧ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ସବୁ କାର୍ଯ୍ୟକୁ ତଦାରଖ ଓ ପରିଚାଳନା କରିବା ପାଇଁ ରାଜ୍ୟ ସ୍ତରୀୟ ମିଳିତ କମିଟିଙ୍କୁ କୁହାଯାଇଥିଲା । ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା. ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପୋମା ଟୁଡୁ, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଅଗ୍ନିଶମ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ ଏବଂ ଜଳ ନିଗମର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର ଆଲୋଚନା ନିମନ୍ତେ ବିଷୟବସ୍ତୁ ସହ ସଦ୍ୟତମ ତଥ୍ୟ ଉପସ୍ଥାପନ କରିଥିଲେ ।

## ଆନ୍ତର୍ଜାତୀୟ ବ୍ୟବସାୟ ପରିବେଶ ଉପରେ ଏମଓଓସି ପାଇଁ ପ୍ରମାଣପତ୍ର ବଂଟନ ସମାରୋହ ଅନୁଷ୍ଠିତ

ଜୟପୁର,୦୭/୫(ନି. ପ୍ର): ଜୟପୁରର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ୬ ମଇ ୨୦୨୫ରେ ଆନ୍ତର୍ଜାତୀୟ ବ୍ୟବସାୟ ପରିବେଶ ଉପରେ ବୃହତ ଖୋଲା ଅନଲାଇନ୍ ପାଠ୍ୟକ୍ରମ (ଗଙଙଉ)ର ସଫଳ ସମାପ୍ତି ଉପଲକ୍ଷେ ଏକ ବିଦାୟ ସମାରୋହ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ବିଶ୍ୱବିଦ୍ୟାଳୟର ଉପ-କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୪ ମଇ ରୁ ୧୪ ମଇ ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏଓଓସି କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ଦେବଦତ ଇଣ୍ଡୋରିଆଙ୍କ ଦ୍ୱାରା ସତର୍କତାର ସହ ଡିଜାଇନ୍ ଏବଂ ବିକଶିତ କରାଯାଇଥିଲା। ପାଠ୍ୟକ୍ରମ ବିଷୟବସ୍ତୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ଟଏଉ)ର ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରେ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଜାତୀୟ ଶିକ୍ଷା ନୀତି (ଘରଚ) ୨୦୨୦ ସହିତ ସମାନ। ବାଣିଜ୍ୟ ବିଭାଗର ୫୦ ରୁ ଅଧିକ ସ୍ନାତକୋତ୍ତର ଛାତ୍ର ଏହି ଶିକ୍ଷାଗତ ପ୍ରୟାସରେ ନାମ ଲେଖାଇ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ପାଠ୍ୟକ୍ରମରେ ଭିଡିଓ ବକ୍ତୃତା, ପାଠ୍ୟ ସାମଗ୍ରୀ, ଆସାଇନମେଂଟ ଏବଂ ବିଶ୍ୱ ବ୍ୟବସାୟ ପରିବେଶ ବିଷୟରେ ଶିକ୍ଷାର୍ଥୀମାନଙ୍କ ବୁଝାମଣାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ଇଂଟରାକ୍ଟିଭ୍ ଉପାଦାନଗୁଡ଼ିକର ମିଶ୍ରଣ ଅନ୍ତର୍ଭୁକ୍ତ ଥିଲା।

## କାଞ୍ଜିଆପାଟ ଗ୍ରାମରେ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ: ୬ କି.ମି ରାସ୍ତା କଳସ ଶୋଭାଯାତ୍ରାରେ ଗଲେ ଶତାଧିକ ମହିଳା

ଭଦ୍ରକ, ୬ ମଇ (ହି.ସ.) - ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଅଧୀନ କାଞ୍ଜିଆପାଟ ଗ୍ରାମରେ ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି । ଏହି ଉପଲକ୍ଷେ ମଙ୍ଗଳବାର ଦୀର୍ଘ ୬ କି.ମି ରାସ୍ତା ଶତାଧିକ ମହିଳା କଳସ ଶୋଭାଯାତ୍ରାଯାଇ କଳସ ବୁଡାଇ ଫେରିଥିବା ମହିଳାଙ୍କ ଭକ୍ତି ଭାବନାକୁ ପ୍ରମାଣିତ କରିଛି ।କାଞ୍ଜିଆପାଟ ଗ୍ରାମରୁ ସକାଳ ୮ଟା ସମୟରେ ମହିଳାମାନେ ଶୋଭାଯାତ୍ରାରେ ବାହାରି ୬କିମି ଦୂରରେ ଥିବା ଗୋବିନ୍ଦପୁର ପଂଚାୟତ ଅଧୀନ କୁଆଁରଚତର ଗ୍ରାମର ନୂଆ ପୋଖରୀ ନିକଟରେ ପହଂଚିଥିଲେ । ସେଠାରେ ମାନସ ରଞ୍ଜନ ନାୟକ, ନୃସିଂହ ମହାକୁଡ଼, ରମଣ ରଞ୍ଜନ ମହାନ୍ତି, ଦୀନବନ୍ଧୁ ମହାକୁଡ଼ ପ୍ରମୁଖ ବ୍ରତଧାରୀ ମହିଳାଙ୍କୁ ଭବ୍ୟଅବ୍ୟର୍ଥନା ଓ ସ୍ୱାଗତ କରିଥିଲେ । ସେଠାରେ କଳସ ବୁଡ଼ାଇ ମନ୍ଦିର ନିକଟକୁ ଫେରିବା ପରେ କଳସକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା । ସକାଳେ ଘଟ ଉତୋଳନ, ମଣ୍ଡପ ପୂଜା ପରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂଜାର କର୍ତା ଭାବେ ବିପିନ ରାଉତ, ସବିତା ରାଉତ, ପ୍ରଭାକର ନାୟକ, ବାସନ୍ତୀ ନାୟକ ଏବଂ ପୂଜକ ଧୁକୁଡି ମିଶ୍ର, ପଣ୍ଡିତ ଶ୍ରୀଧର ମିଶ୍ର, କିଶୋର ପଣ୍ଡା, ଦେବରାଜ ମିଶ୍ର, ସୁଭାଶିଷ ମିଶ୍ର, ସିଦ୍ଧାନ୍ତ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି। ବୁଧବାର ସୂର୍ଯ୍ୟପୂଜା ପରେ ବିଗ୍ରହଙ୍କ ନଗର ପରିକ୍ରମା ସହିତ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ହୋଇ ଦଧିନଉତି ସ୍ଥାପନ କରାଯିବ । ଗୁରୁବାର ମହାରୁଦ୍ର ଅଭିଷେକ ପରେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ । ଭାସ୍କର ଚନ୍ଦ୍ର ନାୟକ, ଶମ୍ଭୁନାଥ ରାଉତ, ଜୟରାମ ସାହୁ, ପ୍ରମୋଦ ରାଉତ, ଦେବେନ୍ଦ୍ର ରାଉତ, ଗୟାଧର ରାଉତ, ବୈଲୋଚନ ରାଉତ, ରାଧାକାନ୍ତ ରାଉତ, ରଙ୍ଗାଧର ନାୟକ, ରବିନ୍ଦ୍ର ରାଉତ ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ନାବାଳିକା କଲିକତାରୁ ଉଦ୍ଧାର

କେନ୍ଦ୍ରାପଡ଼ା,୦୭/୫(ନି. ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ କଲିକତାରୁ ନାବାଳିକା ଉଦ୍ଧାର ହେବାରେ ସାହାଯ୍ୟ କରିବା ଘଟଣା ଯେତିକି ଚାଂଚଲ୍ୟ ସୃଷ୍ଟି କରିଛି, ସେତିକି ମଧ ପ୍ରଶଂସା ସାଉଁଟିଛି । ଘଟଣା କ୍ରମ ଏହାଥିଲା ଯେ, ସୋମା ମୁଣ୍ଡାଙ୍କ ମୃତ୍ୟୁ ହେଲାପରେ ତାଙ୍କ ଧର୍ମପତ୍ନୀ ସୋନିବାରୀ ମୁଣ୍ଡା କେନ୍ଦୁଝର ଜିଲ୍ଲା ବାମ୍ଭେରୀ ଥାନା ଓ ନିଜ ଗ୍ରାମ କାଶିଆ ଛାଡି ସୁଦୂର ପଶ୍ଚିମବଙ୍ଗରେ ଏକ ଇଟାଭାଟିରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଉକ୍ତ କାର୍ଯ୍ୟ କରିବା ସମୟରେ ନିଜର ଏକ ନାବାଳିକା ଝିଅକୁ ସାଙ୍ଗରେ ନେଇ ଯାଇଥିଲେ । ସେଠାରେ ଅବସ୍ଥାପିତ ହେବାପରେ ଝିଅ ନିଖୋଜ ରହିଥିଲା । ଚବିଶ ପ୍ରଗଣାର ଶିଶୁ ମଙ୍ଗଳ ଅଧିକାରୀ ଦିଗମ୍ବର ଅଙ୍ଗୀକାର ଭବନ ଉକ୍ତ ନାବାଳିକାକୁ ଶିଶୁ ସୁରକ୍ଷା ସେଂଟରରେ ଥଇଥାନ କରିଥିଲେ । ଚବିଶ ପ୍ରଗଣାର ଆଇନସେବା ପ୍ରାଧିକରଣ ସଚିବ କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁଙ୍କୁ ଉକ୍ତ ଘଟଣାବଳୀ ବିଷୟରେ ଅବଗତ କରାଇଥିଲେ । ତତ୍କ୍ଷଣାତ୍ ସଚିବ ସୁମିତ୍ରା ସାହୁ କେନ୍ଦୁଝର ଆଇନସେବା ପ୍ରାଧିକରଣର ସଚିବ ଓ କେନ୍ଦୁଝର ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଇବା ସହ ଉକ୍ତ ଘଟଣା ବାବଦରେ ସେମାନେ ପତ୍ର ମାଧ୍ୟମରେ ଜଣାଇଥିଲେ । ଯାହା ଫଳରେ ତୁରନ୍ତ ଏହାର ପଦକ୍ଷେପ ସ୍ୱରୂପ ଉକ୍ତ ନାବାଳିକା ଉଦ୍ଧାର ହୋଇ ପହଁଚିବା ନିଶ୍ଚିତ ହୋଇଯାଇଛି ।

## ପ୍ରକାଶ ପାଇବ ଲକ୍ଷ୍ମୀ ଭାଇଙ୍କ ଆତ୍ମଜୀବନୀ ପୁସ୍ତକ: ପ୍ରଥମ ଶ୍ରାଦ୍ଧବାର୍ଷିକ ପାଇଁ ସ୍ମୃତି ପରିଷଦର ବୈଠକ

ଭଦ୍ରକ,୦୭/୫(ନି. ପ୍ର): ବିଶିଷ୍ଟ ସଂଗ୍ରାମୀ ଜନନେତା, ମିଶାବନ୍ଦୀ, ଭଦ୍ରକର ଲଢୁଆ ପୁଅ, ସ୍ପଷ୍ଟବାଦୀ ଜନପ୍ରିୟ ମଣିଷ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ମହାପାତ୍ର ଓ ରଫ ଲକ୍ଷ୍ମୀଭାଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ ନିମନ୍ତେ ଏକ ପ୍ରାକ୍‌ପ୍ରସ୍ତୁତି ବୈଠକ ଲକ୍ଷ୍ମୀଭାଇ ସ୍ମୃତି ପରିଷଦର ଏକ ବୈଠକ କୁଆଁସ ସ୍ଥିତ ଶ୍ୟାମସୁନ୍ଦର ଜୀଉ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିଷଦର ଆବାହକ ଆଇନଜୀବୀ ଅତିଶ୍ କୁମାର ବେହେରା ପ୍ରାକ୍ ସୂଚନା ପ୍ରଦାନ କରିଥିବା ବେଳେ ପରିଷଦର ସମ୍ପାଦକ, ପୂର୍ବତନ ପାରିଷଦ ତଥା ଲକ୍ଷ୍ମୀଭାଇଙ୍କ ସୁପୁତ୍ର ଶୁଭଙ୍କର ମହାପାତ୍ର ଲକ୍ଷ୍ମୀ ଭାଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନର ପ୍ରସ୍ତୁତି ନିମନ୍ତେ ଉପସ୍ଥିତ ସଦସ୍ୟ ଏବଂ ବୁଦ୍ଧିଜୀବୀଙ୍କ ପରାମର୍ଶ ଆହ୍ୱାନ କରିଥିଲେ। ଜଣେ ସଂଗ୍ରାମୀର କେବେ ମୃତ୍ୟୁ ହୁଏ ନାହିଁ, ଆଜି ଲକ୍ଷ୍ମୀ ଭାଇ ମୃତ୍ୟୁ ବରଣ କରିଥିଲେ ସେ ସମସ୍ତଙ୍କ ହୃଦୟରେ ବିରାଜମାନ ବୋଲି ସଭାପତି ଶ୍ରୀ ସାମଲ କହିଥିଲେ। ଏହି ଅବସରରେ ବାର୍ଷିକ ଉତ୍ସବରେ ଲକ୍ଷ୍ମୀଭାଇଙ୍କ ଆତ୍ମ ଜୀବନୀ ପୁସ୍ତକ ପ୍ରକାଶ କରାଯିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ଏହି ପୁସ୍ତକରେ ଲକ୍ଷ୍ମୀଭାଇଙ୍କ ଜୀବନୀ ସଂପର୍କିତ ଲେଖାମାନ ପ୍ରକାଶ କରାଯିବ। ଏଥିଲାଗି ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷ୍ମୀ ଭାଇଙ୍କୁ ଭଲ ପାଉଥିବା ବୁଦ୍ଧିଜୀବୀ, ସାହିତ୍ୟିକ, ରାଜନେତା ତଥା ସବୁବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ଲେଖା ଆହ୍ୱାନ କରାଯାଇଛି। ଲେଖା ହ୍ୱାଟ୍‌ସଅପ୍ (୯୪୩୮୩୫୫୩୧୩) ଯୋଗେ ପଠାଇବାକୁ ଅନୁରୋଧ କରାଯାଇଛି। ସବିଶେଷ ଅବଗତ ନିମନ୍ତେ ସମ୍ପାଦକ ଶୁଭଙ୍କର ମହାପାତ୍ର କିମ୍ବା ଆବାହକ ଅତିଶ୍ ବେହେରାଙ୍କ ସହିତ ଯୋଗାଯୋଗ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ଆଇନଜୀବୀ ନିଶିକାନ୍ତ ନାୟକ, ପବନ ଶର୍ମା, ବୁଦ୍ଧିଜୀବୀ ତୁଷାର ଜେନା, ଦୀନବନ୍ଧୁ ପତି, ବିଶ୍ୱଜିତ୍ ବେହେରା, ବିକାଶ ଶ୍ରେଷ୍ଠା, ସ୍ୱାଧୀନ ସୁନ୍ଦର ଦାସ, ରବିନାରାୟଣ ପାଣିଗ୍ରାହୀ, ବିପ୍ଳବ ହୋତା, ନରହରି ଜେନା, ବ୍ୟୋମକେଶ ସେନାପତି, ନିତ୍ୟାନନ୍ଦ ନାୟକଙ୍କ ସମେତ ବହୁ ଲକ୍ଷ୍ମୀଭାଇପ୍ରେମୀ ଯୋଗ ଦେଇଥିଲେ। ପରିଶେଷରେ ଅତିଶ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳଚେରରେ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ପୀଡିତାଙ୍କ ପରିବାରକୁ ଭେଟିଲା ବିଜେଡି ଟିମ୍

ଭୁବନେଶ୍ୱର,୦୭/୫(ନି. ପ୍ର): ତାଳଚେରରେ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ପୀଡିତାଙ୍କୁ ନ୍ୟାୟ ଦାବିରେ କଣିହାଁ ବ୍ଲକ ବାଲିପସି ପଞ୍ଚାୟତରେ ଆଜି ପହଞ୍ଚିଲା ବିଜେଡ଼ିର ୫ ଜଣିଆ ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ୨୩ ବର୍ଷୀୟ ଦଳିତ ଯୁବତୀଙ୍କୁ ଏପ୍ରିଲ ୨୬ ତାରିଖରେ ତାଳଚେର ରେଳ ଷ୍ଟେସନ ପାଖରୁ ଅପହରଣ କରି ବଳାତ୍କାର ଓ ହତ୍ୟା କରିବା ପରେ ଏସିଡ୍ ପକାଇ ଶବକୁ ଜଳାଇଦେବାର ଜଘନ୍ୟ ନାରକୀୟ କାଣ୍ଡ ଘଟିଥିଲା । ବିଜୁ ଜନତା ଦଳ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଉକ୍ତ ଗ୍ରାମ ଗସ୍ତ କରି ପୀଡିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ, ଅନୁଗୋଳ ଡିଆଇଜି ଏବଂ ଏସ୍ପିଙ୍କୁ ଭେଟି ଘଟଣାର ସଠିକ୍ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିନିଧି ମଣ୍ଡଳରେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ମାନ୍ୟବର ପୂର୍ବତନ ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀମତୀ ଲେଖାଶ୍ରୀ ସାମନ୍ତ ସିଂହାର, ଅନୁଗୋଳ ଜିଲ୍ଲା ସଭାପତି ତଥା ତାଳଚେର ବିଧାୟକ ଶ୍ରୀଯୁକ୍ତ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଢେଙ୍କାନାଳ ସାଂସଦ ଶ୍ରୀଯୁକ୍ତ ମହେଶ ସାହୁ, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସୁଶାନ୍ତ ବେହେରା, ଶ୍ରୀଯୁକ୍ତ ମୁକେଶ କୁମାର ପାଳ, ଶ୍ରୀଯୁକ୍ତ ରଜନୀକାନ୍ତ ସିଂ, ରାଜ୍ୟ ମୁଖପାତ୍ର ଶ୍ରୀଯୁକ୍ତ ସଂଗ୍ରାମ ମହାପାତ୍ର, କଣିହାଁ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ରଞ୍ଜନ ସାହୁ, ଶ୍ରୀଯୁକ୍ତ ବଭୃ ପ୍ରସାଦ ପତି, ସୁଶ୍ରୀ ରିତା ରାଣୀ ଦାସ, ଶ୍ରୀଯୁକ୍ତ ଗୋପାଳ ନାଏକ, ଅନୁଗୁଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଜୟ କୁମାର ନାଥ, ଅନୁଗୋଳ ବାର ଆସୋସିଏସନ୍ର ପୂର୍ବତନ ସଭାପତି ଶ୍ରୀଯୁକ୍ତ ଦିଲ୍ଲୀପ ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ନେତା ମାନେ ସାମିଲ ଥିଲେ। ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ଥିବାରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲା ବିଜେଡି ଟିମ । ରାଜ୍ୟ ସରକାର ନାରୀକୁ ସଶକ୍ତ କରିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଆଜି ସାରା ରାଜ୍ୟରେ ମହିଳା ଦୁଷ୍କର୍ମ ଓ ହତ୍ୟାର ଶିକାର ହେଉଛନ୍ତି । ପୋଲିସ ପୀଡିତା ପରିବାର ଲୋକଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ କିଭଳି ହଇରାଣ କରିଥିଲା ସେ ନେଇ ଆଜି ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଆଲୋଚନା କରିଥିଲା । ଆଗାମୀ ୨୪ ଘଣ୍ଟା ଭିତରେ ପୀଡିତାଙ୍କୁ ନ୍ୟାୟ ନମିଳିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ମୋବାଇଲ ଚୋର ଗିରଫ: ୧୯ ସ୍ମାର୍ଟ ଫୋନ୍ ଜବତ

ଭଦ୍ରକ,୦୭/୫(ନି. ପ୍ର): ନିୟମିତ ଭାବେ ବିଭିନ୍ନ ସ୍ଥାନରୁ ମୋବାଇଲ୍ ଛିନତାଇ କରୁଥିବା ଜଣେ ଚୋରକୁ ଆଜି ଭଦ୍ରକ ଗ୍ରାମାଂଚଳ ପୁଲିସ୍ ଚତୁରତାର ସହ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ଯାଜପୁର ରୋଡ୍ ଥାନା ଅଧୀନସ୍ଥ ମୁଣ୍ଡାମଲ ଦହିସାହିର ସଗଲ ଗଂଗୁଆଙ୍କ ପୁତ୍ର ସଗଲ ସୁନୀଲ (୨୦)। ପୁଲିସ୍ ଅଭିଯୁକ୍ତ ଠାରୁ ୧୯ ଟି ସ୍ମାର୍ଟଫୋନ୍ ଜବତ କରିଛି। ଏ ସଂପର୍କରେ ଆଜି ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ସୁନୀଲ ଜଣେ ନିୟମିତ ମୋବାଇଲ୍ ଚୋର ହୋଇଥିବାବେଳେ ରାଜ୍ୟରେ ଅନେକ ଥାନାରେ ତା ନାମରେ ମାମଲା ରହିଛି। ତେବେ ସେ ଆଜି ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ବେତଡା ଅଂଚଳକୁ ଚୋରି ମୋବାଇଲ୍ ବିକିବାକୁ ଆସୁଥିବା ଖବର ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏବଂ ପରବର୍ତୀ ସମୟରେ ଥାନାଧିକାରୀ ଦୟାନିଧି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ବେତଡା ନିକଟରେ ଛକି ବସିଥିବାବେଳେ ଅଭିଯୁକ୍ତ ସ୍ଥାନୀୟ ଅଂଚଳର ନାରାୟଣ ବେହେରାଙ୍କୁ ମୋବାଇଲ୍ ଗୁଡିକ ବିକିବାକୁ ଆସୁଥିବାବେଳେ ପୁଲିସ୍ ତାକୁ ମାଡି ବସିଥିଲା। ତାକୁ ସେଠାରୁ ଧରିବା ସହିତ ଚୋରା ମୋବାଇଲ୍ ଗୁଡିକ ଜବତ କରିଥିଲା। ଏବଂ ଭଦ୍ରକ ଗ୍ରାମାଂଚଳ ଥାନାରେ କେଶ୍ ନଂ ୨୩୨/୨୫, ଦଫା ୩୦୩ (୨) / ୩(୫) ବିଏନ୍‌ଏସ ୨୨୩ ମୂଳେ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# କନ୍ଧମାଳ ଜିଲ୍ଲାସ୍ତରୀୟ ପାଣି ପଂଚାୟତ କର୍ମଶାଳା ସ୍ଥାନୀୟ ପଂଚାୟତ ଅନୁଷ୍ଠିତ

କନ୍ଧମାଳ ,୦୭/୫(ନି. ପ୍ର): କନ୍ଧମାଳ ଜିଲ୍ଲା ସ୍ତରୀୟ ପାଣି ପଂଚାୟତ କର୍ମଶାଳା ସ୍ଥାନୀୟ ପଂଚାୟତ ଭବନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଫୁଲବାଣୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗ ଦେଇ ପାଣି ପଂଚାୟତ ହେଉଛି କୃଷକମାନଙ୍କ ଏକ ସ୍ୱାଧୀନ ବ୍ୟକ୍ତି ସାମୂହିକ ପରିଚାଳକ ଅମଳ ଏବଂ ବଂଟନ ୱେଲ ଏବଂ ପେରୋକ୍ସନ୍ ଟ୍ୟାଙ୍କରେ ନିୟୋଜିତ କୃଷକ ପରିଚାଳନା ଏବଂ ଭୂତଳ ଟ୍ୟାଙ୍କରେ ନିୟୋଜିତ ଚାଷ ଜୋନର ଏକ ସ୍ୱେଚ୍ଛାକୃତ କାର୍ଯ୍ୟକଳାପ । ଏଣୁ ସମସ୍ତ କୃଷକ ମାନେ ନିଜ ନିଜ ଜମିକୁ ପଡିଆ ନରଖି ଧାନ ଅମଳ ପରେ ଅନ୍ୟ କିଛି କୃଷି କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଜମିରେ ରାସାୟନିକ ସାର ପ୍ରୟୋଗ ନକରି ଜୈବିକ ସାର ପ୍ରୟୋଗ କରିବା ପାଇଁ କହିଥିଲେ।

## ପଂଚାୟତରେ ଯାଇ ଲୋକଙ୍କ ଅଭିଯୋଗ ଶୁଣିଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭଦ୍ରକ,୦୭/୫(ନି. ପ୍ର): ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ର ବିଧାୟକ ତଥା ରାଜ୍ୟ ସରକାର ଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ଦିନ ଧାମନଗର ବ୍ଲକ ରଇପୁର ପଂଚାୟତ ରେ ମନ୍ତ୍ରୀ ପହଂଚି ପଂଚାୟତ ଅଫିସ ରେ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣିଛନ୍ତି, ସକାଳ ୮ ସମୟ ରେ ଏହି ଜନଶୁଣାଣି ଆରମ୍ଭ ହୋଇ ଥିଲା । ରଇପୁର ପଂଚାୟତ ସହ ଆଖପାଖ ପଂଚାୟତ ର ଲୋକ ଅଭିଯୋଗ ନେଇ ବିଭିନ୍ନ ସମସ୍ୟା ନେଇ ଆସିଥିବା ଦେଖିବା ମିଳିଥିଲା. ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଭଦ୍ରକ ଆରକ୍ଷୀ ଅଧୀକ୍ଷକ, ଧାମନଗର ବିଡିଓ ଓ ଅତିରିକ୍ତ ତହସିଲଦାର ଏହି ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ରହିଥିଲେ। ଭୁବନେଶ୍ୱରରୁ ମଧ୍ୟ ବିଭିନ୍ନ ବିଭାଗର ଅଧିକାରୀ ଆସି ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଉଥିଲା। ସେସବୁକୁ ପଞ୍ଜୀକରଣ କରାଯାଇଥିଲେ। ଅଭିଯୋଗକାରୀ ମନ୍ତ୍ରୀଙ୍କ ପାଖରେ ପହଂଚି ଅଭିଯୋଗ ଶୁଣାଉଥିଲେ। ମନ୍ତ୍ରୀ ଅଭିଯୋଗ ଶୁଣିବା ପରେ ତାହା କେଉଁ ବିଭାଗରେ ସମାଧାନ ହେବ, ତାହା ନିର୍ଦ୍ଦେଶିତ କରୁଥିଲେ ଜିଲ୍ଲାପାଳ। ଏହାପରେ ସଂପୃକ୍ତ ବିଭାଗର ଅଧିକାରୀ ସମସ୍ଯା ର ସେହିଠାରେ ହିଁ ସମାଧାନ କରୁଥିଲେ। ବିଭିନ୍ନ ପଂଚାୟତ ରୁ ୫୦୦ ଶହ ଅଭିଯୋଗ ଗ୍ରହଣ କରାଯାଇ ଥିଲା । ବିଶେଷ କରି ଗ୍ରାମ୍ୟ ରାସ୍ତା ,ରାସନ କାର୍ଡ,ଜବର ଦଖଲ , ଭତା ଉପରେ ଅଧିକାଂଶ ଅଭିଯୋଗ ଗ୍ରହଣ କରାଯାଇ ଥିଲା।

# ପରଲୋକରେ ବିଶିଷ୍ଟ ଶିକ୍ଷାବିତ୍ ଜଗନ୍ନାଥ ମହାନ୍ତି



ବାଲିଆପାଳ, ୦୭/୫ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକର ବିଶିଷ୍ଟ ଶିକ୍ଷାବିତ୍ ଜଗନ୍ନାଥ ମହାନ୍ତି (୭୯)ଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ହେଲା ଅସୁସ୍ଥତା କାରଣରୁ ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ । ଆଜି ସକାଳେ ତାଙ୍କର ପରଲୋକ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ବାଲିଆପାଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମହାନ୍ତି ଏକାଧାରରେ ଜଣେ ଶିକ୍ଷକ ନେତା, ନାଟ୍ୟକାର, ନାଟ୍ୟନିର୍ଦ୍ଦେଶକ , ସୁସଂଗଠକ ତଥା ସଂସ୍କୃତି ପ୍ରେମୀ ବ୍ୟକ୍ତିତ୍ୱ ଥିଲେ । ସେ ୨୦୦୪ରୁ ୨୦୦୯ମସିହା ପର୍ଯ୍ୟନ୍ତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ । ସେହିପରି ଘଂଟୁଆ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷଧରି ଶିକ୍ଷକତା ପରେ ପଂଚରୁଖି ପ୍ରାଥମିକ ବିଦ୍ୟାଳୟରୁ ଅବର ଗ୍ରହଣ କରିଥିଲେ । ସ୍ୱର୍ଗତ ମହାନ୍ତି ଅନେକ ନାଟକ ରଚନା ଓ ନିର୍ଦ୍ଦେଶନା ଦେବା ସହ ବହୁ କଳାକାର ସୃଷ୍ଟି କରିପାରିଛନ୍ତି । ସ୍ୱର୍ଗତ ମହାନ୍ତିଙ୍କ ସାନ ଭାଇ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଦେହାନ୍ତ ପରେ ସେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରର ପ୍ରଥମ ସେବକ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଏବଂ ମଧୁପୁରା ସାର୍ବଜନୀନ ଦୁର୍ଗା ପୂଜା କମିଟିର ସଭାପତି ଦାୟିତ୍ୱରେ ଥିଲେ । ଆଜି ଅପରାହ୍ନରେ ମର ଶରୀର ବାଲିଆପାଳରେ ପହଂଚିବା ପରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁକୂଳ ଭବନ ନିକଟରେ ଶିକ୍ଷକ ନେତା ଆଦିତ୍ୟକୁମାର ରାଉତ, ବିଶ୍ୱମ୍ଭର ପାତ୍ର, ନିତାଇ ଚରଣ ରାଉଳ, ପ୍ରଭାତ ରଞ୍ଜନ ସାହୁ, ସୁଶାନ୍ତ ଗିରି ସମେତ ଶତାଧିକ ଶିକ୍ଷକ ତାଙ୍କ ଶେଷ ଦର୍ଶନ କରିବା ସହ ଅମରଆତ୍ମା ସଦଗତି କାମନା କରିଥିଲେ । ପରେ ମର ଶରୀରକୁ ଏକ ଶୋଭାଯାତ୍ରାରେ ବାଲିଆପାଳ ମାଉସୀମା ବାଡି ,ଶ୍ରଦ୍ଧାକ୍ଷେତ୍ର ଜଗନ୍ନାଥ ମନ୍ଦିର,ସିମୁଳିଆ ବଜାର ପରିକ୍ରମା କରାଯାଇ ହାସିମପୁରସ୍ଥିତ ବାସଭବନକୁ ନିଆଯାଇଥିଲା । ଶ୍ରଦ୍ଧାକ୍ଷେତ୍ର ଜଗନ୍ନାଥ ମନ୍ଦିର ପୂଜକ ବିଷ୍ଣୁପଦ ପାଠୀ ଓ ପରିଚାଳନା କମିଟି ସଦସ୍ୟ ପୂର୍ବତନ ସରପଂଚ ମୁରଲୀମୋହନ ସାହୁ, ମଧୁସୂଦନ ବାରିକ, ପ୍ରଫୁଲ୍ଲ କୁମାର ସାହୁ, ସୁଶାନ୍ତ ଚକ୍ରବର୍ତୀ, ମଧୁସୂଦନ ସାହୁ ,ସମିତି ସଦସ୍ୟ ସୁଶାନ୍ତ ସେଠୀ,କଂଗ୍ରେସ ନେତା ବିଜନ ନାୟକ,ଲମ୍ବୋଦର ମାହାନା ,ନାଏବ ସରପଂଚ ପ୍ରଦୀପ ବେହେରା ,ବିଶିଷ୍ଟ କବି କାଳିପଦ ପଣ୍ଡା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ତାଙ୍କ ବାସଭବନରେ ଶହ ଶହ ଗ୍ରାମବାସୀ ଓ ଆତ୍ମୀୟସ୍ୱଜନ ତାଙ୍କର ଶେଷ ଦର୍ଶନ କରିଥିଲେ । ସନ୍ଧ୍ୟାରେ ତାଙ୍କ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି । ତାଙ୍କର ଦୁଇ ଝିଅ ଶୁଭସ୍ମିତା ଏବଂ ପ୍ରଜ୍ଞା ସରିତା ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସାନ ଭାଇ ବିଜୟ ମହାନ୍ତି, ପୁତୁରା ସତ୍ୟକାମ ମହାନ୍ତି, ଦିବ୍ୟକାମ ମହାନ୍ତି, ଭଣଜା ସୁଶାନ୍ତ ଦାସ, ଶୁଭେନ୍ଦୁ ଦାସ, ବଡ ଜ୍ୱାଇଁ ଉପସ୍ଥିତ ଥିଲେ ।


# ପିତଳ ଫାଣ୍ଡି କାର୍ଯ୍ୟକାରୀ ହେବ କେବେ ?

ଗଞ୍ଜାମ , ୦୭/୫ (ନି.ପ୍ର): ପଶେରଗଡ଼ ବ୍ଲକର ପିତଳଛକରେ ପ୍ରାୟ ଦୁଇ ବର୍ଷ ପୂର୍ବେ ପୋଲିସ ଫାଣ୍ଡି ତଥା ଆଉଟପୋଷ୍ଟ ଖୋଲିବାକୁ ପୂର୍ବତନ ମୂଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଫାଣ୍ଡି ପାଇଁ ନୂତନ ପକ୍କାଗୃହ ରାମଚନ୍ଦ୍ର ପୁର ଗ୍ରାମ ନିକଟରେ ନିର୍ମାଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଅନ୍ୟପକ୍ଷରେ ପିତଳ ଓ ଏହାର ଆଖପାଖ ଅଂଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ପିତଳ ଫାଣ୍ଡିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜନ ସାଧାରଣରେ ଦାବୀ ହେଉଛି।

# ଆକାଶ ମାର୍ଗ ଚଢ଼ାଉ ସମୟରେ ଜରୁରୀକାଳୀନ କୌଶଳ ଅଭ୍ୟାସ ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର , ୦୭/୫ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିୟମ ଠାରେ ଆକାଶ ମାର୍ଗ ଚଢ଼ାଉ ସମୟରେ କୌଶଳ ଅଭ୍ୟାସ ସମ୍ପର୍କିତ ଏକ ବୈଠକ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ସହରରେ ଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସଂଘ,ବେସରକାରୀ ଅନୁଷ୍ଠାନ ସଦସ୍ୟ /ସଦସ୍ୟା,ଆପଦ ମିତ୍ର ଉଭୟ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମେତ ସାମ୍ପ୍ରତିକ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରଶାସକଙ୍କ ଉପସ୍ଥିତିରେ ଆପଦକାଳୀନ ପ୍ରସ୍ତୁତି ସମ୍ପର୍କରେ ଗୁରୁତ୍ୱପୂର୍ଣ ଆଲୋଚନା କରାଯାଇଥିଲା । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ମଂଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ ଏବଂ ସ୍ୱାଗତ ଜଣାଇବା ସହିତ ଆହୂତ ବୈଠକ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଶ୍ରୀ ହେମନ୍ତ କୁମାର ସିଂ ଆଜିର କୌଶଳ ଅଭ୍ୟାସ ସମୟରେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ବାଲେଶ୍ୱର ସଦର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସାମ୍ପ୍ରତିକ ପରିସ୍ଥିତିରେ କୌଶଳ ଅଭ୍ୟାସର ଉପଯୋଗୀତା ପ୍ରଶାସନିକ ସ୍ତରରେ ସାଧାରଣ ଜନତାଙ୍କ ଧନଜୀବନ ସୁରକ୍ଷା ସୁନିଶ୍ଚିତ କରିବା ,ସଠିକ ବାର୍ତା ପହଂଚାଇବା ଆଦି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ନିରଞ୍ଜନ ବେହେରା ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶାନୁଯାଇ ଆଜି ଅପରାହ୍ନ ଘ: ୪ ଟିକା ସମୟରେ ସହରାଞ୍ଚଳରେ ମକଡ୍ରିଲ ନିମନ୍ତେ ସୁବ୍ୟବସ୍ଥା କରାଯିବା ସହିତ ସମ୍ଭାବିତ ପରିସ୍ଥିତିକୁ ଲକ୍ଷରଖି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନା ଉପରେ ଗୁରୁତ୍ୱ ଦେଇଥିଲେ । ଅଗ୍ନିଶମ ସେବା ବିଭାଗଦ୍ୱାରା ସମ୍ଭାବ୍ୟ ପରିସ୍ଥିତିର ପୂର୍ବାପର ଅବସ୍ଥା, ପୁନଃରୁଦ୍ଧାର କାର୍ଯ୍ୟ ,ଚିକିତ୍ସାସେବା କ୍ଷେତ୍ରରେ ସରକାରୀ, ବେସରକାରୀ ସଂସ୍ଥା ,ସଂଗଠନ ସ୍ୱେଚ୍ଛାସେବୀ , ଆପଦ ବନ୍ଧୁମାନଙ୍କର ଭୂମିକା ଓ ସହଯୋଗ ସମ୍ପର୍କରେ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଆଜିର ଏହି ଗୁରୁତ୍ୱପୂର୍ଣ ବୈଠକରେ ଜିଲ୍ଲାପାଳ ତଥା ଅଧକ୍ଷ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଉପସ୍ଥିତ ସମସ୍ତ ବିଭାଗ, ଉଭୟ ସରକାରୀ, ବେସରକାରୀ ସଂସ୍ଥା, ସଂଗଠନ ସ୍ୱେଚ୍ଛାସେବୀ, ଆପଦ ବନ୍ଧୁ ଙ୍କ ନିର୍ଦ୍ଦେଶାନୁଯାଇ ସହଯୋଗ କାମନା କରିଥିଲେ । ସମ୍ଭାବ୍ୟ ପରିସ୍ଥିତି ଆଶଙ୍କା କରି ପ୍ରଶାସନର ଗୁରୁଦାୟିତ୍ୱ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ ଅନୁଯାଇ କାର୍ଯ୍ୟ ଅନୁଯାଇ ସହଯୋଗ କାମନା କରିଥିଲେ । ଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବାଲେଶ୍ୱର ସହରାଞ୍ଚଳରେ ମକଡ୍ରିଲ ପରିପ୍ରେକ୍ଷୀରେ ଜନସାଧାରଣଙ୍କ ଅବଗତି ଓ ସହଯୋଗ ନିମନ୍ତେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଢ଼ାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥିଲା । ଏହି ଅଭ୍ୟାସ ସମୟ ଅପରାହ୍ନ ଘ: ୪ ଟିକା ଆରମ୍ଭର ସୂଚନା ଏକ ମିନିଟ ଏବଂ ଅଭ୍ୟାସ ଶେଷ ଅପରାହ୍ନ ଘ: ୪: ୩୦ ମିନିଟରେ ଏକ ମିନିଟର ସାଇରନ ସହରରେ ଦଶ ଗୋଟି ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବଜ୍। ଯାଇଥିଲା। ଏତଦ ଭିନ୍ନ କୌଶଳ ଅଭ୍ୟାସ ପ୍ରଦର୍ଶନ ସହରର ଭିନ୍ନ ଭିନ୍ନ ଦଶ ଗୋଟି ସ୍ଥାନରେ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ , ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜପ୍ରାସାଦ,ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି କଲେକଟର ଶ୍ରୀ ସୀତାଂଶୁ ଶେଖର ଦାସ , ପ୍ରଶାସନର ବରିଷ୍ଠ ପଦାଧିକାରୀ , ସମସ୍ତ ସରକାରୀ,ବେସରକାରୀ ସଂସ୍ଥା ,ସଂଗଠନ ସ୍ୱେଚ୍ଛାସେବୀ ,ଆପଦବନ୍ଧୁ, ଅଗ୍ନିଶମ , ପୋଲିସ ପ୍ରଶାସନଙ୍କ ସକ୍ରିୟ ସହଯୋଗରେ ସୁଚାରୁ ରୂପେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା ।

# 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟା ଉନ୍ମୋଚିତ




ଭୁବନେଶ୍ୱରଭୁବନେଶ୍ୱର, ୦୭/୫ (ନି.ପ୍ର): "ଏବେ ସାରା ପୃଥିବୀ ମାନବିକତାର ସଙ୍କଟରେ ସମ୍ମୁଖୀନ ହେଉଛି। ଧର୍ମ ଧର୍ମ ମଧ୍ୟରେ ସଂଘର୍ଷ ଓ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଦ୍ୱାରା ଲକ୍ଷ ଲକ୍ଷ ମଣିଷ ହତାହତ ହେଉଛନ୍ତି । ଗରିବ, ନିଷ୍ପେସିତ, ଖଟିଖିଆ ଓ ଦିନ ମଜୁରିଆ ମାନଙ୍କ ଜୀବନ ହା-ହୁତାସମୟ ହୋଇ ଉଠୁଛି । ମାନବିକ ମୂଲ୍ୟବୋଧ ରସାତଳଗାମୀ ହେଲାଣି" ବୋଲି ଗଣ ସାଂସ୍କୃତିକ ମଂଚ, ଭୁବନେଶ୍ୱର ପକ୍ଷରୁ ପ୍ରକାଶ ପାଉଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟା ଉନ୍ମୋଚନ ଉପଲକ୍ଷେ "ମାନବିକତାରେ ସଙ୍କଟ" ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅବସରରେ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାକକ୍ଷରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ପ୍ରଥିତଯଶା କବି ତଥା ବୈଜ୍ଞାନିକ ଡଃ ଆଶୁତୋଷ ପରିଡ଼ା କହିଲେ "ମାନବାଧିକାର ଓ ମାନବିକ ଗୁଣାବଳୀର ବିକାଶ ପାଇଁ ସାହିତ୍ୟ ଯେଉଁ ଭୂମିକା ପାଳନ କରିଛି ସାମ୍ପ୍ରତିକ ସମୟରେ ଏହି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସଙ୍କଟର ସମ୍ମୁଖୀନ ହେବା ପାଇଁ ଏକ ସାମାଜିକ ଆନ୍ଦୋଳନ ଗଢିତୋଳିବା ଏକାନ୍ତ ଜରୁରୀ ।" ଏହି ଉତ୍ସବରେ ସୁନାମଧନ୍ୟ ସାହିତ୍ୟ ସମାଲୋଚକ, ଗବେଷକ ଓ ପ୍ରାବନ୍ଧିକ ଡ଼. ବେଣୁଧର ପାଢୀ ମୁଖ୍ୟ ବକ୍ତା ଓ ବିଶିଷ୍ଟ କବି ଓ ପ୍ରାବନ୍ଧିକା ଡ. ଇପ୍ସିତା ଷଡ଼ଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ପରସ୍ଥିତିରେ ମାନବିକାତର ସଙ୍କଟ ଉପରେ ଆଲୋକପାତ କରିଥିଲେ। "ଯୁଗ ପ୍ରବର୍ତ୍ତକ"ର ସମ୍ପାଦକ ରାଜେନ୍ଦ୍ର ବର୍ମ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ପ୍ରଗତିବାଦୀ କବି ଓ ସ୍ତମ୍ଭକାର ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଏହା ପରେ "ଯୁଗ ପ୍ରବର୍ତ୍ତକ"ର ବିଷୁବ ସଂଖ୍ୟାର ଉନ୍ମୋଚନ ହୋଇଥିଲା। ଏହା ପରେ କବୀ ଶ୍ରୁତିକ୍ରୀତି ତ୍ରି ।ଠୀ ଓ ହରିପ୍ରିୟା ମହାନ୍ତିଙ୍କ ସଂଯୋଜନାରେ ମାନବିକତାରେ ସଙ୍କଟ ଶୀର୍ଷକ ବିଷୟବସ୍ତୁ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ଯୁଗ ପ୍ରବର୍ତ୍ତକର ଲେଖକମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ପରେ ଅନୁଷ୍ଠାନ ପକ୍ଷରୁ ଗତ ୨୩ ଜାନୁଆରୀରେ ଅନୁଷ୍ଠିତ ନେତାଜୀ ଜୟନ୍ତୀ ଓ ଗତ ୨୩ ମାର୍ଚ୍ଚ ଦିନ ଅନୁଷ୍ଠିତ ଶହୀଦ ଭଗତ ସିଂ ଫାସୀ ଦିବସ ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକାରୀ ଚିତ୍ରଶିଳ୍ପୀମାନଙ୍କୁ ସ୍ମୃତି ଫଳକ ଓ ସାର୍ଟିଫିକେଟ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ସହ ସମ୍ପଦିକା ଗାଳ୍ପିକା ପ୍ରବାସନୀ ରାଉଳ ସଭା ପରିଚାଳନା କରିଥିଲେ । ସମ୍ବର୍ଦ୍ଧିତ ଲେଖକମାନଙ୍କ ମଧ୍ୟରେ ଅଧ୍ୟାପକ ନୀଳମଣି ସାହୁ, ସୁନନ୍ଦା ମହାପାତ୍ର, ମାନଗୋବିନ୍ଦ ବାରିକ, ରମାକାନ୍ତ ସାମନ୍ତରାୟ, ହରପ୍ରିୟା ମହାନ୍ତି, ବାସନ୍ତି ମହାନ୍ତି, ସୁଲୋଚନା ମହାରଣା, ଆନ୍ । ମାର୍ଣ୍ଡି, ସୁଜାତା ପତି, ସଙ୍ଗୀତା ପତି, ଚିନ୍ମୟୀ ବାରିକ, ସରସି ଦାସ, ମିଠୁ ଚକ୍ରବର୍ତ୍ତି, ଦିନେଶ ଲେଙ୍କା, ଦିନେଶ ନାଏକ, ଲକ୍ଷ୍ମଣ ନାୟକ, ରାକେଶ କୁମାର ଦାସ, ଗିରୀଶ ଚନ୍ଦ୍ର ବେହେରା ଓ ମୀନତି ଦାସ ଅନ୍ୟତମ । ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀମାନେ ହେଲେ ସୋଫିଆ ୟାସୀନ, ଗତିକୃଷ୍ଣ ନାଏକ, ଜ୍ୟୋର୍ତି ଦେବ ସିଂହ, ପ୍ରଣବ ରଞ୍ଜନ ଚିନ୍ନାରା, ଦିପ୍ତୀମୟୀ ଚମ୍ପତି, ଜସ୍ମୀନ ସ୍ୱାତୀ ରାଜ, ସିନୁଲତା ଦାସ, ଆଦିତ୍ୟ ସେଠୀ, ଅନନ୍ୟା ପ୍ରିୟଦର୍ଶନୀ, ବୈଶାଖୀ ନାୟକ, ବିକାଶ ପଣ୍ଡା, ପ୍ରକାଶ ପରିଡ଼ା, ଦୀପଙ୍କର ରାୟ, କେଦାର ନାୟକ, ଶିବା ମଣ୍ଡଳ, ଦିବ୍ୟଜ୍ୟୋତି କୌର, ଅମୂଲ୍ୟ ରତନ ପଣ୍ଡା, ରେନେସାଁ ମହାନ୍ତି, କେନିସା ବରାଳ, ସାଇ ଅତ୍ରେୟ ଦାସ, ଅନୁରାଗ ଦାସ, ସୁରାଞ୍ଜଳି ପଣ୍ଡା ପ୍ରମୁଖ । ଶେଷରେ ପତ୍ରିକାର ସହ ସମ୍ପାଦକ ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ କବି ସୁଭାଶ୍ରୀ ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଯୋଗ ଅଲମ୍ପିଆଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୦୭/୫ (ନି.ପ୍ର): ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରଠାରେ ବ୍ଲକ୍ ସ୍ତରୀୟ ଯୋଗ ଅଲମ୍ପିଆଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜୟପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଚନ୍ଦନ ନାୟକ ଓ ସମ୍ମାନୀୟ ଅତିଥି ଭାବେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରିୟମ୍ବଦା ପାତ୍ର ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଯୋଗର ବିଶେଷତ୍ୱ ଓ ଯୋଗ ଦ୍ୱାରା ଶରୀର ଓ ମନ ସୁସ୍ଥ ରହେ ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ପ୍ରସନ୍ନ ପାଣିଗ୍ରାହୀ,ଶୁଭେନ୍ଦୁ ବେହେରା ଓ ପି ରାଜେଶ୍ୱରୀ ।ଏହାପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କନିଷ୍ଠ ବର୍ଗରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଛାତ୍ର ସୁବ୍ରତ ସାହୁ,ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନ୍ୟତା ପାତ୍ର ଓ ବରିଷ୍ଠବର୍ଗରୁ ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ରଣ୍ଡାପାଲିର ଛାତ୍ର ବିକାଶ ବାରିକ, ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରର ଛାତ୍ରୀ ଆରତୀ ଗୌଡ଼ ବ୍ଲକ୍ ସ୍ତରରେ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ଏଥିରେ ଜର୍ଜ ଥିଲେ କ୍ରୀଡା ଶିକ୍ଷୟତ୍ରୀ ରିତା ସାମନ୍ତରାୟ , ତାପସ କୁମାର ମହାନ୍ତି, କ୍ରୀଡା ଶିକ୍ଷକ ଶୁଭେନ୍ଦୁ କୁମାର ପ୍ରଧାନ। ସମ୍ପୂର୍ଣ ଭାବରେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ଶିକ୍ଷକ ଶିକ୍ଷୟତ୍ରୀ ହେଉଛନ୍ତି ଧରିତ୍ରୀ ମହାରଣା, ଗୁଲସନ୍ ମହାପାତ୍ର, ତରଙ୍ଗଲତା ଷଡ଼ଙ୍ଗୀ,ଛବିରାଣି ସାହୁ ,ପ୍ରଣବ ଦେବ ବାଲା,ସାଗରିକା ପାତ୍ର , ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶୁଭସ୍ମିତା ସାହୁ, ବିଦ୍ୟାଳୟର କର୍ମକର୍ତ୍ତା ଏ ମୂରଲୀ ।

Email-eemisundargarh@yahoo.co.in

OFFICE OF THE SUPERINTENDING ENGINEER,
MINOR IRRIGATION DIVISION, SUNDARGARH

**QUOTATION CALL NOTICE No.01/2025-26,Dated:30.04.2025**

Sealed quotations are invited from interested reputed Travel agencies/Tour operators/ Private individuals having valid GST,PAN Card etc. for providing two number diesel driven vehicle of BS-VI compliant diesel vehicle (TUV 300/Bolero/Scorpio/Ertiga) having seating capacity not more than 8(Eight) including Driver (which shall confirm to the terms & conditions of the quotation call notice) for official use by Asst. Executive Engineer, Minor Irrigation Sub-Division, Subdega & Bonai for inspection of the project work & official work on monthly rent basis for the period of one year from the date of engagement of the vehicles.

Please visit website https://dowrodisha. Gov.in or https://sundargarh.nic.in for details date & time of available of Quotation Document from 05.05.2025 of 10.00 AM to 12.05.2025 of 3.00 PM. The last date & time of sale and receipt of Quotation is 12.05.2025 and 3.00PM respectably and to be opened on 12.05.2025 and 3.30 PM.

OIPR: 32124/11/0027/2526

**Superitending Engineer**
**M.I. Division, Sundargarh**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଘରେ ପଶି ମାରିଲା...

ଜୈଶର ମୁଖ୍ୟାଳୟ ଏଲଓସି ଠାରୁ ୧୦୦ କିମି ଦୂର ବାହାବଲପୁରରେ ଥିଲେ ହେଁ ଭାରତ ସେଠାରେ ଏୟାର ଷ୍ଟ୍ରାଇକ କରିଛି। ଏଥିରେ ଆଝାର ପରିବାରର ୧୦ ଜଣ ସଦସ୍ୟ ଓ ୪ ଜଣ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ସେହିପରି ଜୈଶ ମୁଖ୍ୟାଳୟ ମଧ ଛିନଛତ୍ର ହୋଇ ଯାଇଥିବା ଜଣାପଡ଼ିଛି। ଭାରତୀୟ ସେନାର ପରାକ୍ରମ ପରେ ବିଚଳିତ, ବିବ୍ରତ ପାକିସ୍ତାନ । ଯେଉଁମାନେ ବର୍ଷ ବର୍ଷ ଧରି ନୀରିହ ଲୋକଙ୍କ ରକ୍ତରେ ହୋଲି ଖେଳୁଥିଲେ, ଆଜି ସେମାନଙ୍କ ରକ୍ତ ବୋହୁଛି । ବଞ୍ଚି ଯାଇଛି ଆତଙ୍କୀ ମାସୁଦ୍ ଅଝହର୍ । କିନ୍ତୁ ନିଜେ ଏବେ ମୃତ୍ୟୁ ପାଇଁ ଆଲ୍ଲାକୁ ଡାକୁଛି। କାହିଁକିନା ଅପରେସନ ସିନ୍ଦୂରରେ ତାର ୧୦ ସଂପର୍କୀୟ ଓ ୪ନିକଟ ସହଯୋଗୀ ନିପାତ ହୋଇଛନ୍ତି । ସେପଟେ ପୁରା ପାକିସ୍ତାନରେ ଯେମିତି ହାହାକାର ପରିସ୍ଥିତି । ଗତକାଲିଠୁ ଲାହୋର ଏୟାରପୋର୍ଟ ବନ୍ଦ ଥିବା ବେଳେ କରାଚୀ ବିମାନ ବନ୍ଦରକୁ ବି ଆଜି ଅଚାନକ ବନ୍ଦ କରି ଦିଆଯାଇଛି । ପୁରା ପଞ୍ଜାବ ପ୍ରୋଭିନସରେ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛି ପାକିସ୍ତାନ ସରକାର । ଆତଙ୍କବାଦୀଙ୍କ ଆଡ୍ଡା ଧୂଳିସାତ୍ ପରେ ହଜିଯାଇଛି ପାକିସ୍ତାନର ନିଦ । ପାକିସ୍ତାନ ଖାଲି ବାଉଳି ଚାଉଳି ହଉଛି ସିନା, ନା କିଛି କରି ପାରୁଛି ନା କହି ପାରୁଛି । ଇସଲାମାବାଦରୁ କରାଚୀ, ଲାହୋରରୁ କ୍ୱେଟା, କିଛି ବି ଶବ୍ଦ ଶୁଣିଲେ, ପାକିସ୍ତାନୀଙ୍କ ଛାତି ଥରି ଉଠୁଛି । କାରଣ ବର୍ଷ ବର୍ଷ ଧରି ନିଜ କୋଳରେ, ପାକିସ୍ତାନ ସେନା ସୁରକ୍ଷାରେ ଥିବା ଆତଙ୍କବାଦୀଙ୍କ ଗଡ୍ ଫାଦର ଏବେ ଦାଣ୍ଡର ଭିକାରୀ । ପାକିସ୍ତାନ ପଞ୍ଜାବ ପ୍ରୋଭିନ୍ସର ଆତଙ୍କବାଦୀଙ୍କ ସହର ବାହାୱଲପୁରରେ ପୁଲୱାମା ହମଲା, ପଠାନକୋଟ୍ ଆଟାକ, ସଂସଦ ହମଲାର ମାଷ୍ଟରମାଇଣ୍ଡ୍ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମାସୁଦ୍ ଅଝହର୍ ଚଲାଇଥିଲା ଆତଙ୍କୀ ଫ୍ୟାକ୍ଟ୍ରି ମକ୍ରଜ୍ ସୁଭାନଆଲ୍ଲା । ଆଉ ଏବେ ମାଟିରେ ମିଶି ଯାଇଛି ଆତଙ୍କବାଦୀଙ୍କୁ ଗଢୁଥିବା ଏହି ରାଜକୀୟ ପ୍ୟାଲେସ୍ । ଖାଲି ବଞ୍ଚିଛି ତ ଧୂଆଁ ଆଉ ଧୂଆଁ । କଶ୍ମୀରରେ ଭାରତୀୟ ଏୟାର ଡିଫେନ୍ସ ଦ୍ୱାରା ଖସାଇ ଦିଆଯାଇଥିବା ପାକିସ୍ତାନୀ ଯୁଦ୍ଧ ବିମାନଟି ଏକ ପାକିସ୍ତାନୀ (ଚାଇନିଜ ଜେଏଫର-୧୭) ଯୁଦ୍ଧ ବିମାନ। ସୂଚନାଯୋଗ୍ୟ, ଚାଇନିଜ ର-୧୭ ଥଣ୍ଡର ହେଉଛି ଏକ ହାଲୁକା, ଏକକ ଇଞ୍ଜିନ ବିଶିଷ୍ଟ ମଲ୍ଟି ରୋଲ ଫାଇଟର ଜେଟ, ଯାହାକୁ ଚାଇନା ଏବଂ ପାକିସ୍ତାନ ମିଳିତ ଭାବରେ ବିକଶିତ କରିଛନ୍ତି। ଏହାର ପ୍ରଥମ ପ୍ରୋଟୋଟାଇପ ୨୦୦୩ ମସିହାରେ ଉଡ଼ିଥିଲା ଏବଂ ଏହା ପାକିସ୍ତାନ ବାୟୁସେନାର ମୁଖ୍ୟ ଲଢୁଆ ବିମାନ। ଜେଏଫ-୧୭ ର ଲମ୍ବ ପ୍ରାୟ ୧୪.୯ମିଟର, ଡେଣା ୯.୪୫ ମିଟର ଏବଂ ଉଚ୍ଚତା ପ୍ରାୟ ୪.୭୭ ମିଟର। ଏହାର ସର୍ବାଧିକ ଟେକଅପ ଓଜନ ୧୨,୪୭୪ କିଲୋଗ୍ରାମ ପର୍ଯ୍ୟନ୍ତ। ପାକିସ୍ତାନ ଉପରେ ଭାରତର ଅପରେସନ ସିନ୍ଦୂରକୁ ନେଇ ଏବେ ଚୀନର ବୟାନ ସମ୍ନାକୁ ଆସିଛି । ବୁଧବାର ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ଚୀନ କହିଛି କି, ଭାରତର ସେନା କାର୍ଯ୍ୟାନୁଷ୍ଠାନ ଏକ ଦୁଃଖଦ ଘଟଣା ବୋଲି ଚୀନ ଗ୍ରହଣ କରିଛି । ଏନେଇ ଚୀନ ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା କହିଛନ୍ତି କି, ଏହାକୁ ନେଇ ଚୀନ ଚିନ୍ତିତ । ଭାରତ ଓ ପାକିସ୍ତାନ ଉଭୟ ପଡୋଶୀ ଦେଶ । ତେଣୁ ଉଭୟ ପକ୍ଷଙ୍କୁ ଶାନ୍ତି ବଜାୟ ରଖିବାକୁ ଚୀନ ନିବେଦନ କରିଛି । ନିଜକୁ ସମ୍ଭାଳ ଓ ଆଗକୁ କିଭଳି ଏହି ବିବାଦ ନବଢିବ ତା ଉପରେ ଆଲୋଚନା କରିବାକୁ ଚୀନ ପରାମର୍ଶ ଦେଇଛି।

## ପ୍ରଭୁ ହନୁମାନଙ୍କ ପରି ଆକ୍ରମଣ ...

ଯିଏ ଆମ ନୀରିହ ଲୋକଙ୍କୁ ମାରିଥିଲେ ସେମାନଙ୍କୁ ଟାର୍ଗେଟ କରିଛୁ । ପହଲଗାମ ଆକ୍ରମଣର ବଦଲା ନେଇଛି ଭାରତ । ସେନାବାହିନୀ ପାଇଁ ଆମେ ଆଜି ଗର୍ବିତ ବୋଲି ରାଜନାଥ କହିଥିଲେ। ଏହା ସହିତ ସେ କହିଛନ୍ତି ଆତଙ୍କୀ ମାନେ ଯେଉଁଭଳି ଢଙ୍ଗରେ ୨୬ ଜଣ ନୀରିହ ପର୍ଯ୍ୟଟକଙ୍କୁ ହତ୍ୟା କଲେ ତାହା ନିନ୍ଦନୀୟ। ଆମ ସହ ଯେମିତି ହୋଇଥିଲା ତାକୁ ସମାନ ଢଙ୍ଗରେ ଆମେ ଉତ୍ତର ଦେଇଛୁ ବୋଲି ରାଜନାଥ କହିଥିଲେ। ଏହା ସହ ରାମାୟଣର ଏକ ପଙ୍କ୍ତି ମଧ କହିଥିଲେ। ଜିନ ମୋହି ମାରା, ତେ ମାଇ ମାରା... ଅର୍ଥାତ ମୁଁ ତାକୁ ହିଁ ମାରିଛି ଯିଏ ମୋତେ ଆକ୍ରମଣ କରିଛି। ଯିଏ ଆମକୁ ଆକ୍ରମଣ କରିଥିଲେ ଆମେ ସେହି ମାନଙ୍କୁ ଆକ୍ରମଣ କରିଛୁ ଆମର ଆକ୍ରମଣରେ କୌଣସି ସାଧାରଣ ଲୋକ ଆହତ ହୋଇ ନାହାନ୍ତି ବୋଲି କହିଥିଲେ ରାଜନାଥ। ଉଲ୍ଲେଖଯୋଗ୍ୟ ଯେ, ଅପରେସନ ସିନ୍ଦୁରରେ ୯ ଆତଙ୍କବାଦୀ ଆଡ୍ଡାରେ ହୋଇଥିବା ଆକ୍ରମଣରେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ରାତି ପ୍ରାୟ ୧.୦୫ ମିନିଟରୁ ୧.୩୦ ପର୍ଯ୍ୟନ୍ତ ଏହି ଅପରେସନ ଚାଲିଥିଲା। ଏକାକାଳୀନ ୯ ସ୍ଥାନରେ ଏୟାର ଷ୍ଟ୍ରାଇକ କରିଥିଲା ଭାରତୀୟ ବାୟୁସେନା । ପାକିସ୍ତାନରେ ପ୍ରାୟ ଶହେ କିଲୋମିଟର ଭିତରେ ପଶି ଆକ୍ରମଣ କରାଯାଇଛି । ଯାହାର ଅପରେସନ ସିନ୍ଦୂରର ମନିଟରିଂ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନୂଆଦିଲ୍ଲୀରେ ରହି ପାକିସ୍ତାନ ଓ ପିଓକେରେ ଭାରତୀୟ ସେନାର ଅପରେସନ ସିନ୍ଦୂର ମନିଟରିଂ କରିଥିଲେ ପ୍ରଧାନମନ୍ତ୍ରୀ । ତିନି ସେନାର ମୁଖ୍ୟଙ୍କ ସହ ଅପରେସନ ସିନ୍ଦୂର ନେଇ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ। ଗତକାଲି ସଂଧ୍ୟାରୁ ବିଳମ୍ବିତ ରାତି ଯାଏ ସ୍ଥିତି ଉପରେ ନଜର ରଖାଯାଇଥିଲା। ଆଟାକରେ ଭାରତୀୟ ସେନା ଡ୍ରୋନ ବ୍ୟବହାର କରିଥିଲେ । ସେପଟେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ କହିଛନ୍ତି, ଭାରତ ପକ୍ଷରୁ ମିଲିଟାରୀ ଆକ୍ରମଣ କରାଯାଇଛି। ପାକିସ୍ତାନ ଏହାର କଡ଼ା ଜବାବ ଦେବ। ଏଲଓସିରେ ପାକିସ୍ତାନ ପକ୍ଷରୁ ଲଗାତାର ସେଲିଂ ମାଡ କରାଯାଉଥିବା ବେଳେ ୯ ଜଣା ସାଧାରଣ ଲୋକ ପ୍ରାଣ ହରାଇଛନ୍ତି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କୀ ହମଲାରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା।

## ଅପରେସନ ସିନ୍ଦୁର ପରେ ଦେଶର...

ଉଡ଼ାଣ ପ୍ରଭାବିତ ହୋଇଛି। ଏହି ସମସ୍ତ ଉଡ଼ାଣକୁ ୧୦ ମଇ ସକାଳ ୫:୨୯ ପର୍ଯ୍ୟନ୍ତ ବାତିଲ କରାଯାଇଛି। ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ବିମାନବନ୍ଦର ଅଭିମୁଖେ ଯିବା ପୂର୍ବରୁ ଏହାର ୱେବସାଇଟ୍ କିମ୍ବା ମୋବାଇଲ୍ ଆପ୍ ରେ ସେମାନଙ୍କର ଉଡ଼ାଣର ସ୍ଥିତି ଯାଞ୍ଚ କରିବାକୁ ନିବେଦନ କରିଛି। ଯେଉଁ ଯାତ୍ରୀମାନଙ୍କର ବିମାନ ବାତିଲ ହୋଇଛି, ସେମାନେ କୌଣସି ଅତିରିକ୍ତ ଶୁଳ୍କ ବିନା ପରବର୍ତ୍ତୀ ଉପଲବ୍ଧ ବିମାନରେ ସେମାନଙ୍କର ଯାତ୍ରା ପୁନଃନିର୍ଦ୍ଧାରିତ କରିପାରିବେ କିମ୍ବା ସେମାନଙ୍କର ବୁକିଂ ବାତିଲ କରି ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇପାରିବେ। ଏୟାର ଇଣ୍ଡିଆ ମଧ ଅମୃତସର, ଗ୍ୱାଲିୟର, ଜମ୍ମୁ, ଶ୍ରୀନଗର ଏବଂ ହିଣ୍ଡନରୁ ଚଳାଚଳ କରୁଥିବା ବିମାନଗୁଡ଼ିକ ବାତିଲ ହୋଇଥିବା ନିଶ୍ଚିତ କରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ଉତ୍ତେଜନା ମଧ୍ୟରେ, ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବୋମା ମାଡ଼ କରିବାର ଧମକ ମଧ ଆସିଛି । ବିଶେଷ କରି ଏବେ ଆଇପିଏଲ ୨୦୨୫, ବର୍ତ୍ତମାନ ଚାଲିଛି। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନେକ ଆଇପିଏଲ ମ୍ୟାଚ୍ ଖେଳାଯାଉଛି। ଏହି ମ୍ୟାଚ୍ ମଧ୍ୟରେ, ଗୁଜରାଟ କ୍ରିକେଟ୍ ଆସୋସିଏସନ୍ (ଏଉଇ) କୁ ଏକ ଧମକପୂର୍ଣ୍ଣ ମେଲ୍ ମିଳିଛି। ଏହି ମେଲରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ଏହି ଇମେଲରେ ଲେଖାଯାଇଛି, 'ଆମେ ତୁମର ଷ୍ଟାଡିୟମକୁ ଉଡ଼ାଇ ଦେବୁ' । ଏହି ଇମେଲ୍ ପାକିସ୍ତାନ ନାମରେ ଜିସିଏ ପାଖକୁ ଆସିଛି। ଏହି ମେଲ୍ ପାଇବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି ଏବଂ ଏହି ମାମଲାରେ ତଦନ୍ତ ମଧ ଆରମ୍ଭ ହୋଇଯାଇଛି। ଭାରତୀୟ ସେନା ଦ୍ୱାରା ପାକିସ୍ତାନ ଉପରେ ଆକ୍ରମଣ ଅପରେସନ ସିନ୍ଦୂର ପରେ ଏହି ଧମକ ଆସିଛି। ଯଦି ଏହି ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ଆଗାମୀ ସମୟରେ ଏହି ଷ୍ଟାଡିୟମରେ ଆଇପିଏଲର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି କାରଣରୁ, ଅହମ୍ମଦାବାଦରେ କେବଳ ଷ୍ଟାଡିୟମରେ ନୁହେଁ ବରଂ ଏହାର ଆଖପାଖ ଅଞ୍ଚଳରେ ମଧ ତଦନ୍ତ ଆରମ୍ଭ ହୋଇଛି। ନରେନ୍ଦ୍ର ମୋଦୀ ଷ୍ଟାଡିୟମ ହେଉଛି ଆଇପିଏଲ ଦଳ ଗୁଜରାଟ ଟାଇଟାନ୍ସର ଘରୋଇ ପଡ଼ିଆ। ଏହି ଷ୍ଟାଡିୟମରେ ଗୁଜରାଟର ଅନେକ ମ୍ୟାଚ୍ ଖେଳାଯାଇଛି। ଗୁଜରାଟ ଦଳ ମେ ୧୪ରେ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଏବଂ ମେ ୧୮ରେ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ସମାନ ଷ୍ଟାଡିୟମରେ ମ୍ୟାଚ୍ ଖେଳିବ।

## ମାଓବାଦୀ-ସୁରକ୍ଷାକର୍ମୀଙ୍କ...

ଛତିଶଗଡ଼ ସରକାରଙ୍କ ସମେତ ପୁଲିସ ବିଭାଗର ଏବଂ ସିଆରପିଏଫର ଉଚ୍ଚ ପଦାଧିକାରୀମାନେ ଏହି ଘଟଣା ଉପରେ ନଜର ରଖିଥିବା କହିଛନ୍ତି। ଗତ କିଛି ଦିନ ମଧ୍ୟରେ କାରେଗଟ୍ଟା ଜଂଗଲରୁ ୨୫୦ଟି ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି। ସମ୍ପୂର୍ଣ୍ଣ ନକ୍ସଲ ଦମନ ହେଲେ ହିଁ ସୁରକ୍ଷାକର୍ମୀ ଶାନ୍ତିରେ ବସିବେ ବୋଲି କୁହାଯାଇଛି।

## ଟେଷ୍ଟ କ୍ରିକେଟକୁ ବାଏ ...

ଚର୍ଚ୍ଚା ହେଉଥିଲା । କିନ୍ତୁ ଏହାକୁ ନିଜେ ଖଣ୍ଡନ କରିଥିଲେ ରୋହିତ । ଏବେ ସେ ନିଜେ ଏନେଇ ଘୋଷଣା କରିଛନ୍ତି । ଇଂଲଣ୍ଡ ଟେଷ୍ଟ ସିରିଜ୍‌ରୁ ରୋହିତଙ୍କୁ କ୍ୟାପଟେନସିପ୍‌ରୁ ବାହାର କରାଯିବା ନେଇ ଚର୍ଚ୍ଚାର କିଛି ସମୟ ମଧ୍ୟରେ ହିଁ ଟେଷ୍ଟ କ୍ରିକେଟକୁ ଅଲବିଦା କହିଲେ ହିଟମ୍ୟାନ୍ । ରୋହିତ ନିଜ ଶେଷ ଟେଷ୍ଟ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ । ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ମ୍ୟାଚ୍‌ରୁ ରୋହତିଙ୍କୁ ଖରାପ ଫର୍ମ ପାଇଁ ବାଦ ଦିଆଯାଇଥିଲା । ୩୮ ବର୍ଷୀୟ ରୋହିତ୍ ୬୭ ଟେଷ୍ଟରେ ୪୦.୫୭ ହାରରେ ୪୩୦୧ ରନ କରିଛନ୍ତି । ତାଙ୍କ ଟେଷ୍ଟ କ୍ୟାରିୟରରେ ୧୨ ଶତକ ଏବଂ ୧୮ ଅର୍ଦ୍ଧଶତକ ସାମିଲ ରହିଛି । ବର୍ତ୍ତମାନ ସମୟରେ ସେ ଭାରତ ଟେଷ୍ଟ ଓ ଦିନିକିଆ ଟିମର ଅଧିନାୟକ ଥିଲେ । ଗତ ବର୍ଷ ଟି-୨୦ ବିଶ୍ୱକପ୍ ଜିତିବା ପରେ ରୋହିତ୍ ଟି-ଟ୍ୱେଣ୍ଟି ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଥିଲେ ।

## ରାଜ୍ୟ କ୍ୟାବିନେଟ୍‌ରେ...

ନିର୍ବାଚନ ମଣ୍ଡଳୀରେ ଥିବା ସଡ଼କ ନିର୍ମାଣ ଓ ମରାମତି ପାଇଁ ନୂତନ ଯୋଜନାକୁ ମଞ୍ଜୁରୀ। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ। ନିର୍ବାଚନ ମଣ୍ଡଳୀରେ ଥିବା ସଡ଼କ ନିର୍ମାଣ ଓ ମରାମତି ପାଇଁ ନୂତନ ଯୋଜନାକୁ ମଞ୍ଜୁରୀ। ରାଜ୍ୟ ସରକାର ନିର୍ବାଚନୀମଣ୍ଡଳୀ ଅର୍ଥ ବ୍ୟବସ୍ଥା' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ମିଳିଛି। ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା। ବସ୍‌ରେ ସିସିଟିଭି, ଲାଇଭ ଭ୍ୟାନ ଟ୍ରାକିଂ, ପାନିକ୍ ବଟନ ରହିବ। ବସ୍‌ରେ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ରହିବ। ମୁଖ୍ୟମନ୍ତ୍ରୀ ବସ୍ ? ସେବାରେ ମହିଳା, ଦିବ୍ୟାଙ୍ଗ ଓ କିନ୍ନରମାନଙ୍କୁ ୫୦% ରିହାତି ମିଳିବ। ସେହିପରି ଛାତ୍ର, ବରିଷ୍ଠ ନାଗରିକମାନେ ମଧ ୫୦% ରିହାତିରେ ଯାତ୍ରା କରିପାରିବେ।

ଧ୍ୱନି ପ୍ରତିଧ୍ୱନି



# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୫

ବାରିପଦା, ୦୭/୫ (ନି.ପ୍ର): ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ୍ ଇଣ୍ଡିଆ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ନାଗରିକମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଶାରୀରିକ କାର୍ଯ୍ୟକଳାପକୁ ସାମିଲ କରିବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଏକ ପଦକ୍ଷେପକୁ କାର୍ଯ୍ୟକାରୀ କରିବାପାଇଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏକ ସାଇକେଲ ର୍ୟାଲିର ଆୟୋଜନ କରାଯାଇଥିଲା । ଏଥିରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଫ୍ଲାଗ୍-ଅଫ୍ ପୂର୍ବରୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ସମାବେଶକୁ ସମ୍ବୋଧନ କରି ନିଜ ବକ୍ତବ୍ୟରେ ନିୟମିତ ବ୍ୟାୟାମର ଗୁରୁତ୍ୱ ଉପରେ ଆଲୋକପାତ କରି ସାଇକେଲ୍ ଚାଳନା କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ ବରଂ ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ଆମର ଦାୟିତ୍ୱ ବୋଲି ସେ ମନ୍ତବ୍ୟ ଦେଇଥିଲେ । ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡକ୍ଟର ପ୍ରିୟ ରଞ୍ଜନ ଦେବତା, ସହଯୋଗୀ ପ୍ରଫେସର ଡକ୍ଟର ଗୁଣନିଧି ଧାଙ୍ଗଡାମାଝୀ, ଡକ୍ଟର ଯତୀନ୍ଦ୍ରନାଥ ବେଶ୍ରା, ଡକ୍ଟର ଜନ୍ମେଞ୍ଜୟ ନାୟକ ଏବଂ ଡକ୍ଟର ପ୍ରିୟଙ୍କା ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।



## ନାବାଳକ ନିଖୋଜ: ୮ ମାସଧରି ପୁଅକୁ ନପାଇ ଅଖିଆ ଅପିଆ ପରିବାର



ନୀଳଗିରି , ୦୭/୫ (ନି.ପ୍ର): ଦୀର୍ଘ ୭/୮ମାସ ପୂର୍ବରୁ ଜଣେ ନାବାଳକ ନିଖୋଜ ଥିବାବେଳେ ଏପର୍ଯ୍ୟନ୍ତ ତାର କୌଣସି ଖୋଜଖବର ମିଳିନାହିଁ । ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ସାନନୂଆଗାଁ ଗ୍ରାମର ଶିବ ସିଂଙ୍କ ନାବାଳକ ପୁଅ ମିଲୁ ସିଂ(୧୩) ଗତ ୭ରୁ ୮ମାସ ତଳେ ଘରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି । ବନ୍ଧୁବାନ୍ଧବ, ପରିଜନ, ସାଙ୍ଗସାଥୀ ମାନଙ୍କ ଘରେ ଖୋଜାଖୋଜି କରିଥିଲେ ମଧ ତାର କୌଣସି ପତ୍ତା ମିଳିନାହିଁ । ତାଙ୍କୁ କେହି ଅପହରଣ କରିଥାଇପାରେ କିମ୍ବା କେଉଁଆଡେ ଚାଲିଯାଇଥାଇ ପାରେ ବୋଲି ଅନୁମାନ କରାଯାଇଛି । ଶେଷରେ ପରିବାର ଲୋକେ ବରହମପୁର ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିଛନ୍ତି । ଏନେଇ ବରହମପୁର ଥାନାରେ ୨୨/୨୫ରେ ମାମଲା ରୁଜୁ କରି ନିଖୋଜ ବାଳକକୁ ଖୋଜୁଥିବା ଜଣାଯାଇଛି ।

## ପ୍ରବୀଣା ଧର୍ମପରାୟଣା ଓ ଶତାୟୁ ସାମାଜିକ କର୍ମୀଙ୍କର ପରଲୋକ

ହାଟଡିହି (କେଉଁଝର) ୭/୫କେଉଁଝର ଜିଲ୍ଲା ହାଟଡିହି ବ୍ଲକର ଗେଡମା ପଂଚାୟତର ଶତାୟୁ ଧର୍ମପ୍ରାଣା,ସାମାଜିକ କର୍ମୀ ଅନ୍ନପୂର୍ଣ୍ଣା ମହାନ୍ତିଂକର ଗତ ୪ ତାରିଖରେ ଭୁବନେଶ୍ୱରର ଆପୋଲୋ ହାସପାତାଳରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତଦେହ ଭୁବନେଶ୍ୱରରୁ ପହଁଚିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଗେଡମା ଗ୍ରାମ ଶ୍ମଶାନରେ ତାଂକର ଶେଷକୃତ୍ୟ ସମାପନ ହୋଇଛି । ବଡପୁଅ ଗେଡମା ପଂଚାୟତର ପୂର୍ବତନ ସରପଂଚ ଆନନ୍ଦ ଚନ୍ଦ୍ର ମହାନ୍ତି ମୁଖାଗ୍ନି ଦେଇଥିଲେ । ତାଂକର ମଝିଆପୁଅ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର , ସାନପୁଅ ଆଇ



ଜିଏମ କଲେଜ, ଭଦ୍ରକର ଅଧ୍ୟକ୍ଷ ସୁନନ୍ଦ, ପୁତୁରା ଉଷାନନ୍ଦ, ପୁତ୍ରବଧୂ ପ୍ରମିଳା, ପ୍ରୀତିକଳା, ପ୍ରତିମା, ପୁତୁରା ବୋହୁ ବିଳାସିନୀ, କବିତା, ନାତି ଅରବିନ୍ଦ, ଅବିନାଶ, ସୁବ୍ରତ, ଅଭିଷେକ, ବିନ୍ଦୁସାଗର, ଅଭିଜିତ, ଆୟୁଷ, ନାତୁଣୀ ବିଜୟକଲ୍ୟାଣୀ, ସୁମନ, ଶ୍ରାବଣୀ, ପ୍ରତୀକ୍ଷା, ସମୀକ୍ଷା, ଲିଂକି, ନାତୁଣୀ ବୋହୁ ମଧୁସ୍ମିତା, ନୀରଜା, ଅଣନାତି ଓ ନାତୁଣୀ ଗୁଗଲି, ଆଦି, ଈଷା, ଆନିଶ, ଗାୟତ୍ରୀ, ସନାୟାଂକ ସମେତ ଆତ୍ମୀୟ ସ୍ୱଜନ, ବଂଧୁବାଂଧବ, ଗ୍ରାମବାସୀ, ଗୁଣଗ୍ରାହୀ ମାନେ ତାଂକୁ ଶେଷଦର୍ଶନ କରିଥିଲେ । ସ୍ୱର୍ଗୀୟା ଅନ୍ନପୂର୍ଣ୍ଣା ସ୍ୱର୍ଗୀୟ ଶିକ୍ଷାବିତ ହୃଷିକେଶ ମହାନ୍ତିଂକର ସହଧର୍ମିଣୀ । ସ୍ୱାମୀଂକ ପ୍ରେରଣାରେ ସେ ଗେଡମା ପଂଚାୟତର ବିଭିନ୍ନ ଗ୍ରାମରେ ଶିକ୍ଷାନୁଷ୍ଠାନ,ଧାର୍ମିକ, ସାମାଜିକ ଅନୁଷ୍ଠାନ ଗଢିବା ସହିତ ସେଗୁଡିକର କ୍ରମବିକାଶରେ ଅଗ୍ରଣୀ ଭୂମିକା ତୁଲାଇଥିଲେ । ପରିଣତ ବୟସରେ ବି ସେ ଚଳଚଂଚଳ ରହିବା ସହିତ ସମସ୍ତଂକୁ ସ୍ନେହମମତାର ଡୋରିରେ ବାଂଧି ରଖିଥିଲେ । ତାଂକ ମୃତ୍ୟୁରେ ଗେଡମା ପଂଚାୟତରେ ଶୋକର ଛାୟା ଖେଳିଯାଇଛି ।

## ସୁଧୁରିବ ଜଳେଶ୍ୱର ଅଞ୍ଚଳର ଚିକିତ୍ସା ବ୍ୟବସ୍ଥା: ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହିତ ବ୍ରଜ ମୋହନ ପ୍ରଧାନଙ୍କ ସାକ୍ଷାତ ଆଲୋଚନା

ଜଳେଶ୍ୱର, ୦୭/୫ (ନି.ପ୍ର): ଓଡ଼ିଶା ଲୋକ ସେବା ଭବନ ଭୁବନେଶ୍ୱର ଠାରେ ଓଡ଼ିଶାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କୁ ଗତକାଲି ସାକ୍ଷାତ କରି ଜଳେଶ୍ୱର ଅଞ୍ଚଳବାସୀ ଙ୍କ ଚିକିତ୍ସାରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇବା ସହିତ ଆଗମୀ ଦିନରେ ଏହାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ଜଣାଇ ଥିଲେ ।ଜଳେଶ୍ୱର ଅଞ୍ଚଳର ମୁଖ୍ୟ ଡାକ୍ତରଖାନା ଜି.କେ ଭଟ୍ଟର ହୋଇଥିଲେ ମଧ୍ୟ ଏଥିରେ ସବୁବେଳେ ଡ଼ାକ୍ତର ଅଭାବ ରୁହନ୍ତି ।ଏହି ଡାକ୍ତରଖାନାରେ ଜଳେଶ୍ୱର ସମେତ ସୀମାନ୍ତ ପଶ୍ଚିମବଙ୍ଗ ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି ।ବିଭିନ୍ନ ବିଭାଗର ଡାକ୍ତର ନ ଥିବାରୁ ରୋଗୀ ସେବା ପାଇବାରୁ ବଞ୍ଚିତ ହେବା ସହିତ ବହୁ ଦୂର ଦୁରାନ୍ତକୁ ଯାଇ ନିଜର ଚିକିତ୍ସା



କରାଇ ଥାନ୍ତି ।ଜଳେଶ୍ୱରକୁ ପାଖକୁ ଲାଗି ପଶ୍ଚିମବଙ୍ଗ ରାଜ୍ୟ ଥିବାରୁ ଅନେକ ପଶ୍ଚିମବଙ୍ଗର ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରନ୍ତି ।ମାତ୍ର ବିଭିନ୍ନ ବିଭାଗର ବିଶେଷଜ୍ଞ ନ ଥିବାରୁ ଚିକିତ୍ସା ନ ପାଇ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଅନେକ ସମୟରେ ଚିକିତ୍ସାକୁ ନେଇ ହସ୍ପିଟାଲରେ ଉତ୍ତେଜନା ମଧ୍ୟ ଦେଖିବା ପାଇଁ ମିଳିଥାଏ, ଏହାର ସ୍ଥାୟୀ ସମାଧାନ ନିମନ୍ତେ ଜଳେଶ୍ୱରର ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଓଡ଼ିଶା ଲୋକସେବା ଭବନରେ ରାଜ୍ୟର ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗଙ୍କ ସହିତ ସାକ୍ଷାତ କରି ଜି.କେ ଭଟ୍ଟର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଆଇ.ସି.ୟୁ, ବ୍ଲଡ଼ ବ୍ୟାଙ୍କ, ଅନ୍ୟାନ୍ୟ ପଦବୀ ପୂରଣ ଓ ଭିତ୍ତିଭୂମି ବିକାଶ ପାଇଁ ସବିଶେଷ ଆଲୋଚନା କରିଥିଲେ ।ଜୁନ ମାସ ଶେଷ ସୁଦ୍ଧା ବିଶେଷଜ୍ଞ, ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ମହାଲିଙ୍ଗ ପ୍ରତିଶୃତି ଦେଇଥିଲେ ।

## ଅପରେସନ ସିନ୍ଦୂର ଭାରତ ପାଇଁ ଗର୍ବ ଓ ଗୌରବର ଦିନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୦୭/୫ (ନି.ପ୍ର): ଅପରେସନ ସିନ୍ଦୂରକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏହା ଭାରତ ବର୍ଷ ପାଇଁ ଗର୍ବ ଓ ଗୌରବର ଦିନ । ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ପ୍ରତିଶୋଧ ନେଇ ଆତଙ୍କୀବାଦ ଆଡ୍ଡା ଉଡାଯାଇଛି । ଏହା ଭାରତ ସେନାର ପାରଦର୍ଶିତା ବିଶ୍ୱରେ ଜଣାଯାଇଛି । ଗୋଟେ ଭାରତୀୟକୁ ହାତ ଉଠାଇଲେ, ସାରା ଦେଶ ଜବାବ ଦେବ । ଅପରେସନ ସିନ୍ଦୁର ନାଁ ଅର୍ଥ ଆତଙ୍କୀବାଦୀ ଯେଉଁ ଭାରତୀୟ ମହିଳାଙ୍କ ସିନ୍ଦୁର ଲିଭାଇଥିଲେ, ତାହାର ଜବାବ । ଏହା ସାମଗ୍ରିକ ଭାବେ ନାରୀ ଶକ୍ତି ଓ ସଶକ୍ତ ମିଲିଟାରୀ ଅପରେସନ । ଯେଉଁଥିରେ କୌଣସି ସାଧାରଣ ନାଗରିକ ମରିନାହାନ୍ତି । ଯାହା ଅନ୍ୟ କୌଣସି ଦେଶ କରିନି । ସାମରିକ ଦକ୍ଷତାର ପରିଚୟ ଆସିଛି । ବିଶ୍ୱ ଚକିତ ଓ ଆନନ୍ଦିତ କାରଣ ଆତଙ୍କବାଦ ଉପରେ ପାଲଟା ଆକ୍ରମଣ ଭାରତ କରିଛି ।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍‌ରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ଭାଗନେବେ ୨ ଖେଳାଳୀ

ମୟୂରଭଂଜ, ୦୭/୫ (ନି.ପ୍ର): ବିହାର ଠାରେ ଚଳିତ ମାସ ୪ ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ -୨୦୨୫ ମହିଳା ବିଭାଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ ଜଣ ବାଳିକା ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି, ସେମାନେ ହେଲେ; ସୁମିତ୍ରା ମୁର୍ମୁ ଓ ନମିତା ହେମ୍ବ୍ରମ ଓ ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି,



ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

## ଭାରତୀୟ ସେନାକୁ ସମର୍ଥନ କରି ବିଶାଳ ଶୋଭାଯାତ୍ରା

ବାସୁଦେବପୁର, ୦୭/୫ (ନି.ପ୍ର): ବାସୁଦେବପୁର ସହରରେ ଆଜି ଭାରତୀୟ ସେନାକୁ ସମର୍ଥନ କରି ରାଷ୍ଟ୍ରପ୍ରେମୀ ଯୁବକ ମାନଙ୍କ ଦ୍ୱାରା ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ଶୋଭାଯାତ୍ରାରେ ଦେଶପ୍ରେମୀ ବନ୍ଧୁ ସୁବ୍ରତ କୁମାର ଧଳ, ଶଶାଙ୍କ ଶେଖର ସାମଲ, ମହେଶ୍ୱର ଧଳ, ଜୟ ପ୍ରକାଶ ମଲ୍ଲିକ,ମହେଶ୍ୱର ବାରିକ,ଜଗବନ୍ଧୁ ସାହୁ, ରଶ୍ମି ରଞ୍ଜନ ପଲାଇ, କୈଳାସ ଚନ୍ଦ୍ର ନାଥ, ନୀରଦ କୁମାର ଦାଶ,



ରାଜ କିଶୋର ବାରିକ,ରାଧା ଶ୍ୟାମ ମହାନ୍ତି ଓ ଅନ୍ୟାନ୍ୟ ଭାଇ ବନ୍ଧୁ ଯୋଗ ଦେଇଥିଲେ । ଦେଶ ପ୍ରେମୀ ଭାଇ ମାନେ ସ୍ଲୋଗାନ ଦେଇଥିଲେ ଭାରତ ମାତା କି ଜୟ, ପାକିସ୍ଥାନ ଛି ଛି, ବନ୍ଦେ ମାତରଂ, ଭାରତ ମାଟିରେ ଆତଙ୍କ ବାଦ ଚାଲିବ ନାହିଁ । ଭାରତ ପାକିସ୍ଥାନର ଯୁଦ୍ଧରେ ଭାରତ ନିଶ୍ଚିତ ବିଜୟ ଲାଭ କରିବ ବୋଲି ଦେଶ ପ୍ରେମୀ ଭାଇ ମାନେ ପ୍ରକାଶ କରିଥିଲେ ।

## ଜୀ ସାର୍ଥକର ସୁପରହିଟ ମେଗା ଧାରାବାହିକ 'ସାଥୀ ସାତ ଜନ୍ମର' ହୋଇପାରିବ କି ଦେବ ଓ ଅର୍ଚ୍ଚନାର ବାହାଘର ?


ଭୁବନେଶ୍ୱର, ୦୭/୫ (ନି.ପ୍ର): ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ । ଯେଉଁଥିପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା । ପ୍ରସାରିତ ହେବାର ଖୁବ କମ୍ ସମୟ ମଧ୍ୟରେ ବେଶ୍ ଲୋକପ୍ରିୟତା ସାଉଁଟୁଛି 'ସାଥୀ ସାତ ଜନ୍ମର' ଧାରାବାହିକ । କାହାଣୀରେ ଆମେ ଦେଖିବାକୁ ପାଉଛନ୍ତି ଯେ, ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପୂର୍ବରୁ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବାହାଘର ଦିନ ଦେବଙ୍କ ବାପା ନଟ ବାହାଘର ସ୍ଥାନରେ ମଦ୍ୟପାନ କରି ଅଚେତ୍ ଅବସ୍ଥାରେ ପଡିଥିବାର



ଦେଖାଯାଏ, ଯାହାପରେ ଘଟଣା ନାଟକୀୟ ମୋଡ଼ ନେଇଥାଏ । ବିବାହ ଜାରି ରହିବା ସମୟରେ ଭାର୍ଗବୀ ଓ ପ୍ରିନ୍ସ ବାହାଘରକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥାନ୍ତି । ଅର୍ଚ୍ଚନାର ମା ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦରେ ପଡ଼ିଯା'ନ୍ତି ଓ ଦେବଙ୍କ ପରିବାର ଉପରେ ତାଙ୍କ ବିଶ୍ୱାସ ଭାଙ୍ଗିଯାଏ । ଦେବ ମୁଣ୍ଡରେ ସିନ୍ଦୁର ଲଗାଇବାକୁ ଯାଉଥିବା ସମୟରେ ଅର୍ଚ୍ଚନା ଙ୍କ ମା ଦେବଙ୍କ ଚରିତ୍ର ଉପରେ ସନ୍ଦେହ କରନ୍ତି ଏବଂ ଚିନ୍ତାରେ ପଡନ୍ତି । ତେବେ କ'ଣ ବିବାହ ଆଗକୁ ବଢିବ ? ନା ଅର୍ଚ୍ଚନାଙ୍କ ମାଙ୍କ ସନ୍ଦେହ ଏହି ସମ୍ପର୍କକୁ ଭାଙ୍ଗିଦେବ ! ଏହି ନାଟକୀୟ ମୋଡ଼କୁ ଦେବ ଓ ଅର୍ଚ୍ଚନା କେମିତି ପାର କରି 'ସାଥୀ ସାତ ଜନ୍ମର' ହେବେ ? ସବୁକିଛି ଜାଣିବାକୁ ଧାରାବାହିକର ଯାତ୍ରାରେ ନିଜକୁ ସାମିଲ କରିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।

## ୫ଟି ଆଇଆଇଟି ଭିତ୍ତିଭୂମିର ସମ୍ପ୍ରସାରଣ ସହ ଆଇଟିଆଇର ବିକାଶ ନେଇ କ୍ୟାବିନେଟର ନିଷ୍ପତ୍ତିକୁ ସ୍ୱାଗତ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୭/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଭାରତରେ ଧନ୍ଦାମୂଳକ ଶିକ୍ଷାରେ ପରିବର୍ତ୍ତନ ଆଣିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ମୋଟ୍ ୬୦,୦୦୦ କୋଟି ଟଙ୍କା ବ୍ୟୟରେ ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ)ର ଉନ୍ନତିକରଣ ଯୋଜନା ଏବଂ ଦକ୍ଷତା ବୃଦ୍ଧି ପାଇଁ ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ ଅନୁମୋଦନ ମିଳିଛି, ଯାହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି । ଏହି ଯୋଜନାରେ ୧୦୦୦ ସରକାରୀ ଆଇଟିଆଇର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯିବ ଏବଂ ଏହି ଅନୁଷ୍ଠାନଗୁଡ଼ିକରେ ଦକ୍ଷତା ପାଇଁ ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସହିତ ଶିଳ୍ପ ସଂଯୁକ୍ତ ସଂଶୋଧିତ ଟ୍ରେଡ୍ (ପାଠ୍ୟକ୍ରମ) ଏବଂ ୫ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ଉପରେ



ଆଲୋଚନା କରାଯିବ । ଏହି ଯୋଜନା ଅଧୀନରେ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଓ ଲୁଧିଆନା ଭଳି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଶିକ୍ଷକଙ୍କ ଉନ୍ନତ ପ୍ରଶିକ୍ଷଣ ପାଇଁ ଭିତ୍ତିଭୂମି ଉନ୍ନତିକରଣ କରାଯିବ । ଏଥିସହ ୫୦ ହଜାର ପ୍ରଶିକ୍ଷକଙ୍କୁ ପ୍ରାକ୍ ସେବା ଓ ଚାକିରିକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ନିଷ୍ପତି ଦକ୍ଷତା ବିକାଶ ପରିସଂସ୍ଥାନକୁ ପ୍ରୋତ୍ସାହିତ କରିବ । ଦୀର୍ଘଦିନର ଚ୍ୟାଲେଞ୍ଜର ସମାଧାନ ହେବ । ପାରମ୍ପରିକ ଏବଂ ନୂତନ ଯୁଗର ବାଣିଜ୍ୟରେ ଶିଳ୍ପ-କର୍ମଚାରୀ ବ୍ୟବଧାନ ଦୂର ହେବ । ଆମ ଆଇଟିଆଇଗୁଡ଼ିକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବ । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୨୦ ଲକ୍ଷରୁ ଅଧିକ ଯୁବକଙ୍କୁ ଦକ୍ଷତା ଏବଂ ଉନ୍ନତ ଦକ୍ଷତା ପ୍ରଦାନ କରିବା ଦିଗରେ ବିଶେଷ ସହାୟକ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଦକ୍ଷତା ବିକାଶ ଏକ ବିକଳ୍ପ ନୁହେଁ-ବରଂ ଏକ ଜାତୀୟ ଆବଶ୍ୟକତା । ଏହି ଦୂରଦର୍ଶୀ ନିଷ୍ପତ୍ତି ଭବିଷ୍ୟତର କର୍ମଚାରୀଙ୍କ ପାଇଁ ଏକ ମଜଭୁତ୍ ରେଖା ଟାଣିବ ଏବଂ ବିଶ୍ୱର ଦକ୍ଷତା ରାଜଧାନୀ ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ । ଦକ୍ଷତା ବିକାଶ ପରିଦୃଶ୍ୟରେ ପରିବର୍ତ୍ତନ ଆଣିବା, ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ମାନବସମ୍ବଳ ପ୍ରସ୍ତୁତ କରିବା ଦିଗରେ ଏହା ଏକ ବଡ ପଦକ୍ଷେପ । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୫ଟି ଆଇଆଇଟି ତଥା ଆଇଆଇଟି ତିରୁପତି, ଆଇଆଇଟି ପଲକ୍କଡ, ଆଇଆଇଟି ଭିଲାଇ, ଆଇଆଇଟି ଜମ୍ମୁ ଏବଂ ଆଇଆଇଟି ଧାରୱାଡ଼ର ଶୈକ୍ଷିକ ଏବଂ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ମୋଟ ୧୧ ହଜାର ୮୨୮.୭୯ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ବିଶ୍ୱସ୍ତରୀୟ ଶିକ୍ଷା, ନବସୃଜନ ଏବଂ ଗବେଷଣାର ଅଧିକ ସୁଯୋଗ ସହିତ ଭାରତର ଯୁବକମାନଙ୍କୁ ସଶକ୍ତ କରିବା ଦିଗରେ ଏହି ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଏକ୍ସରେ ଏହି ନିଷ୍ପତିକୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଏହା ଦ୍ୱାରା ଏହି ଆଇଆଇଟିଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬,୫୦୦କୁ ବୃଦ୍ଧି ପାଇବ । ୫ଟି ନୂତନ ଅତ୍ୟାଧୁନିକ ଗବେଷଣା ପାର୍କ ପାଇଁ ରାସ୍ତା ପ୍ରଶସ୍ତ ହେବ । ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ । ଉଦ୍ଭାବନ ଓ ପ୍ରଗତିକୁ ପ୍ରୋତ୍ସାହନ ମିଳିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବ । ସେ ଆହୁରି କହିଛନ୍ତି ଯେ ବିଗତ ଏକ ଦଶନ୍ଧି ମଧ୍ୟରେ ମୋଦୀ ସରକାରରେ ୨୩ଟି ଆଇଆଇଟିରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୦ ପ୍ରତିଶତ ବୃଦ୍ଧି ହୋଇଛି । ସେତେବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୫,୦୦୦ ଥିବା ବେଳେ ଏବେ ତାହା ବଢି ୧ ଲକ୍ଷ ୩୫ ହଜାରରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ଯୁବାକାଂକ୍ଷାକୁ ପୂରଣ କରିବା ସହ ସେମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିଛନ୍ତି । ସେହିପରି ଶିକ୍ଷାଗତ ସାମଞ୍ଜସ୍ୟକୁ ଦୂର କରିବା, ଯୁବଶକ୍ତିଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ତଥା ନବସୃଜନ-ନେତୃତ୍ୱାଧୀନ ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ବଦ୍ଧ ପରିକର ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

## ସମ୍ଭାବ୍ୟ ଯୁଦ୍ଧ ପାଇଁ କ୍ୟାପିଟାଲ ହସ୍ପିଟାଲର ପ୍ରସ୍ତୁତି

ଭୁବନେଶ୍ୱର, ୦୭/୫ (ନି.ପ୍ର): ସମ୍ଭାବ୍ୟ ଯୁଦ୍ଧ ପାଇଁ କ୍ୟାପିଟାଲ ହସ୍ପିଟାଲର ପ୍ରସ୍ତୁତି । ସମସ୍ତ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । କାଜୁଆଲଟି ପାଖରେ କଂଟ୍ରୋଲ ରୁମ ମଧ୍ୟ ଖୋଲା ଯାଇଛି ବୋଲି କ୍ୟାପିଟାଲ ହସ୍ପିଟାଲ ଡେପୁଟି ଡାଇରେକ୍ଟର ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି । ୪ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ଦୁଇଟି ଆମ୍ବୁଲାନ୍ସ ଆହତ ଲୋକଙ୍କୁ ଆଣିବାକୁ ଯିବ, ଆଉ ଦୁଇଟି ଆମ୍ବୁଲାନ୍ସ କ୍ୟାପିଟାଲ ହସ୍ପିଟାଲରେ ମହଜୁଦ ରହିବ । ୨୦ଟି ବେଡ଼ ବିଶିଷ୍ଟ ୩ଟି ସ୍ୱତନ୍ତ୍ର ୱାର୍ଡ ଖୋଲା ଯାଇଛି । ଯେହେତୁ ବୋମା ବର୍ଷଣ ହୋଇପାରେ ସେଥିପାଇଁ ସ୍ୱତନ୍ତ୍ର ବର୍ଣ୍ଣ ୟୁନିଟ ମଧ୍ୟ ଖୋଲା ଯାଇଛି । ଏହାସହ ୱାର କଂଟ୍ରୋଲ ରୁମ ମଧ୍ୟ କାଜୁଆଲଟି ପାଖରେ ଖୋଲା ଯାଇଛି । ନିଜେ କ୍ୟାପିଟିଲ ହସ୍ପିଟାଲର ଡେପୁଟି ଡାଇରେକ୍ଟର ଅନୁଧ୍ୟାନ କରିବେ । ୱାର ପାଇଁ ସ୍ୱତନ୍ତ୍ର ଡାକ୍ତର, ନର୍ସ, ଆଟେଣ୍ଡାଂଟ ମାନେ ରହିବେ ବୋଲି ସେ କହିଛନ୍ତି ।

## ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ବିମାନ ସେବା ପ୍ରଭାବିତ

ନୂଆଦିଲ୍ଲୀ, ୦୭/୫ (ନି.ପ୍ର): ଭାରତ ଦ୍ୱାରା ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ଗତକାଲି ବିଳମ୍ବିତ ରାତିରେ ହୋଇଥିବା ଆକ୍ରମଣ ପରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନାର ପ୍ରଭାବ ବିମାନ ସେବା ଉପରେ ବି ଦେଖିବାକୁ ମିଳିଛି । ସୁରକ୍ଷା କାରଣରୁ ଦେଶର କିଛି ଏୟାରପୋର୍ଟରୁ ଉଡାଣ ସେବା ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି । ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ସ୍ପାଇସଜେଟ ପରି ପ୍ରମୁଖ ବିମାନ କଂପାନୀ ନିଜ ନିଜ ବୟାନ ଜାରି କରି ଯାତ୍ରୀଙ୍କୁ ସତର୍କ ରହିବାକୁ ଓ ଅପଡେଟ ରହିବାକୁ ପରାମର୍ଶ ଦେଇଛନ୍ତି । ଏୟାର ଇଣ୍ଡିଆ ଏକ ବୟାନରେ କହିଛି ଯେ, ଜମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ଅମୃତସର, ଭୁଜ, ଜାମନଗର, ଚଣ୍ଡିଗଡ ଓ ରାଜକୋଟରୁ ମେ ୭ ତାରିଖ ୧୨ଟା ଯାଏ ସମସ୍ତ ଉଡାଣକୁ ରଦ୍ଦ କରିଦିଆଯାଇଛି । କଂପାନୀ କହିଛି ଯେ, ଏହି ନିଷ୍ପତ୍ତି ସ୍ଥାନୀୟ ଅଧିକାରୀଙ୍କ ଠାରୁ ଆଗାମୀ ନିର୍ଦ୍ଦେଶ ମିଳିବା ଯାଏ ନିଆଯାଇଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida